**ବିଶେଷ ସୂଚନା**

ଯଦି ଆପଣ ଖବରକାଗଜରେ କୌଣସି ଖବର କିମ୍ବା ବିଜ୍ଞାପନ ଦେବା ପାଇଁ ଚାହୁଁଛନ୍ତି ତେବେ ଦିଆଯାଇଥିବା whatsapp ନମ୍ବରରେ ପଠାଇପାରିବେ କିମ୍ବା ମେଲ୍ କରିପାରିବେ।

7735333804
odishanishabda@gmail.com

ORORI/26/A4490

# ଓଡ଼ିଶା ନିଶବ୍ଦ

ନିର୍ଭିକ ଓ ନିରପେକ୍ଷ ଖବର

ODISHA NISHABDA
epaper.odishanishabda.com

ODISHA NISHABDA LIVE ଓଡ଼ିଶା ନିଶବ୍ଦ
Follow Us: odishanishabda
odishanishabda
www.odishanishabda.com
epaper.odishanishabda.com

Vol–1 ■ Issue–16 ■ 15th-21st October. 2026 ■ Weekly ■ Bhubaneswar ■ Page–8 ■ Price–5.00 ■ ବର୍ଷ-୧ ■ ସଂଖ୍ୟା-୧୬ ■ ୧୫-୨୧ ଅକ୍ଟୋବର ୨୦୨୬ ■ ସାପ୍ତାହିକ ■ ଭୁବନେଶ୍ୱର ■ ପୃଷ୍ଠା-୮ ମୂଲ୍ୟ-୫.୦୦


### ଘାଟିକିଆ ଓ ଗାଡ଼କଣଠାରେ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ବାସହୀନଙ୍କୁ ଗୃହ ଯୋଗାଇବାକୁ ସରକାରଙ୍କ ଲକ୍ଷ୍ୟ





**ଭୁବନେଶ୍ୱର:** ଆମେ ଏପରି ଏକ ଭୁବନେଶ୍ୱର ଗଢିବାକୁ ଚାହୁଁଛୁ, ଯେଉଁଠି ଗରିବ ପରିବାର ସମ୍ମାନର ସହ ରହି ପାରିବେ, ଶ୍ରମିକ ମାନେ ସୁଲଭ ଅବାସ ପାଇ ପାରିବେ, ଯୁବପିଢି ନିଜ ପ୍ରତିଭା ବିକଶିତ କରିପାରିବେ ଏବଂ ପ୍ରତ୍ୟେକ ନାଗରିକ ସୁସ୍ଥ ଓ ଉନ୍ନତ ଜୀବନଯାପନ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଘାଟିକିଆ ଠାରେ ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ ଅବସରରେ କହିଛନ୍ତି । ମୁଖ୍ୟମନ୍ତ୍ରୀ ଘାଟିକିଆଠାରେ 'ନୀଳକଣ୍ଠେଶ୍ୱର ନିବାସ' ଏବଂ ଗାଡ଼କଣଠାରେ 'ମୁକ୍ତେଶ୍ୱର ରେସିଡେନ୍ସି' ନାମକ ଦୁଇଟି ସୁଲଭ ଆବାସିକ ପ୍ରକଳ୍ପ ଲୋକାର୍ପଣ କରିଛନ୍ତି । ଗାଡ଼କଣରେ ୬ ଏକରରୁ ଅଧିକ ଜମି ଉପରେ ପ୍ରାୟ ୯୫ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୮୦ଟି ଆବାସ ଗୃହ ଏବଂ ଘାଟିକିଆରେ ୫ ଏକରରୁ ଅଧିକ ଜମି ଉପରେ ୬୬ କୋଟି ୪୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ୯୨୮ଟି ଆବାସ, ଅର୍ଥାତ୍ ମୋଟ ୧,୬୦୮ଟି ସୁଲଭ ଆବାସ ସହ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୧୨ଟି ଅତ୍ୟାଧୁନିକ ଖେଳ ପଡିଆ ମୁଖ୍ୟମନ୍ତ୍ରୀ ଲୋକାର୍ପିତ କରିଛନ୍ତି । ଏଥିସହିତ ବୁଦ୍ଧ ବିହାର, ନୀଳମାଧବ, ସୁବୁଦ୍ଧିପୁର ଓ ଶାନ୍ତିପଲ୍ଲୀଠାରେ ମଧ୍ୟ ୯୬୨ଟି ପରିବାରକୁ ଗୃହପ୍ରବେଶ କରାଯାଇଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖାଦ୍ୟ ପରେ ଜଣେ ବ୍ୟକ୍ତିଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ହେଉଛି 'ମୁଣ୍ଡ ଉପରେ ଛାତ'। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ କେବଳ ଘର ନିର୍ମାଣ ନୁହେଁ, ବରଂ ଶୌଚାଳୟ, ପାଇପ୍ ? ଯୋଗେ ପିଇବା ପାଣି, ବିଦ୍ୟୁତ୍ ଏବଂ ରନ୍ଧନ ଗ୍ୟାସ ଯୋଗାଇ ଦେଇ ଗରିବ ପରିବାରଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ କରୁଛନ୍ତି। ଓଡ଼ିଶା ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରାଞ୍ଚଳ) ଅଧୀନରେ ୨ ଲକ୍ଷରୁ ଅଧିକ ଘର ମଞ୍ଜୁର ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ 'ଅନ୍ତ୍ୟୋଦୟ ଗୃହ ଯୋଜନା' ମାଧ୍ୟମରେ ପ୍ରାୟ ପାଞ୍ଚ ଲକ୍ଷ ଘର ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

କେବଳ ଆବାସ ନୁହେଁ, ପିଲାମାନଙ୍କ କ୍ରୀଡ଼ା ପ୍ରତିଭା ବିକଶିତ କରିବା ଏବଂ ବରିଷ୍ଠ ନାଗରିକଙ୍କ ସୁସ୍ଥତା ପାଇଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବିଡ଼ିଏ ଦ୍ୱାରା ସମ୍ପୂର୍ଣ୍ଣ ହୋଇଥିବା ୧୨ଟି ଅତ୍ୟାଧୁନିକ ଖେଳପଡ଼ିଆକୁ ମଧ୍ୟ ଲୋକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ଉତ୍ସର୍ଗ କରିଛନ୍ତି। ଏହି ଖେଳପଡ଼ିଆଗୁଡ଼ିକ ମଧ୍ୟରେ ବଜରଙ୍ଗୀ, କେ-୪, କୋଳଥିଆ, ତମାଣ୍ଡୋ, ନଖରା, ସିବିଏସ୍ ?ଇ ଆଞ୍ଚଳିକ କାର୍ଯ୍ୟାଳୟ, ଯଦୁପୁର, ଡମଣା ହାଇସ୍କୁଲ, ୟୁନିଟ୍-୨ ବାଳିକା ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱର ସେଣ୍ଟ୍ରାଲ ୟୁପି ସ୍କୁଲ, ଘାଟିକିଆ, ୟୁନିଟ୍-୮ ବାଳକ ଉଚ୍ଚ ବିଦ୍ୟାଳୟ ଏବଂ ସହିଦ ନଗର ହାଇସ୍କୁଲ ଖେଳପଡ଼ିଆ ଅନ୍ତର୍ଭୁକ୍ତ। ଏହି ସମସ୍ତ ପଦକ୍ଷେପ ଭୁବନେଶ୍ୱରକୁ ଏକ ସୁରକ୍ଷିତ, ସମାବେଶୀ ଓ ସନ୍ତୁଳିତ ସହର ଭାବେ ଗଢ଼ିବାରେ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସହରରେ ପ୍ରବାସୀ ଶ୍ରମିକ ଓ ନିମ୍ନ ଆୟବର୍ଗର ପରିବାରଙ୍କୁ ସୁଲଭ ଭଡ଼ାରେ ଘର ଯୋଗାଇ ଦେବା ପାଇଁ "ଚଗଇଣ -ଟକ୍ସ- ଭବଭ ଈଇଘଉଐଟ" ଯୋଜନା ଆରମ୍ଭ କରାଯାଇଥିବା କଥା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ଗାଡ଼କଣଠାରେ ସୁଲଭ ଭଡ଼ା ଆବାସ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାଦ୍ୱାରା ଶ୍ରମିକମାନେ ନିଜ କାର୍ଯ୍ୟସ୍ଥଳୀ ନିକଟରେ କମ୍ ଭଡ଼ାରେ ନିଶ୍ଚିନ୍ତରେ ରହିପାରିବେ। ଏହାଛଡ଼ା ହିତାଧିକାରୀମାନଙ୍କୁ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ମାଧ୍ୟମରେ ଗୃହ ଋଣ ପ୍ରଦାନ କରାଯାଇଛି, ଯାହାଦ୍ୱାରା ସେମାନେ ନିଜର ଅଂଶ ଟଙ୍କା ପରିଶୋଧ କରି ନିଜ ଘରର ମାଲିକ ହୋଇପାରିବେ।

ମୁଖ୍ୟମନ୍ତ୍ରୀ ରହି ଘାଟିକିଆସ୍ଥିତ 'ନୀଳକଣ୍ଠେଶ୍ୱର ରେସିଡେନ୍ସି'ର ହିତାଧିକାରୀ ଲକ୍ଷ୍ମୀଧର ସେଠୀ, ନଇମୁଦ୍ଦିନ ଖାନ୍, ରାମଚନ୍ଦ୍ର ସେଠୀ ଓ ରସିକ ଖଣ୍ଡାୟତରାୟ ଏବଂ ଗାଡ଼କଣାସ୍ଥିତ 'ମୁକ୍ତେଶ୍ୱର ରେସିଡେନ୍ସି'ର ନିର୍ମଳା ବାରିକ, ଶଶ୍ମିତା ପାତ୍ର, ରୂପା ସାହୁ ଓ ଦ୍ରୌପଦୀ ଦେବୀଙ୍କୁ ସିଧା ସଳଖ ଭାବେ ବାସଗୃହ ଆବଣ୍ଟନ କରିଛନ୍ତି। ଏହାସହିତ ମୁଖ୍ୟମନ୍ତ୍ରୀ ବୁଦ୍ଧବିହାର ବାସିନ୍ଦା ତୁଳସୀ ତିରିଆଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ଦୁର୍ଗା ଚରଣ ସିଂହଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କା, ରଶ୍ମିକା ନାଏକଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କା, ସର୍ବେଶ୍ୱର ଗୟାଙ୍କୁ ୧ ଲକ୍ଷ ୨୫ ହଜାର ଟଙ୍କା ଏବଂ ପ୍ରଫୁଲ୍ଲ ମହାରଣାଙ୍କୁ ୧ ଲକ୍ଷ ୩୫ ହଜାର ଟଙ୍କାର ବ୍ୟାଙ୍କ ଋଣ ସହାୟତା ରାଶି ମଧ୍ୟ ନିଜ ହସ୍ତରେ ବିତରଣ କରିଛନ୍ତି ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର କହିଥିଲେ ଯେ, ଏହି ବାସଗୃହଗୁଡ଼ିକ ବସ୍ତି ବାସିନ୍ଦାମାନଙ୍କୁ ଏକ ନୂଆ ପରିଚୟ ପ୍ରଦାନ କରିବ । ସମସ୍ତ ବସ୍ତି ବାସିନ୍ଦାଙ୍କୁ ସୁନ୍ଦର ତଥା ସୁଲଭ ମୂଲ୍ୟରେ ବାସଗୃହ ଯୋଗାଇ ଦେବା ପାଇଁ ଆମ ମୁଖ୍ୟମନ୍ତ୍ରୀ ସ୍ୱପ୍ନ ଦେଖିଛନ୍ତି, ଯାହାଦ୍ୱାରା କେହି ବି ସେମାନଙ୍କର ଜୀବନଶୈଳୀ ଉପରେ ପ୍ରଶ୍ନ ଉଠାଇ ପାରିବେ ନାହିଁ। ସେମାନେ ଏକ ସଠିକ୍ ଠିକଣା ସହିତ ଏକ ଉପଯୁକ୍ତ ଘର ପାଇବେ, ଯାହା ସେମାନଙ୍କର ଶିକ୍ଷା ଓ ସାମାଜିକ ପ୍ରତିଷ୍ଠା ଉପରେ ଏକ ସକାରାତ୍ମକ ପ୍ରଭାବ ପକାଇବ।

ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ କହିଥିଲେ ଯେ, ଆପଣମାନଙ୍କର ସ୍ୱପ୍ନ ଖୁବ୍‌ଶୀଘ୍ର ପୂରଣ ହେଲା । ଭୁବନେଶ୍ୱରରେ ନିଜର ଏକ ଘରଟିଏ କରିବା ସମସ୍ତଙ୍କ ପାଇଁ ଏକ ବଡ଼ ସ୍ୱପ୍ନ ହୋଇଥାଏ, ତେଣୁ ଯେତେବେଳେ ଜଣେ ଗରିବ ଲୋକ ଭୁବନେଶ୍ୱରରେ ନିଜର ଘରଟିଏ ପାଇବ, ସେ ନିଶ୍ଚିତ ଭାବରେ ଅତ୍ୟନ୍ତ ଆନନ୍ଦିତ ହେବ । ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମକୁ ୨୪ ବର୍ଷର ସମୟ ଦରକାର ନାହିଁ, ବରଂ ୨୪ ମାସର ସମୟ ହିଁ ଯଥେଷ୍ଟ ଥିଲା । ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ କହିଥିଲେ ଯେ, ସମସ୍ତଙ୍କୁ ଉତ୍ତମ ଖାଦ୍ୟ, ବାସଗୃହ ଓ ପୋଷାକ ଯୋଗାଇଦେବା ଆମର ମୂଳ ଲକ୍ଷ୍ୟ ଏବଂ ଏହା ପ୍ରତ୍ୟେକ ନାଗରିକଙ୍କର ଏକ ମୌଳିକ ଅଧିକାର । ଭୁବନେଶ୍ୱର ମେୟର ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ, ଭୁବନେଶ୍ୱରବାସୀଙ୍କ ପାଇଁ ଏହା ଅତ୍ୟନ୍ତ ଖୁସିର ମୁହୂର୍ତ୍ତ ଏବଂ ଆପଣ ସମସ୍ତଙ୍କ ପାଇଁ ଏହା ଏକ ପୂଜା ଭେଟି ଅଟେ । ଆପଣ ମାନଙ୍କୁ ସମ୍ମାନଜନକ ଜୀବନ ଜିଇଁବା ପାଇଁ ଏହା ମାର୍ଗ ପ୍ରଶସ୍ତ କରିବ । ଭାଇସ୍ ଚେୟାରମ୍ୟାନ୍ ତଥା ଭୁବନେଶ୍ୱର ମହାନଗର ନିଗମ କମିଶନର୍ ଚଞ୍ଚଳ ରାଣା ସ୍ୱାଗତ ଭାଷଣ ଦେଇଥିଲେ ଓ ଈଉଈର ସଚିବ ମାନସ ରଞ୍ଜନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

### ପାର୍ବଣ ପୂର୍ବରୁ ରାଜଧାନୀବାସୀଙ୍କୁ ବଡ଼ ଉପହାର !

# ବିଏମ୍‌ସି ଅଞ୍ଚଳରେ ପୂଜା ପାଇଁ 'ଗ୍ରାଉଣ୍ଡ ରେଣ୍ଟ' ଛାଡ଼

### ସରକାରଙ୍କ ନିଷ୍ପତ୍ତିକୁ ସ୍ୱାଗତ କଲେ ଏକାମ୍ର ବିଧାୟକ ବାବୁ ସିଂ



**ଭୁବନେଶ୍ୱର, ଓଡ଼ିଶା ନିଶବ୍ଦ :** ଆସୁଛି ପାର୍ବଣ, ଉତ୍ସବମୁଖର ହେବ ରାଜଧାନୀ। ଦୁର୍ଗାପୂଜାଠାରୁ ଆରମ୍ଭ କରି ଗଜଲକ୍ଷ୍ମୀ ପୂଜା ଓ କାଳୀପୂଜା ପର୍ଯ୍ୟନ୍ତ ବିଭିନ୍ନ ପୂଜା ଆୟୋଜନକୁ ନେଇ ଚଳଚଞ୍ଚଳ ହେବ ଭୁବନେଶ୍ୱର। ଏହି ପାର୍ବଣ ଋତୁରେ ପୂଜା କମିଟିଗୁଡ଼ିକୁ ବଡ଼ ଆଶ୍ୱସ୍ତି ଦେଇଛନ୍ତି ରାଜ୍ୟ ସରକାର। ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି) ଅଞ୍ଚଳରେ ସର୍ବସାଧାରଣ ସ୍ଥାନରେ ପୂଜା ଆୟୋଜନ ପାଇଁ ଆଦାୟ କରାଯାଉଥିବା ଜମି ଭଡ଼ା ବା 'ଗ୍ରାଉଣ୍ଡ ରେଣ୍ଟ' ଛାଡ଼ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ।

ସୂଚନାନୁସାରେ, ବିଏମ୍ସି ଅଧୀନ ଅଞ୍ଚଳରେ ଅକ୍ଟୋବର ୧୭ରୁ ନଭେମ୍ବର ୧୮ ତାରିଖ ପର୍ଯ୍ୟନ୍ତ ସର୍ବସାଧାରଣ ସ୍ଥାନରେ ପୂଜା ଉତ୍ସବ ଆୟୋଜନ କରୁଥିବା କମିଟିଗୁଡ଼ିକୁ ଏହି ଛାଡ଼ର ସୁବିଧା ମିଳିବ। ପୂର୍ବରୁ ବିଭିନ୍ନ ପୂଜା ମଣ୍ଡପ ଓ କମିଟିକୁ ଜମି ଭଡ଼ା ବାବଦରେ ୧୦ ହଜାରରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡୁଥିଲା। ଏହି ଖର୍ଚ୍ଚ ଛାଡ଼ ହେବା ଦ୍ୱାରା ପୂଜା ଆୟୋଜକମାନଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ ପାଇବା ସହ ପାର୍ବଣ ଆୟୋଜନ ଅଧିକ ସୁଗମ ହେବ ବୋଲି ଆଶା କରାଯାଉଛି।

ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତିକୁ ସାଂସ୍କୃତିକ ଓ ପାରମ୍ପରିକ ଉତ୍ସବ ପ୍ରତି ଅନୁକୂଳ ପଦକ୍ଷେପ ବୋଲି ଅଭିହିତ କରି ବିଧାୟକ ଶ୍ରୀ ବାବୁ ସିଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତାଙ୍କ ମତରେ, ଏହି ନିଷ୍ପତ୍ତି ପୂଜା କମିଟିଗୁଡ଼ିକୁ ଆର୍ଥିକ ଆଶ୍ୱସ୍ତି ଦେବା ସହ ରାଜଧାନୀର ପାର୍ବଣ ଉତ୍ସବକୁ ଅଧିକ ଆନନ୍ଦମୟ କରିବ।

ଅନ୍ୟପକ୍ଷରେ, ପାର୍ବଣ ସମୟରେ ଶାନ୍ତି, ଶୃଙ୍ଖଳା ଓ ସ୍ୱଚ୍ଛତା ବଜାୟ ରଖିବା ସହ ପରିବେଶ ଅନୁକୂଳ ଢଙ୍ଗରେ ପୂଜା ଆୟୋଜନ କରିବାକୁ ମୁଖ୍ୟମନ୍ତ୍ରୀ ପୂଜା କମିଟିଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ସରକାରଙ୍କ ଏହି ପଦକ୍ଷେପ ପାର୍ବଣର ଉତ୍ସାହ ବଢ଼ାଇବା ସହ ସାମାଜିକ ସହଯୋଗ ଓ ସାଂସ୍କୃତିକ ଏକତାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା ପ୍ରକାଶ ପାଇଛି।

# ଝାରସୁଗୁଡ଼ା ବିମାନବନ୍ଦର ଲାଗି କେନ୍ଦ୍ରର ୨୧୦୦ କୋଟି ମଞ୍ଜୁର



**ଝାରସୁଗୁଡ଼ା:** ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ବିକାଶ ଓ ସମ୍ପ୍ରସାରଣ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ତତ୍ପରତା ଦେଖାଇଛନ୍ତି। ଏ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି। ରନ୍‌ୱେ ସମ୍ପ୍ରସାରଣ ପାଇଁ ୧୬୮.୮୮ ଏକର ଜମି ଅଧିଗ୍ରହଣ ପ୍ରକ୍ରିୟା ଚାଲିଥିବା ବେଳେ ଯାତ୍ରୀ ସଂଖ୍ୟାରେ ୪୧.୨ ପ୍ରତିଶତ ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । ନୂଆ ଟର୍ମିନାଲ୍ ଓ ବିମାନ ସଂଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା । ପଶ୍ଚିମ ଓଡ଼ିଶାର ବିମାନ ଯୋଗାଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଝାରସୁଗୁଡ଼ା ସ୍ଥିତ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସମ୍ପ୍ରସାରଣ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଛି । ବିମାନବନ୍ଦରର ଭିତ୍ତିଭୂମି ବିକାଶ, ରନ୍‌ୱେ ସମ୍ପ୍ରସାରଣ, ନୂତନ ଟର୍ମିନାଲ୍ ନିର୍ମାଣ ଓ ଅଧିକ କ୍ଷମତାସମ୍ପନ୍ନ ବିମାନ ଚଳାଚଳ ପାଇଁ ଆବଶ୍ୟକ ସୁବିଧା ବିକାଶ ନେଇ ଯୋଜନା ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି । ଏଥିପାଇଁ ୨୧୦୦ କୋଟି ଟଙ୍କା କେନ୍ଦ୍ର ସରକାର ମଞ୍ଜୁର କରିଥିବା ବରଗଡ଼ସାଂସଦ ତଥା ବିମାନବନ୍ଦର ପରାମର୍ଶଦାତା କମିଟିର ଅଧ୍ୟକ୍ଷ ପ୍ରଦୀପ ପୁରୋହିତ ସୂଚନା ଦେଇଛନ୍ତି। ପରାମର୍ଶଦାତା କମିଟିର ବୈଠକରେ ଭିତ୍ତିଭୂମିର ଉନ୍ନତି, ଯାତ୍ରୀଙ୍କ ପାଇଁ ସୁବିଧା ବୃଦ୍ଧି ଏବଂ ନୂଆ ବିମାନ ସଂଯୋଗ ଉପରେ ଆଲୋଚନା ହୋଇଛି । ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଝାରସୁଗୁଡ଼ାରୁ ଦିଲ୍ଲୀକୁ ଦ୍ୱିତୀୟ ସକାଳୁଆ ବିମାନ ଚଳାଚଳ ପ୍ରସ୍ତାବ ଉପରେ ଚର୍ଚ୍ଚା ହୋଇଥିଲା। ଏଥିସହ ଚେନ୍ନାଇ, ଜୟପୁର ଓ ବିଶାଖାପାଟଣାକୁ ସିଧାସଳଖ ବିମାନ ସଂଯୋଗ ସ୍ଥାପନ ନେଇ ମଧ୍ୟ ପ୍ରସ୍ତାବ ରହିଛି ।

# ଶ୍ରୀକ୍ଷେତ୍ରରେ ସ୍ୱଚ୍ଛତାର ବାର୍ତ୍ତା ଦେଲେ ଧର୍ମେନ୍ଦ୍ର ପ୍ରଧାନ

### ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ପାଇଁ ଆହ୍ୱାନ; ବୃକ୍ଷରୋପଣ ସହ ସ୍ୱଚ୍ଛତା ସାଥୀଙ୍କୁ ସମ୍ମାନ



**ପୁରୀ, ଓଡ଼ିଶା ନିଶବ୍ଦ:** ପବିତ୍ର ଶ୍ରୀକ୍ଷେତ୍ରକୁ ସ୍ୱଚ୍ଛ, ସୁନ୍ଦର ଓ ପ୍ଲାଷ୍ଟିକ୍ ମୁକ୍ତ ରଖିବାର ସଂକଳ୍ପ ନେଇ ପୁରୀ ବଡ଼ଦାଣ୍ଡରେ ଆୟୋଜିତ ସ୍ୱଚ୍ଛତା ଅଭିଯାନରେ ସାମିଲ ହୋଇଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସରୁ ଆରମ୍ଭ ହୋଇଥିବା 'ସେବା ସଂକଳ୍ପ ଅଭିଯାନ' ଅବସରରେ ସେ ସ୍ୱଚ୍ଛତାର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ହ୍ରାସ କରିବାକୁ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ପ୍ରଥମେ ପୁରୀ ବଡ଼ଦାଣ୍ଡ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପରେ 'ମା' ପାଇଁ ଗଛଟିଏ' ଅଭିଯାନରେ ବୃକ୍ଷରୋପଣ କରି ପରିବେଶ ସୁରକ୍ଷାର ବାର୍ତ୍ତା ଦେଇଥିଲେ। ଏଥିସହ ସ୍ୱଚ୍ଛତା କ୍ଷେତ୍ରରେ କାର୍ଯ୍ୟରତ ସ୍ୱଚ୍ଛତା ସାଥୀଙ୍କୁ ସମ୍ମାନିତ କରିବା ସହ ଅଭିଯାନରେ ଭାଗ ନେଇଥିବା ଯୁବବର୍ଗ ଓ ସ୍ୱେଚ୍ଛାସେବୀଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

ଶ୍ରୀ ପ୍ରଧାନ କହିଥିଲେ ଯେ, ଶ୍ରୀଜଗନ୍ନାଥ ସଂସ୍କୃତି ଓ ଓଡ଼ିଆ ପରମ୍ପରାରେ ସ୍ୱଚ୍ଛତା ଓ ପବିତ୍ରତାର ସ୍ୱତନ୍ତ୍ର ମହତ୍ତ୍ୱ ରହିଛି। ମାଣବସା ଗୁରୁବାର ଓ ଲକ୍ଷ୍ମୀ ପୁରାଣରେ ମଧ୍ୟ ସ୍ୱଚ୍ଛତାର ଗୁରୁତ୍ୱ ପ୍ରତିଫଳିତ ହୋଇଛି। ମହାତ୍ମା ଗାନ୍ଧୀଙ୍କ ବିଚାରଧାରାକୁ ଆଧାର କରି ପ୍ରଧାନମନ୍ତ୍ରୀ ସ୍ୱଚ୍ଛତାକୁ ଏକ ବ୍ୟାପକ ଜନଆନ୍ଦୋଳନରେ ପରିଣତ କରିଥିବା କଥା ସେ ଉଲ୍ଲେଖ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମକୁ ପରିଷ୍କାର ଓ ସୁନ୍ଦର ରଖିବା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ ବୋଲି ସେ କହିଥିଲେ।

ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକର ବ୍ୟବହାର କମାଇ କପଡ଼ା ବ୍ୟାଗ୍ ଓ ପରିବେଶ ଅନୁକୂଳ ସାମଗ୍ରୀକୁ ଆପଣାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଘର ଓ ଅଗଣା ପରି ଗାଁ ଦାଣ୍ଡ, ମନ୍ଦିର, ରାସ୍ତାଘାଟ ଏବଂ ସାର୍ବଜନୀନ ସ୍ଥାନକୁ ସଫା ରଖିବା ଏକ ନିୟମିତ ସାମାଜିକ ଅଭ୍ୟାସରେ ପରିଣତ ହେବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ।

ନବରାତ୍ରୀ, ଦଶହରା, ଲକ୍ଷ୍ମୀପୂଜା ଓ ଦୀପାବଳି ପର୍ବକୁ ଦୃଷ୍ଟିରେ ରଖି ସମସ୍ତେ ନିଜ ଜୀବନରେ ସିଙ୍ଗଲ୍-ୟୁଜ୍ ପ୍ଲାଷ୍ଟିକହର ବ୍ୟବହାର ହ୍ରାସ କରିବା ସହ 'ସ୍ୱଚ୍ଛ ପୁରୀ, ପବିତ୍ର ପୁରୀ, ସୁସ୍ଥ ପୁରୀ ଓ ସମୃଦ୍ଧ ପୁରୀ' ଗଠନ ପାଇଁ ସଂକଳ୍ପ ନେବାକୁ ସେ ନିବେଦନ କରିଥିଲେ। ଏହି ସ୍ୱଚ୍ଛତା ଅଭିଯାନରେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମପ୍ରକାଶ ମିଶ୍ର, ପୁରୀର ପୂର୍ବତନ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏବଂ ବ୍ରହ୍ମଗିରିର ପୂର୍ବତନ ବିଧାୟକ ଲଳିତେନ୍ଦ୍ର ବିଦ୍ୟାଧର ମହାପାତ୍ରଙ୍କ ସମେତ ବହୁ ସ୍ୱଚ୍ଛତା ସାଥୀ, ଯୁବକ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।
















## ସିକ୍ରେଟ ଚାମ୍ବରରେ ୯କୋଟିର ସୁନା ଜବତ



ସିକ୍ରେଟ ଚାମ୍ବରରେ ଚାଲିଥିଲା ସୁନା ଚାଲାଣ, ହେଲେ ଜାତୀୟ ରାଜପଥରେ ପାଟ୍ରୋଲିଂ ବେଳେ ମାଡ଼ିବସିଲେ ଡିଆରଆଇ ଅଧିକାରୀ। ଏହି ଘଟଣାରେ ୯ କୋଟି ଟଙ୍କାର ବିଦେଶୀ ସୁନା ଜବତ ହୋଇଥିବା ବେଳେ ଦୁଇ ଜଣ ଗିରଫ ହୋଇଛନ୍ତି। ଏହାସହିତ ଡିଆରଆଇ ପକ୍ଷରୁ ବିପୁଳ ପରିମାଣର ସୁନା ଜବତ ହୋଇଛି। ମିଳିଥିବା ସୂଚନା ଅନୁସାରେ, ଦୀର୍ଘ ସମୟ ଧରି ପିଛା କରିବା ପରେ କୋଲକାତାରୁ ହାଇଦ୍ରାବାଦ ଯାଉଥିବା ଏକ କାରକୁ ବିଶାଖାପାଟଣାରେ ଅଟକାଇଥିଲେ ଡିଆରଆଇ ଅଧିକାରୀ। ଉକ୍ତ ଗାଡ଼ିରେ ଦୁଇ ଜଣ ଯାତ୍ରୀ ଥିଲେ। ଦୀର୍ଘ ସମୟ ଧରି ପଚରାଉଚରା ଏବଂ ଗାଡ଼ିରେ ବ୍ୟବସ୍ଥିତ ଭାବେ ଯାଞ୍ଚ କରିବା ପରେ ସାମ୍ନା ସିଟ୍ ତଳେ ଥିବା ଗୋଡ଼ ରଖିବା ସ୍ଥାନରେ ଏକ ସ୍ୱତନ୍ତ୍ର ଭାବେ ନିର୍ମିତ ଗୁପ୍ତ ଚାମ୍ବର ଠାବ କରାଯାଇଥିଲା। ଏହି ସିକ୍ରେଟ ଚାମ୍ବରରୁ ତିନିଟି ପ୍ୟାକେଟ୍ ରେ ରଖାଯାଇଥିବା ୨୪ କ୍ୟାରେଟର ବିଦେଶୀ ସୁନା ଜବତ କରାଯାଇଛି। ଜବତ ସୁନାର ବଜାର ମୂଲ୍ୟ ୮ କୋଟି ୯୮ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଛି। ଏହି ସୁନା ଭାରତ ବାଂଲାଦେଶ ସୀମା ଦେଇ ଚୋରା ଚାଲାଣ କରାଯାଉଥିବା ଜଣାପଡିଛି। ଏହାକୁ ହାଇଦ୍ରାବାଦ ନିଆଯାଉଥିବା ନେଇ ସମ୍ପୃକ୍ତ ବ୍ୟକ୍ତିମାନେ ସ୍ୱୀକାର କରିଥିବା ସୂଚନା ମିଳିଛି। କଷ୍ଟମ୍ ଆଇନ, ୧୯୬୨ର ବିଭିନ୍ନ ଧାରା ଅନୁଯାୟୀ ଜବତ ସୁନାକୁ ଜବତ କରାଯାଇଛି। ଏହି ଘଟଣାରେ ଉଭୟ ବ୍ୟକ୍ତିଙ୍କୁ ଗିରଫ କରାଯାଇ ସମ୍ପୃକ୍ତ ଅଦାଲତରେ ହାଜର କରାଯାଇଥିଲା। ପରେ ଅଦାଲତ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ସୂଚନା ମିଳିଛି।

## ଡିସେମ୍ବରରେ ଶୀତରେ ବ୍ରେକ୍ ଲଗାଇବ ଏଲ୍-ନିନୋ, ବଢ଼ିବ ତାପମାତ୍ରା !

ନୂଆଦିଲ୍ଲୀ : ବିଶ୍ୱର ପାଣିପାଗ ଉପରେ ଏବେ ବଢ଼ିବାରେ ଲାଗିଛି ଅଲ୍-ନିନୋର ପ୍ରଭାବ। ପ୍ରଶାନ୍ତ ମହାସାଗରରେ ସମୁଦ୍ର ଜଳର ତାପମାତ୍ରା ଦ୍ରୁତଗତିରେ ବଢୁଥିବା ବେଳେ, ଡିସେମ୍ବର ୨୦୨୬ରେ ଏହା ରେକର୍ଡ ସ୍ତରରେ ପହଞ୍ଚିପାରେ ବୋଲି ଆକଳନ କରାଯାଉଛି। ଏହାର ପ୍ରଭାବରେ ବିଶ୍ୱର ଅନେକ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ଗରମ ଅନୁଭୂତ ହେବା ସହ ବର୍ଷାର ଧାରାରେ ମଧ୍ୟ ବଡ଼ ପରିବର୍ତ୍ତନ ଆସିପାରେ। କେଉଁଠି ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇପାରେ ତ ଆଉ କେଉଁଠି ପ୍ରବଳ ବର୍ଷା ଓ ବନ୍ୟାର ଆଶଙ୍କା ବଢ଼ିପାରେ। ବିଶ୍ୱ ପାଣିପାଗ ସଂଗଠନ ର ଆକଳନ ଅନୁସାରେ, ଅଲ୍-ନିନୋ ଫେବୃଆରୀ ୨୦୨୭ ପର୍ଯ୍ୟନ୍ତ ରହିପାରେ। ଏହା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଅଲ୍-ନିନୋ ଘଟଣାଗୁଡ଼ିକ ମଧ୍ୟରୁ ଗୋଟିଏ ହୋଇପାରେ। ତେବେ ଏହାର ଅର୍ଥ ନୁହେଁ ଯେ ଭାରତରେ ଏଥର ଶୀତ କମ୍ ପଡ଼ିବ। ଦେଶର ବିଭିନ୍ନ ଅଞ୍ଚଳର ପାଣିପାଗ ସ୍ଥିତି ଉପରେ ଶୀତର ପ୍ରଭାବ ନିର୍ଭର କରିବ।

### ଭାଙ୍ଗିପାରେ ପୁରୁଣା ରେକର୍ଡ

ବୈଜ୍ଞାନିକମାନେ ଅଲ୍-ନିନୋର ଶକ୍ତି ମାପିବା ପାଇଁ ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଭାଗର ତାପମାତ୍ରା ଉପରେ ନଜର ରଖନ୍ତି। ଏଥିପାଇଁ ନିନୋ-୩.୪ ଇଣ୍ଡେକ୍ସ ବ୍ୟବହାର କରାଯାଏ। ଆକଳନ ଅନୁସାରେ, ଜୁନ୍ ୨୦୨୬ରେ ଏହି ଅଞ୍ଚଳର ତାପମାତ୍ରା ସ୍ୱାଭାବିକଠାରୁ ୧.୬ ଡିଗ୍ରୀ ସେଲସିୟସ୍ ଅଧିକ ଥିଲା। ଅଗଷ୍ଟରେ ଏହା ବଢ଼ି ୨.୫ ଡିଗ୍ରୀରେ ପହଞ୍ଚିଥିଲା।

ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଏହା ସ୍ୱାଭାବିକଠାରୁ ପ୍ରାୟ ୩.୭ ଡିଗ୍ରୀ ସେଲସିୟସ୍ ଅଧିକ ହୋଇପାରେ ବୋଲି ଆକଳନ କରାଯାଉଛି। ଯଦି ଏପରି ହୁଏ, ତେବେ ଏହା ପୂର୍ବର ରେକର୍ଡକୁ ଅତିକ୍ରମ କରିପାରେ। ନଭେମ୍ବର ୨୦୧୫ରୁ ଜାନୁଆରୀ ୨୦୧୬ ମଧ୍ୟରେ ଏହି ତାପମାତ୍ରା ବୃଦ୍ଧି ୨.୬ ଡିଗ୍ରୀ ରହିଥିଲା।

### ଭାରତରେ କମିବ କି ଶୀତ ?

ଅଲ୍-ନିନୋ ଯୋଗୁଁ ସମୁଦ୍ର ଓ ବାୟୁମଣ୍ଡଳ ମଧ୍ୟରେ ତାପ ବିନିମୟ ପ୍ରଭାବିତ ହୁଏ। ଫଳରେ ବିଶ୍ୱର ବିଭିନ୍ନ ସ୍ଥାନର ତାପମାତ୍ରା ଓ ବର୍ଷାରେ ପରିବର୍ତ୍ତନ ହୋଇପାରେ। ଭାରତରେ ଏଥର ଶୀତ କମ୍ ପଡ଼ିବ କି ଅଧିକ, ତାହା କେବଳ ଅଲ୍-ନିନୋକୁ ଦେଖି ନିର୍ଦ୍ଧାରଣ କରିହେବ ନାହିଁ। ଏଥିପାଇଁ ବିଭିନ୍ନ ଅଞ୍ଚଳର ତାପମାତ୍ରା ଓ ସ୍ଥାନୀୟ ପାଣିପାଗ ପୂର୍ବାନୁମାନକୁ ବିଚାର କରିବାକୁ ପଡ଼ିବ।

ଅନ୍ୟପଟେ, ହିନ୍ଦ ମହାସାଗରର ତାପମାତ୍ରା ଓ ଇଣ୍ଡିଆନ୍ ଓସନ୍ ଡାଇପୋଲ୍ ମଧ୍ୟ ବର୍ଷାକୁ ପ୍ରଭାବିତ କରିପାରେ। ଏହା ସହ ଭୂମଧ୍ୟରେଖୀୟ ଆଟଲାଣ୍ଟିକ୍ ମହାସାଗରର ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଅଧିକ ରହିବାର ଆକଳନ ରହିଛି। ତେଣୁ ଆଗାମୀ ମାସଗୁଡ଼ିକରେ ବିଶ୍ୱ ପାଣିପାଗରେ ବଡ଼ ପରିବର୍ତ୍ତନ ଦେଖାଦେଇପାରେ। ଭାରତରେ ଶୀତର ପ୍ରକୃତ ସ୍ଥିତି ଜାଣିବା ପାଇଁ ଆଗାମୀ ପାଣିପାଗ ପୂର୍ବାନୁମାନ ଉପରେ ନଜର ରଖିବା ଜରୁରୀ।

### ରାଜଧାନୀରେ ଚକା ବନ୍ଦ ବିରୋଧରେ ସୁପ୍ରିମକୋର୍ଟଙ୍କ ତାଗିଦ୍

# ସିଜେପି: ଦିଲ୍ଲୀ ପୁଲିସ ବଡ଼ ପଦକ୍ଷେପ

ଦିଲ୍ଲୀର ରାଜରାସ୍ତା ଓ ଲାଇଫଲାଇନ୍ କୁହାଯାଉଥିବା ମେଟ୍ରୋ ଷ୍ଟେସନଗୁଡ଼ିକ ଉପରେ ପ୍ରଶାସନ ଲଗାଇଥିବା କଟକଣାକୁ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ସୁପ୍ରିମକୋର୍ଟ। କକ୍‌ରୋଚ୍ ଜନତା ପାର୍ଟିର ପ୍ରସ୍ତାବିତ ବିକ୍ଷୋଭକୁ ଦୃଷ୍ଟିରେ ରଖି ୫୭ଟି ମେଟ୍ରୋ ଷ୍ଟେସନ ବନ୍ଦ ଏବଂ ଟ୍ରେନ୍ ରଦ୍ଦ ନିଷ୍ପତ୍ତିକୁ ଅଦାଲତ ସିଧାସଳଖ ଖାରଜ କରିଛନ୍ତି । ଶୁଣାଣି ବେଳେ ପ୍ରଧାନ ବିଚାରପତିଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ କଟାକ୍ଷ କରି କହିଛନ୍ତି ଯେ, କେବଳ ଗୋଟିଏ ମାଛି ମାରିବା ପାଇଁ ଶାବଳ କିମ୍ବା ହାତୁଡ଼ିର ପ୍ରୟୋଗ କରାଯାଇ ନପାରେ । ସୁରକ୍ଷା ଆଳରେ ସମଗ୍ର ସହରର ଗତିକୁ ଠପ୍ କରିଦେବା ଆଦୌ ଯୁକ୍ତିଯୁକ୍ତ ନୁହେଁ । ସିପିଏମ୍ ନେତା ଏମ୍.ଏ. ବେବିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ୍ ଏହି ସାମୂହିକ ଯାତାୟାତ କଟକଣା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିକ୍ଷୋଭ ଶାନ୍ତିପୂର୍ଣ୍ଣ ହୋଇଥିବା ସତ୍ତ୍ୱେ ସାଧାରଣ ଲୋକଙ୍କ ଚଳପ୍ରଚଳ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବା ନାଗରିକ ଅଧିକାର ଉପରେ ଆଘାତ ବୋଲି ସେ ଦର୍ଶାଇଥିଲେ । କୋର୍ଟ ମଧ୍ୟ ସାଧାରଣ ଯାତ୍ରୀଙ୍କ ସୁବିଧାକୁ ପ୍ରାଥମିକତା ଦେଇ ସ୍ପଷ୍ଟ କରିଛନ୍ତି ଯେ ନିୟନ୍ତ୍ରଣ ଓ ସମ୍ପୂର୍ଣ୍ଣ ତାଲାବନ୍ଦୀ ମଧ୍ୟରେ ଏକ ବଡ଼ ପାର୍ଥକ୍ୟ ରହିଛି । ଗୁରୁଗ୍ରାମ, ଗ୍ରେଟର ନୋଏଡା ଏବଂ ପୂର୍ବ-ଦକ୍ଷିଣ ଦିଲ୍ଲୀରୁ ହଜାର ହଜାର ଯୁବପିଢ଼ି, ବରିଷ୍ଠ ନାଗରିକ ଓ ଦୈନନ୍ଦିନ ରୋଜଗାରିଆ ମେଟ୍ରୋ ଉପରେ ନିର୍ଭରଶୀଳ । ସମସ୍ତଙ୍କ ପାଖରେ ଘରୋଇ ଗାଡ଼ି ନଥିବାରୁ ଜନସେବା ସମ୍ପୂର୍ଣ୍ଣ ବନ୍ଦ କରାଯାଇ ପାରିବନାହିଁ।

ନିରାପତ୍ତା ବ୍ୟବସ୍ଥା ନେବାର ଅଧିକାର ପୋଲିସ ପ୍ରଶାସନର ରହିଛି, କିନ୍ତୁ ତାହା ସୀମା ଭିତରେ ଓ ସନ୍ତୁଳିତ ହେବା ଆବଶ୍ୟକ । ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ତାଗିଦ୍ ପରେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସରକାରଙ୍କ ସହ ଆଲୋଚନା କରି କଟକଣା କୋହଳ



କରିବା ଏବଂ ସନ୍ତୁଳିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଫଳରେ ସମ୍ପୂର୍ଣ୍ଣ ଷ୍ଟେସନ ସିଲ୍ ପରିବର୍ତ୍ତେ ଟ୍ରେନ୍ ଚଳାଚଳ ସଂଖ୍ୟା କମାଇବା ଏବଂ ଅତ୍ୟାବଶ୍ୟକ ଅଞ୍ଚଳଗୁଡ଼ିକର ସମୀକ୍ଷା କରି ଯାତାୟାତ ସ୍ୱାଭାବିକ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏପଟେ ବିକ୍ଷୋଭ ପ୍ରଦର୍ଶନକୁ ନେଇ ଦେଶର ରାଜଧାନୀରେ ସୃଷ୍ଟି ହୋଇଛି ତୀବ୍ର ଉତ୍ତେଜନା। କକ୍‌ରୋଚ୍ ଜନତା ପାର୍ଟିର ବିରୋଧ ପ୍ରଦର୍ଶନ ପାଇଁ ପୋଲିସ ପ୍ରଶାସନ ସିଧାସଳଖ ଅନୁମତି ପ୍ରତ୍ୟାହାର କରିଛି । ଆଇନଶୃଙ୍ଖଳା ପରିସ୍ଥିତି, ସୁରକ୍ଷା ବ୍ୟବସ୍ଥା ଏବଂ ସାଧାରଣ ନାଗରିକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଦିଲ୍ଲୀ ପୋଲିସ ଆବେଦନକୁ ଖାରଜ କରିଦେଇଥିବା ଜଣାପଡିଛି। ଏପଟେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଏକଜୁଟ୍ ହୋଇ ଶାନ୍ତିପୂର୍ଣ୍ଣ ଭାବେ ନିଜର ଦାବି ଉପସ୍ଥାପନ କରିବାକୁ ନେତା ଓ କର୍ମୀମାନେ ପ୍ରସ୍ତୁତି ଚଳାଇଛନ୍ତି ।

### ଭାରତୀୟ ବଂଶୋଦ୍ଭବ ମହିଳାଙ୍କୁ ମିଳିଲା ନୋବେଲ ଶାନ୍ତି

## ତାମିଲ ପରିବାରରେ ଜନ୍ମ ନେଇଥିଲେ ନବନେଥନମ ନବୀ ପିଲ୍ଲାଇ

୨୦୨୬ ନୋବେଲ ଶାନ୍ତି ପୁରସ୍କାର ପାଇଁ ଭାରତୀୟ ବଂଶୋଦ୍ଭବ ନବନୀତମ ନଭି ପିଲ୍ଲାଇଙ୍କ ନାମ ଘୋଷଣା କରାଯାଇଛି । ଶାନ୍ତି ଓ ଅନ୍ତର୍ଜାତୀୟ ଆଇନକୁ ପ୍ରୋତ୍ସାହନ ଦେବା କ୍ଷେତ୍ରରେ ତାଙ୍କ ଅବଦାନକୁ ଆଧାର କରି ନରୱେଜିଆନ୍ ନୋବେଲ କମିଟି ଏହି ନିଷ୍ପତ୍ତି ନେଇଥିବା କୁହାଯାଇଛି।

ନଭି ପିଲ୍ଲାଇ ଭାରତୀୟ ବଂଶୋଦ୍ଭବ। ଦକ୍ଷିଣ ଆଫ୍ରିକାର ଡର୍ବାନ୍‌ରେ ଜାତିଗତ ଭେଦଭାବ ବା ରଙ୍ଗଭେଦ ଶାସନ ସମୟରେ ଏକ ତାମିଲ ଭାରତୀୟ ପରିବାରରେ ତାଙ୍କ ଜନ୍ମ ହୋଇଥିଲା। ସେ ଜଣେ ଆଇନଜୀବୀ। ନିଜ ଜୀବନରେ ସେ ଭେଦଭାବ, ପୃଥକୀକରଣ ଓ ସାମାଜିକ ବହିଷ୍କାରର ସମ୍ମୁଖୀନ ହୋଇଥିଲେ।



### କିଏ ଏହି ନଭି ପିଲ୍ଲାଇ

ଅନ୍ତର୍ଜାତୀୟ ଆଇନର ପରିସର ଓ ପ୍ରଭାବ ବୃଦ୍ଧି କରିବାରେ ନଭି ପିଲ୍ଲାଇଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ସେ ଦକ୍ଷିଣ ଆଫ୍ରିକାର ହାଇକୋର୍ଟ, ରୁଆଣ୍ଡା ପାଇଁ ଗଠିତ ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଏବଂ ଅନ୍ତର୍ଜାତୀୟ ଅପରାଧ ଅଦାଲତରେ ବିଚାରପତି ଭାବେ କାର୍ଯ୍ୟ କରିଛନ୍ତି।

ସେ ମିଳିତ ଜାତିସଂଘର ମାନବାଧିକାର ଉଚ୍ଚାୟୁକ୍ତ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି। ନିକଟ ଅତୀତରେ ସେ ପାଲେଷ୍ଟାଇନ୍ ଅଞ୍ଚଳ ସମ୍ପର୍କିତ ମିଳିତ ଜାତିସଂଘର ସ୍ୱାଧୀନ ଅନ୍ତର୍ଜାତୀୟ ତଦନ୍ତ କମିଶନର ଅଧ୍ୟକ୍ଷତା କରିଥିଲେ। ବର୍ତ୍ତମାନ ମ୍ୟାଁମାର ବିରୋଧରେ ଆସିଥିବା ନରସଂହାର ଅଭିଯୋଗ ସମ୍ପର୍କିତ ମାମଲାରେ ସେ ଅନ୍ତର୍ଜାତୀୟ ଅଦାଲତରେ ବିଚାରପତି ଅଛନ୍ତି। ଅନେକ ଐତିହାସିକ ଅନ୍ତର୍ଜାତୀୟ ମାମଲାରେ ସେ ପ୍ରମାଣ କରିଛନ୍ତି ଯେ ଆଇନଗତ ପଦକ୍ଷେପ ଯୁଦ୍ଧ ଓ ହିଂସାକୁ ରୋକିବାରେ ସହାୟକ ହୋଇପାରେ। ଅନ୍ତର୍ଜାତୀୟ ଆଇନ ସଂସ୍ଥାଗୁଡ଼ିକୁ ଅଧିକ ମଜଭୁତ କରିବାରେ ମଧ୍ୟ ତାଙ୍କର ଅବଦାନ ରହିଛି।

### ଟ୍ରମ୍ପଙ୍କୁ ଲାଗିଲା ଝଟକା !

ଅନ୍ୟପଟେ, ୨୦୨୬ ନୋବେଲ ଶାନ୍ତି ପୁରସ୍କାରକୁ ନେଇ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ନିଜର ମତ ରଖିଥିବା ଖବରରେ ଉଲ୍ଲେଖ ରହିଛି। ପୁରସ୍କାର ପାଇବା ନେଇ ସେ ଆଶା ପ୍ରକାଶ କରିଥିଲେ ମଧ୍ୟ ନୋବେଲ କମିଟିର ନିଷ୍ପତ୍ତି କ'ଣ ହେବ, ତାହା ଜାଣିନଥିବା କହିଥିଲେ। ତାଙ୍କ ମତରେ, କମିଟି ତାଙ୍କ ଭଳି ବ୍ୟକ୍ତିଙ୍କୁ ଏହି ପୁରସ୍କାର ଦେବା ସମ୍ଭାବନା କମ୍।

ଟ୍ରମ୍ପ ହ୍ୱାଇଟ୍ ହାଉସ୍‌ର ଓଭାଲ୍ ଅଫିସ୍‌ରେ ସାମ୍ବାଦିକମାନଙ୍କୁ କହିଥିଲେ ଯେ ଏବେ ପୁରସ୍କାର ମିଳିବାର ସମୟ ଆସିଛି। ପୂର୍ବରୁ ଏହି ପୁରସ୍କାର ପାଇଥିବା ବ୍ୟକ୍ତିଙ୍କଠାରୁ ପରୋକ୍ଷ ଭାବେ ଏହା ପାଇ ନିଜକୁ ସମ୍ମାନିତ ମନେ କରିଥିବା ମଧ୍ୟ ସେ କହିଥିଲେ। ପ୍ରକୃତରେ, ଭେନେଜୁଏଲାର ବିରୋଧୀ ଦଳର ନେତ୍ରୀ ମାରିଆ କୋରିନା ମାଚାଡୋ ୨୦୨୬ ଜାନୁଆରୀରେ ତାଙ୍କର ୨୦୨୫ ନୋବେଲ ଶାନ୍ତି ପୁରସ୍କାରର ପଦକ ଟ୍ରମ୍ପଙ୍କୁ ହସ୍ତାନ୍ତର କରିଥିଲେ। ଭେନେଜୁଏଲାକୁ ଆମେରିକାର ସହାୟତା ପାଇଁ କୃତଜ୍ଞତା ଜଣାଇ ସେ ଏପରି କରିଥିବା କୁହାଯାଇଛି।

ଗତବର୍ଷ ଜାନୁଆରୀରେ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବା ପରଠାରୁ ଟ୍ରମ୍ପ ଅନେକ ଥର ଦାବି କରିଛନ୍ତି ଯେ ଆଠଟି ସଂଘର୍ଷକୁ ରୋକିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ଏବଂ ତେଣୁ ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ। କାମ୍ବୋଡିଆ, ଇସ୍ରାଏଲ୍ ଓ ପାକିସ୍ତାନ ମଧ୍ୟ ଟ୍ରମ୍ପଙ୍କ ନାମ ନୋବେଲ ଶାନ୍ତି ପୁରସ୍କାର ପାଇଁ ସୁପାରିସ କରିଥିବା ଖବରରେ କୁହାଯାଇଛି।

### ଫେମ୍ ଗୁରୁକୁଲ୍‌ରୁ ବିଗ୍ ବସ୍

## ୨୧ବର୍ଷ ପରେ ଚର୍ଚ୍ଚାରେ କାଜି ତୌକିର



୨୦୦୫ରେ ସୋନି ଟିଭିରେ ପ୍ରସାରିତ ଫେମ୍ ଗୁରୁକୁଲ୍ ଶୋ ରେ କାଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବ୍ୟକ୍ତିତ୍ୱ ଏବଂ ଦର୍ଶକଙ୍କ ସମର୍ଥନ ତାଙ୍କୁ ଲୋକପ୍ରିୟ କରାଇଥିଲା। ଦିନେ ଟେଲିଭିଜନ୍ ରିଆଲିଟି ଶୋ ମାଧ୍ୟମରେ ଦର୍ଶକଙ୍କ ମନ ଜିତିଥିବା କାଶ୍ମୀରର ଗାୟକ କାଜି ତୌକିର ଏବେ ପ୍ରାୟ ୨୧ ବର୍ଷ ପରେ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ୨୦୦୫ ମସିହାରେ ଫେମ୍ ଗୁରୁକୁଲ୍ ର ବିଜେତା ହୋଇଥିବା କାଜିଙ୍କ ସଙ୍ଗୀତ ଯାତ୍ରା ଏବେ ପୁଣି ଥରେ ଦର୍ଶକଙ୍କ ନଜରକୁ ଆସିଛି । ଆଜିର ଯୁଗରେ ସୋସିଆଲ୍ ମିଡିଆ ଏବଂ ୟୁଟ୍ୟୁବ୍ ଜରିଆରେ ଲୋକପ୍ରିୟ ହେବାର ଅନେକ ସୁଯୋଗ ରହିଥିବାବେଳେ ଦୁଇ ଦଶନ୍ଧି ପୂର୍ବେ ଟେଲିଭିଜନ୍ ହିଁ ନୂଆ ପ୍ରତିଭାଙ୍କୁ ପରିଚୟ ଦେବାର ଏକମାତ୍ର ବଡ଼ ମାଧ୍ୟମ ଥିଲା । ୨୦୦୫ରେ ସୋନି ଟିଭିରେ ପ୍ରସାରିତ ଫେମ୍ ଗୁରୁକୁଲ୍ ଶୋ ରେ କାଜି ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ବ୍ୟକ୍ତିତ୍ୱ ଏବଂ ଦର୍ଶକଙ୍କ ସମର୍ଥନ ତାଙ୍କୁ ଲୋକପ୍ରିୟ କରାଇଥିଲା। ଶେଷରେ ୨୦ ଅକ୍ଟୋବର ୨୦୦୫ରେ କାଜି ତୌକିର ଓ ରୂପରେଖା ବାନାର୍ଜୀ ମିଳିତ ଭାବେ ଏହି ଶୋ ର ବିଜେତା ହୋଇଥିଲେ। ଏହି ଶୋ'ରେ ଅରିଜିତ୍ ସିଂହ ମଧ୍ୟ ଜଣେ ପ୍ରତିଯୋଗୀ ଥିଲେ। ପରବର୍ତ୍ତୀ ସମୟରେ ଅରିଜିତ୍ ବଲିଉଡ୍ ର ପ୍ରମୁଖ ଗାୟକ ହୋଇଥିବାବେଳେ କାଜିଙ୍କ କ୍ୟାରିୟର୍ ଭିନ୍ନ ରାସ୍ତାରେ ଆଗକୁ ବଢ଼ିଥିଲା । ସଙ୍ଗୀତ ବ୍ୟତୀତ ମନୋରଞ୍ଜନ ଜଗତର ଅନ୍ୟ କ୍ଷେତ୍ରରେ ମଧ୍ୟ ସେ ନିଜକୁ ପରଖିଛନ୍ତି । ୨୦୨୫ରେ କାଶ୍ମୀରରେ ତାଙ୍କର ଏକ ପ୍ରସ୍ତାବିତ କନ୍ସର୍ଟ ବାତିଲ୍ ହୋଇଥିବା ଖବର ମଧ୍ୟ ସାମ୍ନାକୁ ଆସିଥିଲା ।

ବର୍ତ୍ତମାନ ବିଗ୍ ବସ୍ ୨୦କୁ ନେଇ ତାଙ୍କ ନାଁ ପୁଣି ଚର୍ଚ୍ଚାରେ ଥିବାରୁ ପୁରୁଣା ପ୍ରଶଂସକଙ୍କ ସହ ନୂଆ ପିଢ଼ିର ଦର୍ଶକଙ୍କ ମଧ୍ୟରେ ତାଙ୍କୁ ଜାଣିବା ପାଇଁ ଆଗ୍ରହ ସୃଷ୍ଟି ହୋଇଛି । ଦୀର୍ଘ ବିରତି ପରେ ମଧ୍ୟ ଜଣେ କଳାକାର କିପରି ପୁଣି ଚର୍ଚ୍ଚାକୁ ଫେରିପାରନ୍ତି, କାଜି ତୌକିରଙ୍କ ଯାତ୍ରା ତାହାର ଏକ ଜ୍ୱଳନ୍ତ ଉଦାହରଣ ।

## ଧର୍ମ ସହିତ ବାଣଫୁଟାର କୌଣସି ସମ୍ପର୍କ ନାହିଁ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ :** ଦୀପାବଳିରେ ଦିଲ୍ଲୀ-ଏନ୍‌ସିଆର୍‌ରେ ବାଣ ଫୁଟାଇବା ଉପରେ ପ୍ରତିବନ୍ଧକ ସମ୍ପର୍କରେ ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ଆମେ ବାଣ ଫୁଟାଇବା ନିଷେଧ କରିବା ପାଇଁ ନିର୍ଦ୍ଦେଶ ଜାରି କରିବା ମାତ୍ରେ ଲୋକମାନେ ଦିନରେ ବାଣ ଫୁଟାଇବା ଆରମ୍ଭ କରିବେ । ଆମେ ଧାର୍ମିକ ଭାବନାକୁ ଆଘାତ ଦେବୁ ନାହିଁ, ଆମେ ଏକ ସନ୍ତୁଳିତ ଆଭିମୁଖ୍ୟ ଖୋଜିବୁ । ଶୁଣାଣି ସମୟରେ ସିଜେଆଇ କହିଛନ୍ତି ଯେ ଏକ ବ୍ୟବହାରିକ ଏବଂ ସନ୍ତୁଳିତ ଆଭିମୁଖ୍ୟ ଆବଶ୍ୟକ । ଜନସାଧାରଣଙ୍କୁ ବାଣ ଫୁଟାଇବାର ବ୍ୟବହାରକୁ ଏକ ନିର୍ଦ୍ଦିଷ୍ଟ ଘଣ୍ଟା ମଧ୍ୟରେ ସୀମିତ ରଖିବା ପାଇଁ ବିଚାର କରିବା ଲାଗି ଆମ ପାଖରେ ଏପର୍ଯ୍ୟନ୍ତ ଯଥେଷ୍ଟ ସମୟ ଅଛି। ଶୁଣାଣି ସମୟରେ, ଆଇନଜୀବୀ ଯୁକ୍ତି ଦେଇଛନ୍ତି ଯେ, ବାଣ ଫୁଟାଇବା ଧର୍ମର ମୌଳିକ ଅଧିକାର ନୁହେଁ । ସେ କହିଛନ୍ତି, ପୂଜା ଧାର୍ମିକ ବିଶ୍ୱାସର ଏକ ଅଂଶ, କିନ୍ତୁ ବାଣ ଫୁଟାଇବା ନୁହେଁ। ସେ ମନ୍ତବ୍ୟ ଦେଇଥିଲେ ଯେ ଏହା ଦେଖି ଈଶ୍ୱର ମଧ୍ୟ ଆଶ୍ଚର୍ଯ୍ୟ ହେଇଥିବେ।





ସିଜେଆଇ ଉତ୍ତର ଦେଇଛନ୍ତି, ଆମେ ଧାର୍ମିକ ଭାବନାକୁ ଆଘାତ ଦେବୁ ନାହିଁ, ବରଂ ଏକ ସନ୍ତୁଳିତ ଆଭିମୁଖ୍ୟ ବିଷୟରେ ବିଚାର କରିବୁ । ସିଜେଆଇ ସୂର୍ଯ୍ୟକାନ୍ତ ଏହା ମଧ୍ୟ କହିଛନ୍ତି, ନାଗରିକ ଏବଂ ନାଗରିକ ସମାଜ ବର୍ତ୍ତମାନର ପରିସ୍ଥିତି ବିଷୟରେ ସଚେତନ ରହିଲେ ଏବଂ ସେମାନଙ୍କର ଦାୟିତ୍ୱ ବୁଝିଲେ ଭଲ ହେବ ।ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ପଚାରିଥିଲେ ଯେ, ଧର୍ମର ବାଣ ସହିତ କ'ଣ ସମ୍ପର୍କ ଅଛି। କୋର୍ଟକୁ ସହାୟତା କରୁଥିବା ଆମିକସ୍ କ୍ୟୁରି ଅପରାଜିତା ସିଂହ କହିଛନ୍ତି, ଏହି ଯୁକ୍ତି ପ୍ରତ୍ୟେକ ଥର କରାଯାଉଛି ।

ସେ କହିଛନ୍ତି, ଯଦି ଭଗବାନ ଜାଣିଥାନ୍ତେ ଯେ ତାଙ୍କ ନାମରେ ପିଲାମାନେ କଷ୍ଟ ପାଉଛନ୍ତି ଏବଂ ଅସୁସ୍ଥ ହେଉଛନ୍ତି, ତେବେ ସେ ନିଶ୍ଚିତ ଆଶ୍ଚର୍ଯ୍ୟ ହୋଇଯିବେ। ସିଜେଆଇ ସୂର୍ଯ୍ୟକାନ୍ତ ପ୍ରତିକ୍ରିୟା ଦେଇଛନ୍ତି, କୋର୍ଟ ଧାର୍ମିକ ଭାବନାକୁ ଆଘାତ ଦେବାକୁ ଚାହାନ୍ତି ନାହିଁ । ସର୍ବୋତ୍ତମ ଉପାୟ ହେଉଛି ଲୋକମାନେ ଆତ୍ମନିରୀକ୍ଷଣ କରିବା । ସଚେତନତା ବୃଦ୍ଧି ପାଇଁ ମଧ୍ୟ ପଦକ୍ଷେପ ନିଆଯାଇପାରିବ। ଅପରାଜିତା ସିଂହ କହିଛନ୍ତି ଯେ ଏହା ଆଦର୍ଶ ପରିସ୍ଥିତି ହେବ। କିନ୍ତୁ ଦୁର୍ଭାଗ୍ୟବଶତଃ, ପ୍ରତିବର୍ଷ ସମାନ ଯୁକ୍ତି ଏବଂ ଘଟଣା ପୁନରାବୃତ୍ତି ହେଉଛି । ସୁପ୍ରିମକୋର୍ଟ ଅକ୍ଟୋବର ୧୫ ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରିବେ।

## ଏବେ ଜନ୍ତର ମନ୍ତରରେ ଧାରଣା ମନା

ନୂଆଦିଲ୍ଲୀ: ଦିଲ୍ଲୀର ଜନ୍ତର ମନ୍ତରରେ ଆଉ କୌଣସି ପ୍ରତିବାଦ ହେବ ନାହିଁ। କେନ୍ଦ୍ର ସରକାର ଜନ୍ତର ମନ୍ତର ବଦଳରେ ବୁରାଡି, ରାମଲୀଳା ମୈଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ଗ୍ରାଉଣ୍ଡକୁ ପ୍ରତିବାଦ ସ୍ଥାନ ଭାବରେ ମନୋନୀତ କରିଛନ୍ତି। ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ବିରୋଧରେ ପ୍ରତିବାଦ କରିବା ପାଇଁ କକ୍ରୋଚ୍ ଜନତା ପାର୍ଟି ପକ୍ଷରୁ ଜନ୍ତର ମନ୍ତର ଯିବାକୁ ଦାବି ମଧ୍ୟରେ ଏହି ନିଷ୍ପତ୍ତି ନିଆଯାଇଛି।

### ସ୍ଥାନ ଯାଞ୍ଚ ପାଇଁ କମିଟି ଗଠନ

କେନ୍ଦ୍ର ଗୃହ ମନ୍ତ୍ରଣାଳୟ ବର୍ତ୍ତମାନର ନିର୍ଦ୍ଦିଷ୍ଟ ସ୍ଥାନ ଜନ୍ତରମନ୍ତର ପରିବର୍ତ୍ତେ ନାଗରିକଙ୍କ ପ୍ରତିବାଦ ଅଧିକାର ପାଇଁ ବିକଳ୍ପ ଏବଂ ଉପଯୁକ୍ତ ସ୍ଥାନ ଯାଞ୍ଚ କରିବା ପାଇଁ ଏକ କମିଟି ଗଠନ କରିଥିଲା। କମିଟିର ସୁପାରିଶ କ୍ରମେ ଗୃହ ମନ୍ତ୍ରଣାଳୟ ଏହି ନିଷ୍ପତ୍ତି ନେଇଛି। କମିଟିର ସୁପାରିଶ ଆଧାରରେ ଜନ୍ତର ମନ୍ତରକୁ ପ୍ରତିବାଦ ସ୍ଥାନରୁ ହଟାଇ ଦିଆଯାଇଛି।





## ଆମେରିକାରେ ଗୁଳିକାଣ୍ଡ, ୧୪ ମୃତ

ୱାଶିଂଟନ : ଆମେରିକାରେ ଆଖିବୁଜା ଗୁଳିକାଣ୍ଡ ଘଟିଛି। ପେନସିଲଭାନିଆର ଏରିରେ ହୋଇଥିବା ଗୁଳିକାଣ୍ଡରେ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କ ସମେତ ୯ ଜଣଙ୍କର ମୃତ୍ୟୁ ହୋଇଥିବା ପୋଲିସ କହିଛି। ଏହି ଘଟଣା ପରେ ପେନସିଲଭାନିଆ ରାଜ୍ୟପାଳ ଜୋଶ ଶାପିରୋ, ଏରି ମେୟର ଡାରିଆ ଡେଭଲିନଙ୍କୁ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରି କହିଛନ୍ତି ଯେ, ତାଙ୍କ ପ୍ରଶାସନ ଏହି କଷ୍ଟକର ସମୟରେ ସହରକୁ ପୂର୍ଣ୍ଣ ସମର୍ଥନ ଯୋଗାଇବ। ତେବେ ଏହାର କିଛି ସମୟ ପରେ ଜର୍ଜିଆର ଡଗଲାସରୁ ଆଉ ଏକ ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି। ଗତ ଶୁକ୍ରବାର ସନ୍ଧ୍ୟାରେ ଏକ ଘରେ ପାଞ୍ଚ ଜଣଙ୍କୁ ଗୁଳି କରି ହତ୍ୟା କରାଯାଇଛି। ଗୁଳିକାଣ୍ଡ ସମ୍ପର୍କରେ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଘରେ ୫ ଜଣଙ୍କ ମୃତଦେହ ପାଇଥିଲା। ବର୍ତ୍ତମାନ ସୁଦ୍ଧା ସ୍ଥାନୀୟ ଅଧିକାରୀ ଏବଂ ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣା ବିଷୟରେ ଅଧିକ ସୂଚନା ଦେଇ ନାହାଁନ୍ତି।

## ଆମେରିକା ଅର୍ଥଶାସ୍ତ୍ରୀ ରବର୍ଟ ଇ ହାଲ ଓ ମାଇକେଲ ଉଡଫୋର୍ଡଙ୍କୁ ଅର୍ଥନୀତିରେ ନୋବେଲ

ଓସ୍‌ଲୋ: ୨୦୨୬ ମସିହା ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଓ ମାଇକେଲ୍ ଉଡ୍‌ଫୋର୍ଡଙ୍କୁ ପ୍ରଦାନ କରାଯିବ। ଅର୍ଥନୀତିକୁ ସ୍ଥିର ରଖିବା ଓ ଆର୍ଥିକ ଉତ୍‌ଥାନ-ପତନର ପ୍ରଭାବ ହ୍ରାସ କରିବାରେ ସହାୟକ ହେଉଥିବା ଗବେଷଣା ପାଇଁ ସେମାନଙ୍କୁ ଏହି ସମ୍ମାନ ମିଳିଛି। ସୋମବାର ସ୍ୱିଡେନ୍‌ର ଷ୍ଟକ୍‌ହୋମଠାରେ ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସ୍ସେ୍ ପକ୍ଷରୁ ଏହି ଘୋଷଣା କରାଯାଇଛି।

ଉଭୟ ଅର୍ଥନୀତିଜ୍ଞଙ୍କ ଗବେଷଣା ଅଣୁ ଅର୍ଥନୀତିର ମୌଳିକ ତତ୍ତ୍ୱକୁ ବ୍ୟାପକ ଅର୍ଥନୀତିର ସ୍ଥିରତା ସହ ଯୋଡ଼ିଛି। ଏହାଦ୍ୱାରା ସରକାର ଓ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମୁଦ୍ରାସ୍ଫୀତି, ଶକ୍ତି ସଙ୍କଟ ଓ ଆର୍ଥିକ ମାନ୍ଦାବସ୍ଥା ଭଳି ଆହ୍ୱାନର ମୁକାବିଲା ଅଧିକ ଦକ୍ଷତାର ସହ କରିପାରିବେ। ସମୟୋଚିତ ମୁଦ୍ରାନୀତି ଓ ରାଜସ୍ୱନୀତି ମାଧ୍ୟମରେ ଅର୍ଥନୀତିର ଅସ୍ଥିରତା ହ୍ରାସ କରିବାରେ ସେମାନଙ୍କ ଗବେଷଣା ବିଶେଷ ସହାୟକ ହୋଇଛି।

### ଅର୍ଥନୀତିର ଅସ୍ଥିରତା ହ୍ରାସ

ରବର୍ଟ ଇ. ହଲ୍ ଆମେରିକାର କାଲିଫର୍ଣ୍ଣିଆସ୍ଥିତ ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ଥିବାବେଳେ ମାଇକେଲ୍ ଉଡ୍‌ଫୋର୍ଡ ନ୍ୟୁୟର୍କସ୍ଥିତ କଲମ୍ବିଆ ବିଶ୍ୱବିଦ୍ୟାଳୟ ସହ ସମ୍ପୃକ୍ତ। ଏହି ପୁରସ୍କାରର ଆନୁଷ୍ଠାନିକ ନାମ 'ଆଲ୍‌ଫ୍ରେଡ୍ ନୋବେଲ୍‌ଙ୍କ ସ୍ମୃତିରେ ଅର୍ଥନୀତି ବିଜ୍ଞାନରେ ସ୍ୱେରିଜେସ୍ ରିକ୍ସବ୍ୟାଙ୍କ ପୁରସ୍କାର'। ୧୯୬୮ ମସିହାରେ ସ୍ୱିଡେନ୍‌ର କେନ୍ଦ୍ରୀୟ ବ୍ୟାଙ୍କ ଏହାର ପ୍ରଚଳନ କରିଥିଲା। ଚଳିତ ବର୍ଷ ଏହି ପୁରସ୍କାରର ଅର୍ଥରାଶି ୧ କୋଟି ୨୦ ଲକ୍ଷ ସ୍ୱିଡିସ୍ କ୍ରୋନା, ଯାହା ଉଭୟ ବିଜେତାଙ୍କ ମଧ୍ୟରେ ସମାନ ଭାବେ ବଣ୍ଟନ କରାଯିବ।



Robert E. Hall
Stanford University, USA
Born 1943, USA

Michael Woodford
Columbia University, USA
Born 1955, USA

# ଉଚ୍ଚ ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ବିଜେପି ସରକାର ପ୍ରତିବଦ୍ଧ: ଅନୀଲ ବିଶ୍ୱାଳ

**ଭୁବନେଶ୍ୱର :** କେନ୍ଦ୍ରରେ ନରେନ୍ଦ୍ର ମୋଦୀଙ୍କ ସରକାର ଆସିବା ପରେ ଦେଶରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ହୋଇଛି। ୨୦୧୪-୧୫ ମସିହା ପୂର୍ବରୁ ଦେଶରେ ୭୬୦ଟି ବିଶ୍ୱବିଦ୍ୟାଳୟ ଥିଲା। ଆଜି ସାରା ଭାରତରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ୧୨୮୯ରେ ପହଂଚିଛି। ମାତ୍ର ୧୨ ବର୍ଷ ଭିତରେ ପାଖାପାଖି ୭୦ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୩ରେ ଉଚ୍ଚଶିକ୍ଷା ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ୩ କୋଟି ୪୨ ଲକ୍ଷ ଥିଲା, ଆଜିର ଦିନରେ ତାହା ସାଢ଼େ ଚାରି କୋଟିରେ ପହଁଚିଛି। ମେଡିକାଲ କଲେଜରେ ବି ସମାନସ୍ଥିତି ରହିଛି। ୨୦୧୪ ପୂର୍ବରୁ ଏହି ସଂଖ୍ୟା ମାତ୍ର ୩୮୭ ଥିଲାବେଳେ ଏବେ ମେଡିକାଲ କଲେଜ ସଂଖ୍ୟା ଦେଶରେ ୮୪୬ ହୋଇଛି। ୨୦୧୪ ପୂର୍ବରୁ ଏମ୍‌ବିବିଏସ ସିଟ୍ ସଂଖ୍ୟା ୫୧,୩୪୮ ଥିଲା। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପଲିସି ଏବଂ ଉନ୍ନୟନମୂଳକ କାମ ଯୋଗୁ ମେଡିକାଲ ସିଟ୍ ସଂଖ୍ୟା ୧,୩୯,୮୬୪କୁ ବୃଦ୍ଧି ପାଇଛି। ୨୦୧୪ ପୂର୍ବରୁ ଦେଶରେ ମୋଟ ୩୮,୦୦୦ ଡିଗ୍ରୀ କଲେଜ ଥିଲାବେଳେ ଆଜି ସେହି ସଂଖ୍ୟା ୪୮,୦୦୦ ରୁ ଅଧିକ ହୋଇଛି। ୨୦୧୩ ମସିହାରେ ଦେଶରେ ୧୬ଟି ଆଇଆଇଟି ଥିଲାବେଳେ ମାତ୍ର ୧୨ ବର୍ଷରେ ତାହା ବୃଦ୍ଧି ପାଇ ୨୩ରେ ପହଂଚିଛି। ପୂର୍ବରୁ ଆଇଆଇଟି ପଢୁଥିବା ଛାତ୍ରଛାତ୍ରୀ ସଂଖ୍ୟା ୬୫,୦୦୦ ଥିଲାବେଳେ ବର୍ତ୍ତମାନ ତାହା ବୃଦ୍ଧି ପାଇ ୧,୩୫,୦୦୦ ହୋଇଛି। ୨୦୧୪ ପୂର୍ବରୁ ଦେଶରେ ଆଇଆଇଏମ୍ ସଂଖ୍ୟା ଥିଲା ୧୩ ଯାହା ଏବେ ୨୧ ହୋଇଛି । ସେହିଭଳି ୨୦୧୪ ପୂର୍ବରୁ ଦେଶରେ ଏମ୍ସ ସଂଖ୍ୟା ଥିଲା ୭ ଯାହା ଏବେ ବୃଦ୍ଧି ପାଇ ୨୦ରେ ପହଂଚିଛି। ମାତ୍ର ୧୨ ବର୍ଷ ଭିତରେ ବିଶ୍ୱବିଦ୍ୟାଳୟ, ବୈଷୟିକ ଶିକ୍ଷା ଅନୁଷ୍ଠାନ, ମେଡିକାଲ ସିଟ୍ ସଂଖ୍ୟା, ବିଶ୍ୱବିଦ୍ୟାଳୟରେ ଉଚ୍ଚ ଶିକ୍ଷା ପଢୁଥିବା ଛାତ୍ରୀଛାତ୍ରଙ୍କ ସଂଖ୍ୟା ସବୁଥିରେ ଉଲ୍ଲେଖନୀୟ ଅଭିବୃଦ୍ଧି ପ୍ରମାଣିତ କରୁଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ଦେଶର ଯୁବବର୍ଗ ଛାତ୍ରଛାତ୍ରୀ, ଜେନଜିଙ୍କ ଭବିଷ୍ୟତ ପାଇଁ ପ୍ରତିବଦ୍ଧ ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ରାଜ୍ୟ ମୁଖପାତ୍ର ଶ୍ରୀ ଅନୀଲ ବିଶ୍ୱାଳ କହିଛନ୍ତି।

୨୦୧୪ ପୂର୍ବରୁ ବିଶ୍ୱର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକାରେ ଦେଶର ମାତ୍ର ୧୧ଟି ଶିକ୍ଷାନୁଷ୍ଠାନ ଆସୁଥିଲା, ଯାହା ଆଜିର ଦିନରେ ବୃଦ୍ଧି ପାଇ ୫୬ଟି ପ୍ରତିଷ୍ଠାନକୁ ମିଳିଛି। ଏହା ଦର୍ଶାଉଛି ଯେ, ନରେନ୍ଦ୍ର ମୋଦୀଙ୍କ ସରକାରଙ୍କ ୧୨ ବର୍ଷରେ ଗୁଣାତ୍ମକ ଶିକ୍ଷା କ୍ଷେତ୍ରରେ ଭାରତବର୍ଷର ବିଭିନ୍ନ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। ଯେଉଁ ବିରୋଧୀ ଦଳମାନେ ଆଜି ପ୍ରଶ୍ନ କରୁଛନ୍ତି ଯେ, ଦେଶର ଶିକ୍ଷା କ୍ଷେତ୍ରରେ କ'ଣ ପରିବର୍ତନ ଆସିଛି ସେମାନେ ଏହି ପରିସଂଖ୍ୟାନ ଦେଖିଲା ପରେ ହୁଏତ ଉତର ପାଇଯିବେ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।

ଶ୍ରୀ ବିଶ୍ୱାଳ କହିଛନ୍ତି ଯେ, ରାଜ୍ୟରେ ବିଜେପି ସରକାର ସମୟରେ ଆରମ୍ଭ ହୋଇଥିବା କେଜିରୁ ପିଜି ମାଗଣା ଶିକ୍ଷାଦାନ ଯୋଜନା ଏକ ଐତିହାସିକ ଯୋଜନା। ସେହିଭଳି ୧୪ଟି ବିଶ୍ୱବିଦ୍ୟାଳୟରେ କୂଳପତି ନିଯୁକ୍ତି, ଉଚ୍ଚ ଶିକ୍ଷାରେ ଅଧ୍ୟାପକ ନିଯୁକ୍ତି, ପିଏମ୍ ଉଷା ଏବଂ ରାଜ୍ୟ ସରକାରଙ୍କ ଯୋଜନାରେ ରାଜ୍ୟର ବିଶ୍ୱ ବିଦ୍ୟାଳୟମାନଙ୍କୁ ୬୭୭ କୋଟି ଟଙ୍କାର ଆର୍ଥିକ ଅନୁଦାନ, ଜ୍ଞାନଦୋୟ ଯୋଜନାରେ ୫ ବର୍ଷ ପାଇଁ ୫୪୦୩ କୋଟିର ବ୍ୟୟ ବରାଦ ପ୍ରଥମ ଥର ପାଇଁ ସିଙ୍ଗାପୁରର ଗ୍ଲୋବାଲ ଫାଇନାନ୍ସିଆଲ ନେଟୱାର୍କର ସହଭାଗିତାରେ ଫିନଟେକ୍ ଶିକ୍ଷାର ପ୍ରଚଳନ ଭଳି ଯୁଗାନ୍ତକାରୀ ନିଷ୍ପତି ବିଜେପି ସରକାର ନେଇଛି, ଯାହା ଆଗାମୀ ଦିନରେ ଓଡ଼ିଶାର ଉଚ୍ଚ ଶିକ୍ଷାକୁ ଆହୁରି ସମୃଦ୍ଧ କରିବ। ଓଡ଼ିଶାରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଇକୋସିଷ୍ଟମର ବିକାଶ, ସେମିକଣ୍ଡକ୍ଟର ଇକୋସିଷ୍ଟମର ପ୍ରତିଷ୍ଠା, ଓଡ଼ିଶାରେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ନେଇ ସରକାରୀ କଲେଜ ମାନଙ୍କରେ ଶିକ୍ଷା ବ୍ୟବସ୍ଥାରେ ଏଆଇ, ସ୍ମାର୍ଟ ଏଜୁକେଶନକୁ ପ୍ରଚଳନ କରିବା କ୍ଷେତ୍ରରେ ରାଜ୍ୟ ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି।



- **କ୍ୟାମ୍ପସର ବିକାଶ, ଯୁବ ବର୍ଗଙ୍କ ନିଯୁକ୍ତି ବିଜେପି ସରକାରର ପ୍ରାଥମିକତା**
- **କେବଳ ଡିଗ୍ରୀ ପ୍ରଦାନ ନୁହେଁ ବରଂ ଶିକ୍ଷା ସହ ଦକ୍ଷତା, ଗବେଷଣା ଓ ନିଯୁକ୍ତି ସୁଯୋଗକୁ ଯୋଡି ଓଡ଼ିଶାର ଯୁବପିଢ଼ି ପାଇଁ ଭବିଷ୍ୟତ ନିଶ୍ଚିତ କରାଯାଉଛି: ସୁଜାତା ପାଢ଼ୀ**

ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ସାମାଜିକ ଗଣମାଧ୍ୟମ ସଂଯୋଜକ ଶ୍ରୀମତୀ ସୁଜାତା ପାଢ଼ୀ କହିଛନ୍ତି ଯେ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାରତୀୟ ଜନତା ପାର୍ଟିର ସରକାର ସବୁବେଳେ ଭବିଷ୍ୟତକୁ ଆଖି ଆଗରେ ରଖି ଶିକ୍ଷା ବ୍ୟବସ୍ଥା ନିର୍ମାଣ କରୁଛନ୍ତି। ଜାତୀୟ ଶିକ୍ଷା ନୀତିକୁ ସଠିକ ଢଙ୍ଗରେ ଲାଗୁ କରିବା ସହ ଉଚ୍ଚ ଶିକ୍ଷାରେ ପାରମ୍ପରିକ ଶିକ୍ଷାରୁ ଆଗକୁ ବଢି ବୈଷୟିକ ଶିକ୍ଷା ମଧ୍ୟ କିପରି ସମସ୍ତଙ୍କୁ ମିଳୁ ସେନେଇ ଚିନ୍ତା କରୁଛନ୍ତି। ବିଜେପି ସରକାର ଅମଳରେ ସିନେଟ୍ ବ୍ୟବସ୍ଥା, ବିଭିନ୍ନ ଜିଲ୍ଲାରେ ଗ୍ରୀନଫିଲ୍ଡ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରି ବିଶ୍ୱ ବିଦ୍ୟାଳୟର ବିକେନ୍ଦ୍ରିକରଣ ପାଇଁ ପଦକ୍ଷେପ ନିଆଯାଇଛି। ଏଥିସହ ଶିକ୍ଷା, ଭିତିଭୂମି ଓ ଆଧୁନିକକରଣ ପାଇଁ ସରକାରୀ ଅନୁଦାନକୁ ୫୦ କୋଟି ଏବଂ ଲାବୋରେଟୋରୀ ଗ୍ରାଂଟ ପାଇଁ ୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସ୍ମାର୍ଟ କ୍ଲାସ ରୁମ୍?, ଡିଜିଟାଲ ଶିକ୍ଷା, ଗବେଷଣା, ଉଦ୍ଭାବନ, ରିସର୍ଚ୍ଚ ଫେଲୋସିପ୍?, ସେମିକଣ୍ଡକ୍ଟର, ଭବିଷ୍ୟତ ଟେକ୍ନୋଲୋଜି ଓ ରିସର୍ଚ୍ଚ ଆଦିକୁ ଗୁରୁତ୍ୱ ଦିଆଯାଉଛି। ପୂର୍ବରୁ ଗ୍ରାମାଂଚଳ ଓ ସହରାଂଚଳରେ ଛାତ୍ରୀ ନିବାସ ଅଭାବରୁ ଅନେକ ମେଧାବୀ ଛାତ୍ରୀ ମେଧାବୃତି ପାଇବାରୁ ବଂଚିତ ହେଉଥିଲେ। ମାତ୍ର ବିଜେପି ସରକାର ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ଦେବା ପାଇଁ ଇ-ମେଧାବୃତି, ଗୋପବନ୍ଧୁ ଶିକ୍ଷା ସହାୟତା, ବ୍ୟାସକବି ଫକୀର ମୋହନ ମେଧାବୃତି ଭଳି ଯୋଜନା କରିଛି। ଯୁକ୍ତ ୨ ପରେ ମେଧାବୃତି ଛାତ୍ରଛାତ୍ରୀଙ୍କ ପାଇଁ ଗୋଦାବରିଶ ପ୍ରୋତ୍ସାହନ ଯୋଜନାରେ ଲ୍ୟାପଟପ୍ ପାଇଁ ସହାୟତା ଦିଆଯାଉଛି। ମହିଳା ଓ ଛାତ୍ରୀମାନଙ୍କ ପାଇଁ ଉଚ୍ଚଶିକ୍ଷା ଦୃଷ୍ଟିରୁ ଗ୍ରାମାଂଚଳ ଓ ସହରାଂଚଳରେ ଛାତ୍ରୀ ନିବାସ ନିର୍ମାଣ, ମେଧାବୀ, ଆର୍ଥିକ ଅନଗ୍ରସର, ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କ ପାଇଁ ବିଦେଶରେ ଉଚ୍ଚ ଶିକ୍ଷା, ମେଧାବୃତି, ପ୍ରଶାସନିକ ସେବା ପାଇଁ କୋଚିଂ ଭଳି ପଦକ୍ଷେପ ନିଆଯାଉଛି। କେବଳ ଡିଗ୍ରୀ ପ୍ରଦାନ ନୁହେଁ ବରଂ ଶିକ୍ଷା ସହ ଦକ୍ଷତା, ଗବେଷଣା ଓ ନିଯୁକ୍ତି ସୁଯୋଗକୁ ଯୋଡି ଓଡ଼ିଶାର ଯୁବପିଢ଼ୀ ପାଇଁ ଭବିଷ୍ୟତ ନିଶ୍ଚିନ୍ତ କରାଯାଉଛି ବୋଲି ଶ୍ରୀମତୀ ପାଢ଼ୀ କହିଛନ୍ତି।

● ରାଜ୍ୟ କ୍ୟାବିନେଟ୍ ବୈଠକ

# ୧୧ଟି ବିଭାଗର ୧୬ ପ୍ରସ୍ତାବକୁ ମୋହର



**ଭୁବନେଶ୍ୱର:** ରାଜ୍ୟ ମନ୍ତ୍ରିମଣ୍ଡଳ (କ୍ୟାବିନେଟ)ର ୪୮ତମ ବୈଠକ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ୧୧ ଟି ବିଭାଗର ୧୬ ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି ।

ବୈଠକ ପରେ ମୁଖ୍ୟମନ୍ତ୍ରୀ ମାଝୀ ଗଣମାଧ୍ୟମକୁ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଥିଲେ। ନିଜର ଅଭିଭାଷଣର ପ୍ରାରମ୍ଭରେ ଶାସନ ମୁଖ୍ୟ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ୨୫ ବର୍ଷର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଥିବା ଅବସରରେ ଅଭିନନ୍ଦନ ଜଣାଇଥିଲେ। ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ବିଷଦ ତଥ୍ୟ ରଖିଥିଲେ।

ସୂଚନାନୁସାରେ, ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମତ୍ସ୍ୟ ଓ ପ୍ରାଣୀପାଳନ ବିଭାଗ ର ୨ଟି, ଶିଳ୍ପ ବିଭାଗର ୧ଟି, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୧ଟି, ଅର୍ଥ ବିଭାଗର ୧ଟି, ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ବିଭାଗର ୧ଟି, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ୧ଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ର ୧ଟି, ଜଳ ସମ୍ପଦ ବିଭାଗର ୩ଟି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୩ ଟି, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧ଟି ଏବଂ ଗୋଟିଏ ପ୍ରସ୍ତାବ ସପ୍ତଦଶ ଓଡ଼ିଶା ବିଧାନସଭାର ସପ୍ତମ ଅଧିବେଶନର ସତ୍ରାବସାନ(ସଂସଦୀୟ ବ୍ୟାପାର )ସମ୍ପର୍କିତ ଏହିପରି ମୋଟ ୧୧ଟି ବିଭାଗର ୧୬ ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି।

ଅନୁମୋଦିତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ ମଧ୍ୟରେ, ପୁରୀ ଜିଲ୍ଲାର ଅସ୍ତରଙ୍ଗରେ ୩୩.୮୧ କୋଟି ଟଙ୍କା ବ୍ୟୟରେ ମତ୍ସ୍ୟବନ୍ଦର ନିର୍ମାଣ ହେବ, ସହରାଞ୍ଚଳ ବର୍ଷାଜଳ ନିଷ୍କାସନ ଓ ଉନ୍ନୟନ କାର୍ଯ୍ୟକ୍ରମରେ ୫୦୦କୋଟି ଟଙ୍କା ୨୦୨୬-୨୬ ଆର୍ଥିକ ବର୍ଷରୁ ୨୦୩୦-୩୧ ମଧ୍ୟରେ ଖର୍ଚ୍ଚ କରାଯିବ, ୪ଲକ୍ଷ ୨୦ ହଜାର ଯୁବକଯୁବତୀଙ୍କୁ ଦକ୍ଷତା ବିକାଶ ଯୋଜନାରେ ସାମିଲ କରିବାକୁ ୪୫୦ କୋଟି ଟଙ୍କା ଖର୍ଚ୍ଚ କରାଯିବ, ପ୍ରାଥମିକ ଶିକ୍ଷା ନିଯୁକ୍ତି ପଦ୍ଧତି ଓ ଶିକ୍ଷକ ଓ ଅଧିକାରୀ ସେବା ନିୟମାବଳୀ ୧୯୯୭ର ସଂଶୋଧନ କରାଯିବ। ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନିଃଶୁଳ୍କ ପାଠ୍ୟପୁସ୍ତକ ପ୍ରଦାନ କରାଯିବ। ପୂର୍ବରୁ କେବଳ ୯ମ ଓ ୧୦ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମାଗଣା ପାଠ୍ୟପୁସ୍ତକ ମିଳୁଥିଲା।

# ମୋଦୀଙ୍କ ପାଇଁ ଓଡ଼ିଶାର ହୋଇଛି ଦ୍ରୁତ ବିକାଶ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ଗତ ଅକ୍ଟୋବର ୭ ତାରିଖରେ ନରେନ୍ଦ୍ର ମୋଦୀ ଶାସନ ମୁଖ୍ୟ ଭାବେ ଦେଶର ଜନସାଧାରଣଙ୍କ ସେବାରେ ୨୫ ବର୍ଷ ସମ୍ପୂର୍ଣ୍ଣ କରିଛନ୍ତି। ଏହି ଅବସରରେ ତାଙ୍କୁ ଅଭିନନ୍ଦନ ଜଣାଇ କ୍ୟାବିନେଟରେ ସଂକଳ୍ପ ପାରିତ ହୋଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଦେଶର ଗଣତାନ୍ତ୍ରିକ ଓ ପ୍ରଶାସନିକ ଇତିହାସରେ ମୋଦୀଜୀଙ୍କ ଭଳି ନିରନ୍ତର ସେବା, ସମର୍ପଣ, ସଂକଳ୍ପର ଉଦାହରଣ ବିରଳ ଏବଂ ଅନନ୍ୟ। ତାଙ୍କର ଅସାମାନ୍ୟ ନେତୃତ୍ୱ ଓ ସେବା ମନୋଭାବ ପ୍ରତି ଦେଶର ଜନସାଧାରଣଙ୍କ ଅତୁଟ ସମର୍ଥନ ରହିଛି। ଭାରତର ପ୍ରଧାନମନ୍ତ୍ରୀ ଭାବେ ତାଙ୍କ ୧୨ ବର୍ଷର ସମୟ ହେଉଛି ଦେଶର କାୟାକଳ୍ପର ସମୟ। ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ପୂରଣ କରିବା ପାଇଁ ମୋଦୀଜୀ ଚାରିଟି ପ୍ରମୁଖ ବର୍ଗକୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଗୁରୁତ୍ୱାରୋପ କରିଛନ୍ତି। ଏହି ଚାରିଟି ବର୍ଗ ହେଉଛି ମହିଳା, କୃଷକ, ଗରିବ ଓ ଯୁବବର୍ଗ। ଏହି ଚାରି ବର୍ଗର ସଶକ୍ତୀକରଣ ଦ୍ୱାରା ସମଗ୍ର ଦେଶ ସଶକ୍ତ ହେଉଛି। ଅସାଧାରଣ ଚ୍ୟାଲେଞ୍ଜକୁ ସିଧାସଳଖ ଭାବେ ଗ୍ରହଣ କରିବାର ସାହସ ମୋଦୀଜୀଙ୍କ ନେତୃତ୍ୱରେ ପରିଲକ୍ଷିତ ହୁଏ।

ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ, ପ୍ରଧାନମନ୍ତ୍ରୀ ଭାବେ ମୋଦୀଜୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ବିକାଶମୂଳକ ପଦକ୍ଷେପଗୁଡ଼ିକୁ ମଧ୍ୟ ସ୍ୱତନ୍ତ୍ର ଗୁରୁତ୍ୱ ମିଳିଛି। ଓଡ଼ିଶାରେ ଆମ ସରକାର ଗଠନ ହେବା ପରଠାରୁ ପ୍ରଧାନମନ୍ତ୍ରୀ ୮ ଥର ଓଡ଼ିଶା ଆସି ରାଜ୍ୟର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେଇଛନ୍ତି ଓ ପରାମର୍ଶ ମଧ୍ୟ ଦେଇଛନ୍ତି। ଓଡ଼ିଶାର ଭିତିଭୂମି ବିକାଶ, ଶିଳ୍ପାୟନ, ଶିକ୍ଷା, ସ୍ୱାସ୍ଥ୍ୟ, ଟେକ୍ନୋଲୋଜି ଓ ଗରିବ କଲ୍ୟାଣ କାର୍ଯ୍ୟକ୍ରମକୁ କେନ୍ଦ୍ର ସରକାରଙ୍କର ସମ୍ପୂର୍ଣ୍ଣ ସହଯୋଗ ମିଳୁଛି। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ପରିକଳ୍ପନାର କେନ୍ଦ୍ରରେ ଓଡ଼ିଶା ହିଁ ରହିଛି। ୨୦୧୪ ମସିହାଠାରୁ ଓଡ଼ିଶାରେ ୨,୨୩୬ କିଲୋମିଟର ନୂତନ ରେଳପଥ ନିର୍ମାଣ କରାଯାଇଛି ଏବଂ ରାଜ୍ୟରେ ଶତପ୍ରତିଶତ ରେଳ ବିଦ୍ୟୁତ୍‌କରଣ ହାସଲ ହୋଇଛି। ୩୦ ବର୍ଷରୁ ଅଧିକ ସମୟ ଧରି ଅପେକ୍ଷା କରିଥିବା ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ଏବେ ପ୍ରାୟତଃ ସମ୍ପୂର୍ଣ୍ଣ ହେବା ଉପରେ। ୬ଟି ବନ୍ଦେ ଭାରତ ଟ୍ରେନ୍ ଓଡ଼ିଶାର ୨୫ଟି ଷ୍ଟପେଜ୍ ଦେଇ ୧୭ଟି ଜିଲ୍ଲାକୁ ସଂଯୋଗ କରୁଛି।



ଏହା ବ୍ୟତୀତ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ୫୯ଟି ଷ୍ଟେସନର ପୁନର୍ବିକାଶ କରାଯାଉଛି। ରାଜ୍ୟର ସଡ଼କ ଭିତିଭୂମିକୁ ଗୁରୁତ୍ୱ ଦିଆଯାଇ ୧୧୧ କିଲୋମିଟର ଦୀର୍ଘ ୬-ଲେନ୍ ବିଶିଷ୍ଟ କ୍ୟାପିଟାଲ ରିଜିଅନ୍ ରିଙ୍ଗ୍ ରୋଡ୍? ପାଇଁ ୮,୩୦୮ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଓଡ଼ିଶାର ସଡ଼କପଥ, ରେଳପଥ, ଆକାଶପଥ ଓ ଜଳପଥ ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ମୋଦୀ ସରକାରଙ୍କ ସମୟରେ ଯେଉଁ ପଦକ୍ଷେପ ନିଆଯାଇଛି, ତାହା ସ୍ୱାଧୀନ ଭାରତ ଇତିହାସରେ କେବେ ବି ଦେଖିବାକୁ ମିଳି ନଥିଲା। ଏହା ସହିତ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଆଧୁନିକୀକରଣ ସହିତ ରାଉରକେଲା ବିମାନବନ୍ଦରର ମଧ୍ୟ ସଂପ୍ରସାରଣ କରାଯାଉଛି। ଭୁବନେଶ୍ୱରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ଗ୍ରିନ୍ ଡାଟା ସେଣ୍ଟର ପ୍ରତିଷ୍ଠା ସହିତ ସାଇବର ସୁରକ୍ଷା ସୁବିଧା ପ୍ରଦାନ କରାଯାଉଛି। ଇନ୍‌ଫୋଭ୍ୟାଲିରେ ଇଲୋକ୍ଟ୍ରୋନିକ୍ସ ମ୍ୟାନୁଫାକ୍ଚରିଂ କ୍ଲଷ୍ଟର ପ୍ରତିଷ୍ଠା ଦ୍ୱାରା ରାଜ୍ୟକୁ ଇଲୋକ୍ଟ୍ରୋନିକ୍ସ କ୍ଷେତ୍ରରେ ବିପୁଳ ନିବେଶ ଆସୁଛି ଏବଂ ସେମିକଣ୍ଡକ୍ଟର ନିର୍ମାଣରେ ମଧ୍ୟ ଓଡ଼ିଶା ଏକ ଆଗୁଆ ରାଜ୍ୟ ଭାବେ ପ୍ରତିଷ୍ଠା ହାସଲ କରିପାରିଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମର ଦୃଷ୍ଟି ରହିଛି। ଯେହେତୁ ଓଡ଼ିଶା ୨୦୩୬ରେ ସ୍ୱତନ୍ତ୍ର ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରୁଛି, ତେଣୁ ନିତି ଆୟୋଗଙ୍କୁ ମୁଁ ବିକଶିତ ଭାରତର ଲକ୍ଷ୍ୟ ସହିତ ତାଳ ଦେଇ ଓଡ଼ିଶା ପାଇଁ ଦୁଇଟି ଭିଜନ୍ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦେଇଥିଲି। ନିତି ଆୟୋଗ ସହିତ ପ୍ରଧାନମନ୍ତ୍ରୀ ମଧ୍ୟ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ତେଣୁ ଓଡ଼ିଶା ପାଇଁ ପ୍ରସ୍ତୁତ ହେଲା ଭିଜନ୍ ୨୦୩୬ ଓ ୨୦୪୭। ଓଡ଼ିଶାର ଏହି ଭିଜନ୍‌କୁ ସାକାର କରିବା ଉପରେ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ଫୋକସ୍ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

## ସରିଲା ଛାତ୍ର ସଂସଦ ନିର୍ବାଚନ ପାଇଁ ପ୍ରଚାର

# ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଙ୍ଗରେ ହେବ ପ୍ରତିଶ୍ରୁତି ବର୍ଷା

ଭୁବନେଶ୍ୱର : ଦିନକ ପରେ ବହୁ ପ୍ରତୀକ୍ଷିତ ଛାତ୍ର ସଂସଦ ନିର୍ବାଚନ। ପ୍ରଚାରର ଶେଷ ଦିନରେ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜୋରଦାର ହୋଇଛି ପ୍ରଚାର। କ୍ଲାସରୁମରୁ କ୍ଲାସରୁମ, ହଷ୍ଟେଲରୁ ହଷ୍ଟେଲ ବୁଲି ବୁଲି ଭୋଟ୍ ମାଗିଛନ୍ତି ପ୍ରାର୍ଥୀ। ଅନ୍ୟପଟେ ଆଜି ବିଭିନ୍ନ ସ୍ଥାନରୁ ଆସିଛି ଛାତ୍ର ଅଶାନ୍ତିର ଦୃଶ୍ୟ।

ରାତି ପାହିଲେ ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂ। ପ୍ରାର୍ଥୀ କହିବେ ମନର କଥା। ଦିନକ ପରେ ନେତା ବାଛିବେ ଛାତ୍ରଛାତ୍ରୀ। ଏହା ପୂର୍ବରୁ ବିଦ୍ୟାର୍ଥୀଙ୍କୁ ମନାଇବା ପାଇଁ ଲାଗିପଡ଼ିଛନ୍ତି ତିନି ପ୍ରମୁଖ ଛାତ୍ର ସଂଗଠନ। ନିର୍ବାଚନକୁ ନେଇ ଛାତ୍ର ସଂଗଠନଗୁଡ଼ିକ ମଧ୍ୟରେ ବଢ଼ିଛି ତତ୍ପରତା। ନିଜ ନିଜର ସମର୍ଥକଙ୍କୁ ଜିତାଇବା ପାଇଁ ଲଗାଇ ଦେଇଛନ୍ତି ସବୁ ବଳ ଓ କୌଶଳ। ବିରାଟ ଶୋଭାଯାତ୍ରା କରିବା ସହ ନିଜର ଶକ୍ତି ଦେଖାଇଛନ୍ତି ଛାତ୍ର ନେତା। ଏପଟେ..ଶେଷ ଦିନରେ ବିଭିନ୍ନ କ୍ୟାମ୍ପସରେ ଜମିଥିଲା ଭୋଜିଭାତର ଆସର। କେଉଁଠି ମାଛ ଘାଣ୍ଟ, ଚିକେନ ତ ପୁଣି କେଉଁଠି ପନିର। ପୁଣି କେଉଁଠି ବଣ୍ଟା ଯାଇଥିଲା ଗୁପଚୁପ, ଦହିବରା । ଛାତ୍ରଛାତ୍ରୀଙ୍କୁ ମନ ପସନ୍ଦର ଖାଦ୍ୟ ଦେଇ ଖୁସି କରିବାକୁ ଉଦ୍ୟମ କରିଛନ୍ତି ପ୍ରାର୍ଥୀ।

ଗୋଟିଏ ପଟେ ପ୍ରଚାର ଜୋରଦାର ଚାଲିଥିବାବେଳେ ଅନ୍ୟପଟେ ବିଭିନ୍ନ ସ୍ଥାନରୁ ଆସିବାରେ ଲାଗିଛି ଅଶାନ୍ତିର ଖବର। ଉତ୍କଳ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପରେ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟରୁ ଦେଖିବାକୁ ମିଳିଛି ଛାତ୍ର ଉତେଜନା। ଏବିଭିପିର ସଭାପତି ପ୍ରାର୍ଥୀଙ୍କୁ ଆକ୍ରମଣ କରିବା ସହ ତାଙ୍କ ସମର୍ଥକଙ୍କୁ ବିରୋଧୀ ଛାତ୍ର ସଂଗଠନର କର୍ମକର୍ତ୍ତା ଧମକ ଦେଉଥିବା ଅଭିଯୋଗ କରିଛନ୍ତି। .. ବାଲେଶ୍ୱର ମିତ୍ରପୁର ଓ ବସ୍ତା କଲେଜରେ ଛାତ୍ର ହିଂସାକୁ ନେଇ ନିର୍ବାଚନ ବାତିଲ।



ରାଜ୍ୟର ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ ମୋଟ ୬ହଜାର ୮ଶହ ୯୧ ପ୍ରାର୍ଥୀ ନିର୍ବାଚନ ଲଢ଼ୁଛନ୍ତି। ବିଭିନ୍ନ ବିଶ୍ୱବିଦ୍ୟାଳୟରେ ୩୫୮ ପ୍ରାର୍ଥୀ ନିର୍ବାଚନ ଲଢୁଥିବା ବେଳେ ୪୨ଜଣ ବିନା ପ୍ରତିଦ୍ୱନ୍ଦ୍ୱିରେ ବିଜୟୀ ହୋଇ ସାରିଛନ୍ତି। ଏଥିସହ ୭ରୁ ଅଧିକ କଲେଜରେ ସାଇନ୍-ଏ-ଡାଏ ଓ ୧୨ରୁ ଅଧିକ କଲେଜରେ ନିର୍ବାଚନ ବାତିଲ ହୋଇଛି।

# କନ୍ଧମାଳର ପୁଣି ଯୋଡ଼ାମୁଣ୍ଡ ଶିଶୁ ଚର୍ଚ୍ଚା

**ବ୍ରହ୍ମପୁର:** ଯୋଡ଼ାମୁଣ୍ଡ ଶିଶୁଙ୍କୁ ନେଇ କନ୍ଧମାଳଜିଲ୍ଲା ପୁଣି ଚର୍ଚ୍ଚାକୁ ଆସିଛି। ବ୍ରହ୍ମପୁର ବଡ଼ଡାକ୍ତରଖାନାରେ ଏହି ଯୋଡ଼ାମୁଣ୍ଡ ଶିଶୁ ଜନ୍ମ ନେଇଛନ୍ତି। ତୁମୁଡିବନ୍ଧ ବ୍ଲକ ତିଡ଼ିପଦର ଗ୍ରାମର ତ୍ରିଲୋଚନ ମାଝୀଙ୍କ ପତ୍ନୀ ରୁନି ମାଝୀଙ୍କ ପ୍ରସବ ବେଦନା ହେବାରୁ ଗତ ରବିବାର ତାଙ୍କୁ ବ୍ରହ୍ମପୁର ବଡ଼ଡାକ୍ତରଖାନାକୁ ଅଣାଯାଇଥିଲା। ଏଠାରେ ଯୋଡ଼ାମୁଣ୍ଡ ଶିଶୁପୁତ୍ର ଜନ୍ମ ହୋଇଥିବା ବେଳେ ଓଜନ ୨.୬ କିଲୋଗ୍ରାମ ରହିଛି। ଶିଶୁଙ୍କର ମେରୁଦଣ୍ଡ ଦୁଇଟି, ହାତ ତିନିଟି ଓ ଗୋଡ଼ ଦୁଇଟି ଅଛି। କିନ୍ତୁ ହୃତ୍?ପିଣ୍ଡ, ଯକୃତ ଓ ଯୌନାଙ୍ଗ ଗୋଟିଏ ରହିଛି। ତେବେ ମଳଦ୍ୱାର ନାହିଁ। ଶ୍ୱାସକ୍ରିୟାରେ ସମସ୍ୟା ହେଉଥିବାରୁ ଏସ୍‌ଏନ୍‌ସିୟୁରେ ରଖାଯାଇଛି। ଆବଶ୍ୟକ ସ୍ଥଳେ ଭୁବନେଶ୍ୱର ଏମ୍‌ସକୁ ରେଫର କରାଯିବ ବୋଲି ଡାକ୍ତର କହିଛନ୍ତି। ଅନ୍ୟପକ୍ଷରେ ଅସ୍ତ୍ରୋପଚାର ଜରିଆରେ ରୁନି ସନ୍ତାନ ପ୍ରସବ କରିଥିବା ବେଳେ ତାଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ରହିଛି।



ଶିଶୁ ଶଲ୍ୟ ବିଭାଗର ମୁଖ୍ୟ ଡା.ମାନସ ରଞ୍ଜନ ଦାଶ କହିଛନ୍ତି, ଏଭଳି ଅବସ୍ଥାରେ ଶିଶୁ ଜନ୍ମଗ୍ରହଣ କରିବା ଅତ୍ୟନ୍ତ ବିରଳ। ଏହିପରି ମାମଲା ତିନି ଲକ୍ଷରୁ ଚାରିଲକ୍ଷରେ ଗୋଟିଏ ଆସିଥାଏ। ଡାକ୍ତରୀ ପାଠରେ ଏହାକୁ 'ପାରାପାଗସ' ବୋଲି କୁହାଯାଏ। ଏହା 'କନଜୋଇନଡ ଟ୍ୱିନସ'। ଯାହାକି ଅତ୍ୟନ୍ତ ବିରଳ। ଏଭଳି ଶିଶୁଙ୍କୁ ଚିକିତ୍ସା କରିବା ଅତ୍ୟନ୍ତ ଜଟିଳ ଓ ସମ୍ବେଦନଶୀଳ। ଅଲଟ୍ରାସାଉଣ୍ଡ ପରେ ଶରୀରରେ ଥିବା ଅନ୍ୟାନ୍ୟ ସମସ୍ୟା ବିଷୟରେ ଜଣାପଡ଼ିଛି। ଯୌନାଙ୍ଗ ଗୋଟିଏ ଥିବାରୁ ଅସ୍ତ୍ରୋପଚାର ସହ ବିକଳ୍ପ ବ୍ୟବସ୍ଥା ଚିନ୍ତା କରାଯାଉଛି। ପରିବାରର ଆର୍ଥିକ ଅବସ୍ଥା ଭଲ ନଥିବାରୁ ଚିକିତ୍ସା ପାଇଁ ସରକାରଙ୍କୁ ନିବେଦନ କରାଯାଇଛି। ଏହା ସାଧାରଣତଃ ଡିଏନ୍‌ଏ ଗତ ସମସ୍ୟା କାରଣରୁ ହେଉଥିବା ମନେ ହେଉଛି। ସ୍ୱତନ୍ତ୍ର ଟିମ୍ ଜରିଆରେ ଚିକିତ୍ସା ଜାରି ରହିଥିବା ଡା.ଦାଶ କହିଛନ୍ତି। ସୂଚନା ଥାଉକି, ୨୦୧୭ରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ମିଲିପଡ଼ା ଗ୍ରାମର ଯୋଡ଼ାମୁଣ୍ଡ ଶିଶୁ ଜଗାବଳିଆ ଚର୍ଚ୍ଚାକୁ ଆସିଥିଲେ। ଦିଲ୍ଲୀ ଏମ୍‌ସରେ ୪୫ ଘଣ୍ଟାରୁ ଅଧିକ ସମୟ ଧରି ଅସ୍ତ୍ରୋପଚାର ପରେ ସେହିବର୍ଷ ଅକ୍ଟୋବର ମାସରେ ଉଭୟଙ୍କୁ ଅଲଗା କରାଯାଇଥିଲା। ତେବେ ଏହି ବିରଳ ଅସ୍ତ୍ରୋପଚାରର ୩ ବର୍ଷ ପରେ ୨୦୨୦ ନଭେମ୍ବର ୨୫ରେ କଟକ ବଡ଼ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବଳିଆର ମୃତ୍ୟୁ ଘଟିଥିଲା। ଜଗା ଏବେ ସଂପୂର୍ଣ୍ଣ ସୁସ୍ଥ ଅଛି।

# ମେୟର-କମିସନର୍ ମୁହାଁମୁହିଁ

**ଫଳକ ରାଜନୀତି**

**ଭୁବନେଶ୍ୱର :** ବହୁଦିନରୁ ଭୁବନେଶ୍ୱର ମହାନଗର ନିଗମ ମେୟର ଓ କମିସନରଙ୍କ ଭିତରେ ଚାଲିଥିବା ଶୀତଳ ଯୁଦ୍ଧ ଆଜି ପଦାରେ ପଡ଼ିଛି। ଘାଟିକିଆଠାରେ ଖେଳପଡ଼ିଆ ଲୋକାର୍ପଣ କାର୍ଯ୍ୟକ୍ରମରେ ଯେଉଁ ଫଳକ ଲାଗିଥିଲା, ସେଥିରେ ବିଧାୟକ, ସାଂସଦଙ୍କ ନାମ ରହିଥିଲେ ବି ମେୟରଙ୍କ ନାମ ରଖାଯାଇନି। ଭୁବନେଶ୍ୱରର ପ୍ରଥମ ନାଗରିକଙ୍କୁ ଏଭଳି ଅସମ୍ମାନକୁ ନେଇ ଆଜି ପ୍ରବଳ ବିଗିଡ଼ିଛନ୍ତ ମେୟର ସୁଲୋଚନା ଦାସ। ସର୍ବସମ୍ମୁଖରେ କମିସନର୍ ତଥା ବିଡିଏ ଉପାଧ୍ୟକ୍ଷ ଚଞ୍ଚଳ ରାଣାଙ୍କ ଉପରେ ନିଜ ଆକ୍ରୋଶ ଝାଡ଼ିଛନ୍ତି। ମେୟରଙ୍କ ସହ ବିଏମ୍‌ସିର ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ କର୍ପୋରେଟରମାନେ କ୍ଷୋଭଝାଡ଼ିଛନ୍ତି। ଭୁବନେଶ୍ୱରର ପ୍ରଥମ ନାଗରିକଙ୍କୁ ଏଭଳି ଅସମ୍ମାନ ଆଦୌ ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। କେବଳ କୋକ ଆଜି ନୁହେଁ, ବାରମ୍ବାର ଏଭଲ ଅଦେଖା ବିଧାୟକ ପ୍ରଶାନ୍ତ ଜଗଦେବ ହସ୍ତକ୍ଷେପ କରିବା ସହ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା ।

ଆଜି ବସ୍ତିବାସିନ୍ଦା ଆବାସିକ ପ୍ରକଳ୍ପ, ଘାଟିକିଆ ବଜରଙ୍ଗୀ ଖେଳ ପଡ଼ିଆ ସମେତ ୧୨ଟି ଖେଳ ପଡ଼ିଆର ଲୋକାର୍ପଣ ଉତ୍ସବ ଘାଟିକିଆଠାରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଥିଲେ। ସମ୍ମାନିତ ଅତିଥି ଭାବେ ନଗର ଉନ୍ନୟନ ମନ୍ତ୍ରୀ, ଭୁବନେଶ୍ୱର ସାଂସଦ, ଭୁବନେଶ୍ୱର ମଧ୍ୟ ବିଧାୟକ, ଉତ୍ତର ବିଧାୟକ ଓ ଏକାମ୍ର ବିଧାୟକ, ଖୋର୍ଦ୍ଧା ବିଧାୟକ, ବିଏମ୍‌ସି ମେୟର ସୁଲୋଚନା ଦାସଙ୍କୁ ନିମନ୍ତ୍ରଣ କରାଯାଇଥିଲା। ମେୟର ଶ୍ରୀମତୀ ଦାସ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ, କର୍ପୋରେଟରଙ୍କ ସହ ପହଞ୍ଚିଲା ବେଳକୁ ଖେଳ ପଡ଼ିଆ ଲୋକାର୍ପଣ ଫଳକରେ ସାଂସଦ, ବିଧାୟକଙ୍କ ନାମ ଉଲ୍ଲେଖ ଥିଲେ ବି ମେୟରଙ୍କ ନାମ ଉଲ୍ଲେଖ ନଥିଲା। ଏହାକୁ ନେଇ ମେୟର ବିରକ୍ତ ହୋଇଥିଲେ। ସିଧାସଳଖ ଏପରି କାହିଁକି ହେଲା ବୋଲି କମିସନରଙ୍କୁ ସର୍ବସମ୍ମୁଖରେ ପ୍ରଶ୍ନ କରିଥିଲେ। 'ଯଦି ଡାକିବାର ଥିଲା, ସସମ୍ମାନ ଡାକିଥାନ୍ତ, ନଚେତ୍ ଡାକି ନଥା'ନ୍ତା ଏଭଳି କାହିଁକି କରାଗଲା। ଏହା ପ୍ରଥମ ନୁହେଁ, ବାରମ୍ବାର ଏଭଳି କାହିଁକି ହେଉଛି, ବୋଲି ପ୍ରଶ୍ନ କରିଥିଲେ। ଯଦି ଜାଣିଶୁଣି ଏଭଳି କରାଯାଇଛି, ଆମେ ସଭା ଛାଡ଼ି ପଳାଉଛୁ ବୋଲି କହିଥିଲେ । ଅନ୍ୟ କର୍ପୋରେଟରମାନେ ବି ଏକଥା ଦୋହରାଇଥିଲେ। ପରେ ଖୋର୍ଦ୍ଧା ବିଧାୟକ ଶ୍ରୀଜଗଦେବ ଆସି ମେୟରଙ୍କୁ ବୁଝାଇଥିଲେ। ଏହା ଅଜାଣତରେ ଭୁଲ୍ ହୋଇଯାଇଛି ବୋଲି କମିସନର କହିଥିଲେ। ଆଜି ମେୟର ଓ କମିସନରଙ୍କ ଏଭଳି କଥା କଟାକଟି, ଚର୍ଚ୍ଚାର ବିଷୟ ପାଲଟିଛି।

## ଆସିଲେନି ସାଂସଦ, ୨ ବିଧାୟକ

ଭୁବନେଶ୍ୱର ପାଇଁ ୨୨୦ କୋଟିରୁ ଅଧିକ ବଡ଼ ବଡ଼ ପ୍ରକଳ୍ପ ଲୋକାର୍ପିତ ଓ ଶିଳାନ୍ୟାସ ହୋଇଯାଇଛି। ଯେହେତୁ ଏହି ପ୍ରକଳ୍ପ ଭୁବନେଶ୍ୱରର ବସ୍ତିବାସିନ୍ଦା ଓ ଅନ୍ୟମାନଙ୍କ ପାଇଁ ଥିଲା, କାର୍ଯ୍ୟକ୍ରମକୁ ସମସ୍ତ ରାଜନେତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବାହାରେ ଥିବାରୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନଥିଲେ। ଅପରପକ୍ଷେ ବିଜେଡିର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ବି ଏହି କାର୍ଯ୍ୟକ୍ରମରୁ ଦୂରେଇ ରହିଛନ୍ତି। ମଞ୍ଚ ଉପରେ ଏହି ତିନି ଅତିଥିଙ୍କ ପାଇଁ ଚେୟାର ପଡ଼ିଥିଲେ ବି ଏହା ଖାଲି ପଡ଼ିଥିଲା । ତିନି ନେତାଙ୍କ ଅନୁପସ୍ଥିତି ଆଜି ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ପାଲଟିଥିଲା ।

# ଶକ୍ତି ପୂଜା



ଶକ୍ତି ପୂଜା ହେଉଛି ହିନ୍ଦୁଧର୍ମର ପ୍ରାଚୀନତମ ପରମ୍ପରା । ଶକ୍ତି ହେଉଛି ମୂଳ। ଯାହାଦ୍ୱାରା ଜୟ କରିବାର ଶକ୍ତି ଅର୍ଜନ କରାଯାଏ, ତାହାହିଁ ଶକ୍ତି ।।

ଭାତରୀୟ ଦର୍ଶନରେ ତାଙ୍କୁ ଶକ୍ତି ବା ଦେବୀ କୁହାଯାଏ । ତାଙ୍କୁ ବିଭିନ୍ନ ରୂପରେ ପୂଜା କରାଯାଏ । ହୁଏନଂସାଙ୍କ ଭ୍ରମଣ କାହାଣୀର ଶକ୍ତି ଉପାସକଙ୍କ ବିଷୟରେ ଅନେକ କଥା ଲେଖା ଅଛି । ଆଦିମାନବ ମାତୃପୂଜା କରୁଥିବାର ପ୍ରମାଣ ମିଳେ । ଏହା ମହୋଞ୍ଜୋଦାର ସଭ୍ୟତାରୁ ଦେଖାଯାଏ । ଦୁର୍ଗାଦେବୀଙ୍କର କଳ୍ପନା ବୈଦିକ ସାହିତ୍ୟରୁ ହିଁ ସୃଷ୍ଟି ହୋଇଛି । ପ୍ରଥମେ ଦେବୀ, ଆଦିବାସୀଙ୍କ ମଧ୍ୟରେ ସୀମାବଦ୍ଧ ଥିଲା । ଏମାନଙ୍କ ଠାରୁ ଆର୍ଯ୍ୟମାନେ ଗ୍ରହଣ କଲେ । ଆଦିବାସୀମାନଙ୍କର ଶକ୍ତିଙ୍କ, ଶକ୍ତିପୂଜା ବୈଶିଷ୍ଟ ହେଲା ସିଦ୍ଧି ପାଇଁ ମାନସିକରେ ଉତ୍ସର୍ଗ । ଶକ୍ତି ବା ଦୁର୍ଗା, ଦ୍ୱିଭୂଜା, ଚତୁର୍ଭୂଜା, ଷଡ଼ଭୂଜା, ଅଷ୍ଟଭୂଜା ଆଦି । ରାମାୟଣ ଯୁଗରେ ରାମଚନ୍ଦ୍ର ଶକ୍ତିଙ୍କୁ ପୂଜା କରିଥିଲେ । ରାମାୟଣ, ଦେବୀ ଭାଗବତ ମାର୍କଣ୍ଡେୟ ପୁରାଣ, ବାମନ ପୁରାଣ, କାଳିକା ପୁରାଣ, ମତ୍ସ୍ୟ ପୁରାଣ, ବରାହମିହିରଙ୍କ ବୃହତ୍ ସଂହିତା ଗ୍ରନ୍ଥରୁ ଦୁର୍ଗା ପୂଜାର ସୂଚନା ମିଳେ । ଶ୍ରୀକୃଷ୍ଣଙ୍କ ପରାମର୍ଶରେ ମହାଭାରତ ଯୁଗରେ ଅର୍ଜୁନ ଦୁର୍ଗାଙ୍କୁ ପୂଜା କରିଥିଲେ । ସମ୍ଭବତଃ ଖ୍ରୀ:ପୂ: ତୃତୀୟ ଶତାବ୍ଦୀରେ ସୁରଥ ପ୍ରଥମେ ଉତ୍କଳରେ ଶକ୍ତିପୂଜା କରାଇଥିଲେ । ଶକ୍ତି ଉପାସନାରେ ଓଡ଼ିଶା ପ୍ରଥମ ପୀଠ ବୋଲି କାଳିକା ପୁରାଣରେ କୁହାଯାଇଛି । ରାଜାମାନେ ଯୁଦ୍ଧକୁ ଯିବା ପୂର୍ବରୁ ଶକ୍ତିକୁ ପୂଜା କରି ଯାଆନ୍ତି । ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ ସମଗ୍ର ଓଡ଼ିଶାରେ ବିଭିନ୍ନ ଦେବୀ ପୀଠ ଓ ରାଜବାଟୀରେ ଜୟଦୁର୍ଗା, କନକଦୁର୍ଗା, ବନଦୁର୍ଗାଙ୍କୁ ପୂଜା କରାଯାଇଥିଲା । ଆଶ୍ୱିନ ମାସରେ ଦୁର୍ଗାଙ୍କୁ ବହୁଳ ଭାବରେ ପୂଜା କରାଯାଏ । ଚୈତ୍ରମାସରେ ବାସନ୍ତୀ ଦୁର୍ଗା ପୂଜା ଖୁବ୍ କମ୍ କରାଯାଏ । ଆଶ୍ୱିନ ମାସ ଶୁକ୍ଳ ପକ୍ଷରେ ଦୁର୍ଗାପୂଜା କରାଯାଏ । ପ୍ରାୟ ନଅ ଦିନ ଧରି । ଦଶମୀ ଦିନ ଦେବୀ ମେଢ଼ ପାଣିରେ ପଡ଼େ । ଦୁର୍ଗାପୂଜା କଲେ ଦଶଦୋଷରୁ ମୁକ୍ତି ମିଳେ । ଦେବତାଗଣଙ୍କ ଶକ୍ତି ନେଇ ଦୁର୍ଗା ରୂପରେ ଦୈତ୍ୟ ମହିଷାସୁରକୁ ବଧ କରିଥିବାରୁ ବ୍ରହ୍ମା ସର୍ବପ୍ରଥମେ ଦେବୀଙ୍କୁ ଦୁର୍ଗତିନାଶିନୀ ବୋଲି କହିଥିଲେ । ବିଷ୍ଣୁଙ୍କର ସୁଦର୍ଶନ ଚକ୍ରରେ ସତୀଙ୍କ ଅଂଶ ବିଭିନ୍ନ ସ୍ଥାନରେ ପଡ଼ିଥିଲା । ବିରଜା କ୍ଷେତ୍ରରେ ସତୀଙ୍କର ନାଭି ପଡ଼ିଥିବାରୁ ଏହା ନାଭିକ୍ଷେତ୍ର ନାମରେ ପ୍ରସିଦ୍ଧ । ପାଦ ପୁରୀରେ ପଡ଼ିଥିବାରୁ ସେଠି ବିମଳା ରୂପେ ପୂଜା ପାଇଲେ । ଉତ୍କଳର ପୁରପଲ୍ଲୀରେ ବହୁ ଶକ୍ତି ପୀଠ ଅଛି । ଯାଜପୁରରେ ବିରଜା, ପୁରୀରେ ବିମଳା, ଝଙ୍କଡ଼ରେ ଶାରଳା, କୋଣାର୍କରେ ରାମଚଣ୍ଡୀ, ବାଣପୁରରେ ଭଗବତୀ, ବାଙ୍କିରେ ଚର୍ଚ୍ଚିକା, କଟକରେ ରାମଚଣ୍ଡୀ, କାକଟପୁରେ ମଙ୍ଗଳା ଆଦି ବହୁ ସ୍ଥାନରେ । ଏମାନେ ସବୁଦିନେ ପୂଜା ପାଆନ୍ତି । ଦଶହରା ସମୟରେ ମାସେ କିମ୍ୱା ୧୬ ପୂଜା କରାଯାଏ । ସାରଳା ଦାସ ଦ୍ୱାଦଶ ଦେବୀଙ୍କ କଥା ମହାଭାରତରେ ବର୍ଣ୍ଣନା କରିଛନ୍ତି । ଗାଁ ବରଗଛ ଓସ୍ତଗଛ ମୂଳେ ଗ୍ରାମଦେବତୀ ରୂପେ ପୂଜା ପାଉଛନ୍ତି । ବିଷ୍ଣୁଙ୍କର ଦଶଅବତାର ସହିତ ସମନ୍ୱୟ ରଖି "ତୋଡ଼ଳ ତନ୍ତ୍ରରେ ରହିଛି, ତାରାଙ୍କୁ ମତ୍ସ୍ୟ ରୂପିଣୀ, ବଗଳାଙ୍କୁ କୁର୍ମ, ଧୂମାବତୀଙ୍କୁ ବରାହ, ଛିନ୍ନମସ୍ତାଙ୍କୁ ନୃସିଂହ, ଭୁବନେଶ୍ୱରୀଙ୍କୁ ବାମନ, ମାତଙ୍ଗୀଙ୍କୁ ରାମ, ଷୋଡ଼ଶୀଙ୍କୁ ପର୍ଶୁରାମ, ଭୈରବୀଙ୍କୁ ବଳରାମ, ମହାଲକ୍ଷ୍ମୀଙ୍କୁ ବୁଦ୍ଧ, ଦୁର୍ଗାଙ୍କୁ କଲ୍କୀ, କାଳୀଙ୍କୁ କୃଷ୍ଣ ସ୍ୱରୂପରେ ଗ୍ରହଣ କରାଯାଏ । ୧୬ଶ ଶତାବ୍ଦୀରେ ରଚିତ ଦୁର୍ଗୋତ୍ସବ ଚନ୍ଦ୍ରିକାରେ ବନଦୁର୍ଗାଙ୍କ ବିଷୟରେ ବର୍ଣ୍ଣନା ରହିଛି । ପ୍ରାୟ ଓଡ଼ିଶାରେ ଷୋଡ଼ଶ ଶତାବ୍ଦୀରେ ମୃଣ୍ମୟ ମୂର୍ତ୍ତି ପୂଜା ଆରମ୍ଭ ହୋଇଥିବା ବିଭିନ୍ନ ପୁରାଣରୁ ଜଣାଯାଏ । ଏହି ସମୟରେ ଦଶହରା ଦିନ ଗାଁର ବିଭିନ୍ନ ଜାତିର ଲୋକ ତାଙ୍କର ସଜ ବସାନ୍ତି । କେତେକ ସ୍ଥାନରେ ମାଟିର ଦୁର୍ଗାମୂର୍ତ୍ତି ତିଆରି କରି ପୂଜା କରନ୍ତି । ସେତେବେଳେ ପୂଜକମାନଙ୍କ କଣ୍ଠରୁ ଭାସି ଆସେ ନାନା ମନ୍ତ୍ର ପାଠ ।

"ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋନମଃ ।

# ଯେଉଁମାନେ ପରମପିତାଙ୍କୁ ବିଶ୍ୱାସ କରନ୍ତି ନାହିଁ, ସେମାନେ ଜଗତର ବିନାଶ ପାଇଁ ଜନ୍ମ ନେଇଥାନ୍ତି

ଅସୁର ପ୍ରକୃତି ସଂପନ୍ନ ବ୍ୟକ୍ତିମାନେ କହିଥାଆନ୍ତି ଯେ,ଏହି ଜଗତ ସୃଷ୍ଟିମୂଳରେ କେହି ନାହାନ୍ତି । ଏଠାରେ ଧର୍ମ ବା ଅଧର୍ମ କିଛି ନାହିଁ । ଏହି ଜଗତର ନିୟନ୍ତା କୌଣସି ଈଶ୍ୱର ନାହାନ୍ତି । କର୍ମ ବା ଧର୍ମ ବୋଲି କିଛି ନାହିଁ ।

ଶ୍ରୀମଦ୍ ଭଗବତ୍ ଗୀତାର ଷୋଡଶ ଅଧ୍ୟାୟଟିର ନାମ ଦୈବାସୁର ସମ୍ପଦ ବିଭାଗଯୋଗ । ଏଣୁ ଏହି ଅଧ୍ୟାୟଟିରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଭଲ ମଣିଷରଗୁଣ, ଧର୍ମ, ପ୍ରକୃତି ଓ ସ୍ୱଭାବ ଏବଂ ମନ୍ଦ ମଣିଷର ଗୁଣ, ଧର୍ମ, ପ୍ରକୃତି, ସ୍ୱଭାବ ଓ କର୍ମ ବିଷୟରେ ଅର୍ଜୁନଙ୍କୁ ବୁଝାଇଛନ୍ତି । ଏହି ସୃଷ୍ଟି ହେଉଛି ତ୍ରିଗୁଣାତ୍ମିକା । ଏହି ସୃଷ୍ଟିର ଆଧାର ସତ୍ତ୍ୱ, ରଜ, ତମ । ସୃଷ୍ଟି ବା ପ୍ରକୃତି ଏହି ତିନୋଟି ଗୁଣର ସନ୍ତୁଳିତ ସମାହାର । ପ୍ରତି ମନୁଷ୍ୟଠାରେ ଏହି ତିନୋଟି ଗୁଣ ଥାଏ । ମନୁଷ୍ୟର ପୂର୍ବ ଜନ୍ମର ସଂସ୍କାର, କର୍ମଫଳ ବା ପ୍ରାରବ୍ଧ ଆଧାରରେ ତ୍ରୟ ଏହି ଗୁଣ ମନୁଷ୍ୟଠାରେ ପରିପ୍ରକାଶ ହୋଇଥାଏ । ସତ୍ତ୍ୱଗୁଣ- ମନୁଷ୍ୟଙ୍କୁ ଉଚ୍ଚତର ସୁଖ ଓ ଶାନ୍ତି ପ୍ରଦାନ କରିଥାଏ । ରଜୋଗୁଣ-ତୃଷ୍ଣା, ଅନୁରାଗ, ଆସକ୍ତି ଓ ପ୍ରାପ୍ତିର ଆଶା ଜାଗ୍ରତ କରାଇ କର୍ମରେ ପ୍ରବୃତ୍ତ କରାଇଥାଏ । ତମୋଗୁଣ -ସ୍ୱାର୍ଥ, ମୋହ, ଅଜ୍ଞତା, ଅହଂକାର, ଆଳସ୍ୟ ଇତ୍ୟାଦି ପ୍ରମାଦଜନକ ପ୍ରକୃତି ବା ସ୍ୱଭାବ ଦ୍ୱାରା ମନୁଷ୍ୟଙ୍କୁ ଅତିମାତ୍ରାରେ ଆଚ୍ଛନ୍ନ କରି ରଖିଥାଏ । ତମୋଗୁଣଜନିତ ମନ୍ଦ ପ୍ରବୃତ୍ତି ନିଜର କ୍ଷତି କରିବା ସହିତ ଅନ୍ୟର ତଥା ସମାଜର ଓ ସୃଷ୍ଟିର ମଧ୍ୟ କ୍ଷତି କରିଥାଏ ।

ଷୋଡଶ ଅଧ୍ୟାୟରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଦୈବସଂପଦ ଓ ଅସୁର ସଂପଦ ବିଷୟରେ ସମ୍ୟକ୍ ଉପଦେଶ ପ୍ରଦାନ କରିଛନ୍ତି । ଦୈବ ଶବ୍ଦଟି 'ଦେବ' ଶବ୍ଦରେ 'ଅଣ' ପ୍ରତ୍ୟୟ ହୋଇ ନିଷ୍ପନ୍ନ ହୋଇଛି । ଯେଉଁ ବ୍ୟକ୍ତି ଦିବ୍ୟ ଗୁଣରେ ଭୂଷିତ ହୋଇଥାଏ, ସେହି ବ୍ୟକ୍ତି ଦେବ ପଦଯୋଗ୍ୟ । ଦେବର ପର୍ଯ୍ୟାୟବାଚୀ ଶବ୍ଦ ବା ପ୍ରତିଶବ୍ଦ ହେଉଛି ସୁର । ଯେ ଅନ୍ୟର ହିତ ସାଧନ କରେ, ଯାହାଦ୍ୱାରା ଅନ୍ୟର ମଙ୍ଗଳସାଧିତ ହୋଇଥାଏ, ତାହାଙ୍କୁ 'ସୁର' କୁହାଯାଏ । ଅସୁର ଶବ୍ଦଟି ଅର୍ଥ ହେଲା 'ନ ସୁର' ; ଅର୍ଥାତ୍ ଯେ ସୁର ନୁହେଁ । ଯାହାଦ୍ୱାରା ଅନ୍ୟର ମଙ୍ଗଳ ସାଧିତ ହୋଇ ନଥାଏ । କେବଳ କ୍ଷତି ହିଁ ସାଧିତ ହୋଇଥାଏ । କ୍ଷତି ପହଞ୍ଚାଉଥିବା ମନ୍ଦଗୁଣଗୁଡ଼ିକ ଯାହାଠାରେ ଥାଏ, ସେ ଅସୁର । ଦେବ ସଂପଦ ହେଲା ଭଲଗୁଣ, ଭଲ କର୍ମ । ଅସୁର ସଂପଦ ହେଲା ମନ୍ଦଗୁଣ ଓ ମନ୍ଦକର୍ମ ।

ଷୋଡଶ ଅଧ୍ୟାୟର ଆରମ୍ଭରେ ଭଗବାନ ଶ୍ରୀକୃଷ୍ଣ ଦେବଯୋଗ୍ୟ ସାତ୍ତ୍ୱିକ ସଂପଦ ସମ୍ବନ୍ଧରେ କହିଛନ୍ତି । ସେହି ଦୈବସଂପଦ ସମୂହ ହେଉଛି- ଭୟଶୂନ୍ୟତା, ଚିତ୍ତରେ ପ୍ରସନ୍ନତା, ଆତ୍ମଜ୍ଞାନରେ ଆଗ୍ରହ ଓ ନିଷ୍ଠା, ଦାନ, ଇନ୍ଦ୍ରିୟ ସଂଯମ, ବା ଯଥାର୍ଥ ବଚନ । ଅହିଂସା ବା ପରପୀଡା ବର୍ଜନ । ଅକ୍ରୋଧ ବା କ୍ରୋଧର ନିୟନ୍ତ୍ରଣ ତ୍ୟାଗ । ଦୀନଠାରେ ଦୟା, ଲୋଭଶୂନ୍ୟତା, ମୃଦୁତା, ଲଜ୍ଜା, ଚପଳଶୂନ୍ୟତା, ତେଜ, କ୍ଷମା, ଧୃତି, ଶୌଚ, ଅଭିମାନଶୂନ୍ୟ ଏହି ସବୁ ଦିବ୍ୟଗୁଣ ବା ମହତ୍‌ଗୁଣ ଦୈବସଂପଦ । ଏହି ଗୁଣସମୂହକୁ ସାତ୍ତ୍ୱିକ ସଂପଦ ବା ବିଭୂତି କୁହାଯାଏ । ଆସୁରିକ ଗୁଣ ବା ଅସୁର ସଂପଦ ସମୂହ ହେଲା ଦର୍ପ, ଅହଂକାର, କ୍ରୋଧପୂର୍ଣ୍ଣ ନିଷ୍ଠୁରତା, ବାକ୍ୟ ପ୍ରୟୋଗ, ନିଷ୍ଠୁର ବାକ୍ୟ ପ୍ରୟୋଗ ଓ ଅବିବେକପଣ । ସଂସାରରେ ପ୍ରାୟତଃ ଏହି ଦୁଇପ୍ରକାର ମନୁଷ୍ୟ ରହିଛନ୍ତି ଯଥା : ଦେବସ୍ୱଭାବର ମନୁଷ୍ୟ ଏବଂ ଅସୁର ସ୍ୱଭାବର ମନୁଷ୍ୟ । ସାଧାରଣତଃ ଏହି ଦୁଇପ୍ରକାର ମନୁଷ୍ୟଙ୍କୁ ଭଲ ମଣିଷ ଓ ମନ୍ଦ ମଣିଷ କୁହାଯାଏ । ବୃହଦାରଣ୍ୟକ ଉପନିଷଦରେ ଲେଖାଅଛି- "ଦ୍ୱୟା ହ ବୈ ପ୍ରାଜାପତ୍ୟା ଦେବାଶ୍ଚ ଅସୁରଶ୍ଚ ।" ଅର୍ଥାତ୍ ପ୍ରଜାପତି ବ୍ରହ୍ମାଙ୍କର ଦୁଇପ୍ରକାର ମନୁଷ୍ୟ ସୃଷ୍ଟି- ଦେବ ଓ ଅସୁର ।

ଆସୁରିକ ପ୍ରକୃତିକ ସଂପ୍ନ ବ୍ୟକ୍ତିଗଣ ବିଶ୍ୱର ସ୍ରଷ୍ଟା ପରମପିତା ପରମେଶ୍ୱରଙ୍କୁ ବିଶ୍ୱାସ କରନ୍ତି ନାହିଁ । ଗର୍ବ, ଅହଂକାର ଏବଂ ଅଜ୍ଞତାବଶତଃ ଏହିମାନେ କହନ୍ତି ଯେ, ଏହି ଜଗତର ସ୍ରଷ୍ଟା ଓ ନିୟନ୍ତା କେହି ନାହାନ୍ତି; ଈଶ୍ୱର ନାହାନ୍ତି । ସଂସାରରେ ଧର୍ମ ବୋଲି କିଛି ନାହିଁ କି ଅଧର୍ମ ବୋଲି କିଛି ନାହିଁ । ଏହି ପ୍ରକାର ମତବାଦ ପୋଷଣ କରୁଥିବା ଲୋକମାନଙ୍କୁ ନିରୀଶ୍ୱରବାଦୀ ବା ନାସ୍ତିକ କୁହାଯାଏ । ଅସୁରଗୁଣ ସମ୍ପନ୍ନ ବ୍ୟକ୍ତିମାନେ ଏହି ମତବାଦ ଗ୍ରହଣ କରନ୍ତି । ଏହି ନିରୀଶ୍ୱର ମତବାଦୀ ବ୍ୟକ୍ତିମାନଙ୍କୁ ବିକୃତମତି ଅଳ୍ପବୁଦ୍ଧି, କ୍ରୁରକର୍ମା, ଅହିତକାରୀ ଓ ଜଗତବିନାଶକାରୀ ବୋଲି କୁହାଯାଇଛି ।

ଅସୁରଗୁଣ ସଂପନ୍ନ ବ୍ୟକ୍ତିମାନଙ୍କ କାମନା-ବାସନା ଅତ୍ୟନ୍ତ ଉଗ୍ର । ଯେତେ ଧନସଂପତ୍ତି ପାଇଲେ ମଧ୍ୟ ଏହି ପ୍ରବୃତ୍ତିର ଲୋକମାନେ ସନ୍ତୁଷ୍ଟ ହୁଅନ୍ତି ନାହିଁ । ନିଜର ସ୍ୱାର୍ଥ ହାସଲ ପାଇଁ ଏହି ଅସୁର ପ୍ରବୃତ୍ତିର ବ୍ୟକ୍ତିମାନେ ସମସ୍ତ ପ୍ରକାର ଅନ୍ୟାୟ ଓ ଅନୀତି କରିପାରନ୍ତି । ଅହଂକାର ବା 'ମୁଁ' ଶବ୍ଦଟି ଏହି ବ୍ୟକ୍ତିମାନଙ୍କଠାରେ ଅତିମାତ୍ରାରେ ରହିଥାଏ । ଏହିମାନେ ସବୁବେଳେ 'ମୁଁ ଧନୀ, ମୁଁ ଉଚ୍ଚବଂଶଜ, ମୁଁ ସମସ୍ତଙ୍କଠାରୁ ବଡ଼, ମୁଁ ଦାନ କରୁଛି, ମୁଁ ଯଜ୍ଞ କରୁଛି ।' ବୋଲି ପ୍ରଚାର କରିଥାନ୍ତି ।

ପରମପିତା ପରମେଶ୍ୱର ମଙ୍ଗଳମୟ । ସେ ସୃଷ୍ଟିର ସମସ୍ତ ପ୍ରାଣୀ ଓ ବସ୍ତୁର ମଙ୍ଗଳବିଧାନ କରନ୍ତି । କିନ୍ତୁ ଅସୁର ଗୁଣ ସଂପନ୍ନ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଅନ୍ୟର ମଙ୍ଗଳବିଧାନର ବାଧକ, କାରଣ ସେମାନଙ୍କର କାର୍ଯ୍ୟକଳାପ ସ୍ୱାର୍ଥ, ମୋହ ଓ ଲୋଭଜନିତ । ଈଶୋପନିଷଦରେ କୁହାଯାଇଛି ; "ତେନତ୍ୟକ୍ତେନ ଭୁଞ୍ଜିଥା ମା ଗୃଧଃକସ୍ୟ ସ୍ୱିଦ ଧନମ୍'' ତ୍ୟାଗ ପୂର୍ବକ ଭୋଗ କର ଅର୍ଥାତ୍ ଯେତିକି ସର୍ବନିମ୍ନ ଆବଶ୍ୟକ, ସେତିକି ହିଁ ଉପଭୋଗ କରବା ଉପଯୋଗ କର । ଆବଶ୍ୟକତାଠାରୁ ଅଧିକା ଉପଯୋଗ ବା ଉପଭୋଗ ହେଉଛି ଅନ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ ସମ୍ବଳର ଅପହରଣ । କାରଣ ଈଶ୍ୱର ପ୍ରାକୃତିକ ସମ୍ବଳ ସୃଷ୍ଟି କରିଛନ୍ତି ସମସ୍ତଙ୍କ ଉପଯୋଗ ନିମିତ୍ତ । ଜଣେ ଅଧିକମାତ୍ରାରେ ଉପଯୋଗ କଲେ ଅନ୍ୟମାନେ ସେଥିରୁ ବଞ୍ଚିତ ହେବେ । ଦ୍ୱିତୀୟତଃ, ଅଧିକ ମାତ୍ରାରେ ଜଳ, ଜମି, ଜଙ୍ଗଲ ଆଦି ପ୍ରାକୃତିକ ସଂପଦର ଉପଭୋଗ ଯୋଗୁ ପ୍ରାକୃତିକ ସମ୍ବଳର ଅବକ୍ଷୟ ହୋଇଥାଏ । ଏହା ଅନ୍ୟ ପ୍ରାଣୀଙ୍କ ଜୀବନଧାରା ପ୍ରକ୍ରିୟାରେ ବାଧା ସୃଷ୍ଟି କରିଥାଏ । ଏଣୁ ଏହା ସୃଷ୍ଟି ବିନାଶକାରୀ ବା ସୃଷ୍ଟିଦ୍ରୋହୀ କାର୍ଯ୍ୟ । ଠିକ୍ ସେହିପରି ହିଂସା ବା ପରପୀଡନ, ନିଷ୍ଠୁରବାକ୍ୟ ପ୍ରୟୋଗ ଅନ୍ୟମାନଙ୍କୁ ଦୁଃଖକଷ୍ଟ ଦେଇଥାଏ । ଗର୍ବ ଓ ଅହଂକାର ଯୋଗୁ ପରିବାରର ଓ ସମାଜର କ୍ଷତି ହୋଇଥାଏ । ଏହା ସମାଜ ଜଗତବିନାଶକାରୀ କାର୍ଯ୍ୟ । ଅସୁର ପ୍ରବୃତ୍ତି କାର୍ଯ୍ୟକଳାପ ଯୋଗୁ ନିଜର ଅଧୋଗତି ସହିତ ଅନ୍ୟର ମଧ୍ୟ କ୍ଷତି ହୋଇଥାଏ । ଏଣୁ ଆସୁରିକ ଗୁଣ ସଂପନ୍ନ ବ୍ୟକ୍ତି ସମାଜଦ୍ରୋହୀ, ସମାଜଦ୍ରୋହୀ ଓ ଜଗତ ବିନାଶକାରୀ ।

# ଶକ୍ତିରୂପେଣ ଶ୍ରୀଦୁର୍ଗା

ଶ୍ରୀ ବିଚିତ୍ରାନନ୍ଦ ବାରିକ

ଏ ବିଶ୍ୱ ହେଉଛି ମା'ଙ୍କର ଚିନ୍ମୟରୂପ । ବିଶ୍ୱର ରୂପ ରଙ୍ଗ ମାଆଙ୍କ ଠାରୁ ଉତ୍ପନ୍ନ । ମାଆ ହିଁ ଆଦି ଓ ଅନ୍ତ । ମାଆଙ୍କ ବିନା ଏ ମଣିଷ ଜୀବନ ଓ ଜଗତର କୌଣସି ଅସ୍ତିତ୍ୱ ନାହିଁ । ଚିନ୍ତା ଓ ଚେତନା ନିମନ୍ତେ ଦେବୀ ଉପାସନା ହେଉଛି ପ୍ରକୃତ ଉପାସନା । ଦେବୀ ଉପନିଷଦ୍‌ରେ ଉଲ୍ଲେଖ ରହିଛି ଯେ ବ୍ରହ୍ମଠାରୁ ବ୍ରହ୍ମ ଶକ୍ତି ଅଭିନ୍ନ ଅଟେ । ସତ୍, ଚିତ୍ ଓ ଆନନ୍ଦର ସନ୍ତାନ ହେଉଛି ଶକ୍ତି ତତ୍ତ୍ୱ । ଏହା ହିଁ ପରା ଓ ଅପରା ପ୍ରକୃତି ଯାହାକି ଏ ସୃଷ୍ଟିର ବୀଜ ଓ ଚୈତନ୍ୟ ଅଟେ । ଯେତେବେଳେ ଏ ସୃଷ୍ଟିର ବିକାଶ ଘଟେ, ସ୍ଥାନେ ସ୍ଥାନେ ଅରାଜକତା ହିଂସା ଆଦି ସୃଷ୍ଟି ହୁଏ । ସେତେବେଳେ ମା' ପ୍ରତ୍ୟକ୍ଷ ରୂପରେ ଆବିର୍ଭାବ ହୋଇ ଦୁଷ୍ଟମାନଙ୍କୁ ବିନାଶ କରନ୍ତି ଏବଂ ସାଧୁସନ୍ଥମାନଙ୍କୁ ପାଳନ କରିଥାନ୍ତି । ପ୍ରତ୍ୟେକ ଜୀବର ମୂଳାଧାରପଦ୍ମରେ ଦେବୀ କୁଣ୍ଡଳିନୀ ଶକ୍ତି ରୂପରେ ମାଆ ସର୍ବଦା ବିଦ୍ୟମାନ । ଏହି କୁଣ୍ଡଳିନୀ ଶକ୍ତି ହିଁ ଜୀବାତ୍ମାର ପ୍ରାଣ ସ୍ୱରୂପ, କୁଣ୍ଡଳିନୀ ଶକ୍ତି ଚୈତନ୍ୟ ସମ୍ପାଦନା କରିବା ଦ୍ୱାରା ଜୀବ ଅମୋଘ ଶକ୍ତିର ଅଧିକାରୀ ହୋଇଥାଏ ।

ଶ୍ରୀ ଦୁର୍ଗା ଆଦିଶକ୍ତି, ମହାମାୟା ହେଉଛନ୍ତି ସତ୍, ଚିତ୍ ଓ ଆନନ୍ଦ ସ୍ୱରୂପିଣୀ । ଏ ମଣିଷକୁ ସେ ହିଁ ଆତ୍ମଜ୍ଞାନ ପ୍ରଦାନ କରିଥାନ୍ତି । ବିଜ୍ଞାନର ଉଦ୍ଭାବନ ଗୁଡ଼ିକରେ ମାଆଙ୍କ ଶକ୍ତି ରୂପାନ୍ତରିତ ଅଟେ । ସେହି ଶକ୍ତି ଅଗ୍ନିର ଉତାପରେ ଏବଂ ଜଳର ବିଦ୍ୟୁତ୍ ଶକ୍ତି ଭାବରେ ସୂର୍ଯ୍ୟଙ୍କର କିରଣରେ, ମେଘର ବର୍ଷଣରେ, ପବନର ବେଗରେ, ଚନ୍ଦ୍ରଙ୍କର ଶୀତଳତାରେ ବିଜ୍ଞାନର ରାସାୟନିକ ଓ ଆଣବିକ ଶକ୍ତିରେ ଔଷଧର ଜୀବନରକ୍ଷାକାରୀ ଗୁଣରେ ଜୀବନର ପ୍ରାଣଶକ୍ତିରେ, ସମାଜର ଗଣଶକ୍ତିରେ, ଶାସନର ରାଜଶକ୍ତିରେ ଏବଂ ରାଷ୍ଟ୍ରର ଅର୍ଥଶକ୍ତିରେ ପରିଲକ୍ଷିତ ହୋଇଥାଏ । ଶ୍ରୀ ଦୁର୍ଗା ଆଦିଶକ୍ତି ହିଁ ଏସବୁର ବିଧାନକର୍ତ୍ତ୍ରୀ ।

ମାଆ ଦୁର୍ଗା ହିଁ ଆଦିଶକ୍ତି ରୂପରେ ବିଶ୍ୱର ଅଣୁ ଓ ପରମାଣୁ ମଧ୍ୟରେ ବିଦ୍ୟମାନ । ମାଆଙ୍କର ସ୍ଥିତି ସୃଷ୍ଟିର ସଦାଚାର ରୂପରେ ହିଁ ତିଷ୍ଠି ରହେ । ଏ ପୃଥିବୀରେ ଦେବୀ ଓ ଆସୁରିକ ଉଭୟ ଚେତନା ବିଦ୍ୟମାନ । ପୃଥିବୀରେ ଯେତେବେଳେ ଯେଉଁ ଶକ୍ତିର ବୃଦ୍ଧି ହୁଏ, ସେହି ସମୟରେ ମାଆଙ୍କୁ ସେହି ରୂପରେ ହିଁ ଦେଖିବାକୁ ମିଳେ । କାରଣ ମାଆ ହେଉଛନ୍ତି ପରାଶକ୍ତି ଯେ କି ପରମସତ୍ତାଙ୍କ ସ୍ୱରୂପ । ଶକ୍ତି ବଳରେ ସେ ହିଁ ଅସୁରମାନଙ୍କୁ ବିନାଶ କରନ୍ତି ଏବଂ ସୃଜନ, ପାଳନ ଓ ସଂହାର ଦିଗରେ ବ୍ରହ୍ମା, ବିଷ୍ଣୁ ଓ ଶିବଙ୍କୁ ଆବଶ୍ୟକୀୟ ଶକ୍ତି ମଧ୍ୟ ଯୋଗାଇଥାନ୍ତି । କାରଣ ମାତା ହିଁ ହେଉଛନ୍ତି କ୍ଷମାଶୀଳା, ମମତାମୟୀ, ବରଦାୟିନୀ ଓ କଲ୍ୟାଣମୟୀ । ମାତା ହେଉଛନ୍ତି ବହୁରୂପା । ମାଟି ରୂପରେ ସେ 'ପୃଥିବୀ', ଗୋ ମାତା ରୂପ ନେଇ ସେ 'କାମଧେନୁ', ବୃକ୍ଷ ରୂପରେ ସେ ବୃନ୍ଦାବତୀ, ବିଦ୍ୟା ରୂପ ନେଇ ସେ 'ନୀଳ ସରସ୍ୱତୀ', ଧନ ରୂପରେ 'ମହାଲକ୍ଷ୍ମୀ', ନଦୀ ରୂପରେ 'ଜାହ୍ନବୀ' ଔଷଧ ରୂପରେ 'ବନସ୍ପତି' ଏବଂ ସର୍ବୋପରି ଜଗତରେ ପଞ୍ଚଘଟରେ ମାଆ କ୍ଷିତି, ଆପ, ତେଜ, ମରୁତ ଓ ବ୍ୟୋମ ଭାବେ ସର୍ବତ ବ୍ୟାପ୍ତ ଅଟନ୍ତି । ତେଣୁ ହେ ମାତା ନାରାୟଣୀ ମୁଁ ଆପଣଙ୍କର ଶରଣାପନ୍ନ ଜଣେ ଦୀନ ଓ ଆର୍ତ୍ତଜନ ଅଟେ । ମୋତେ ଆପଣ ସକଳ ସଂକଟ ଓ ଦୁଃଖରୁ ପରିତ୍ରାଣ କରି ରଖନ୍ତୁ ।



'ଦୁର୍ଗା' ଶବ୍ଦର ଅର୍ଥ ବ୍ୟାପକ ଅଟେ । ପ୍ରଥମତଃ 'ଦୁଃସାଧ କର୍ମ ସାଧୟତେ ଇତି ଯା ସା ଦୁର୍ଗା' । ଦ୍ୱିତୀୟତଃ 'ଦୁଃଖେନ ଦୁର୍ଗତି ଚାତି କରୋତି ଇତି ଦୁର୍ଗା' । ତୃତୀୟଟି ହେଉଛି 'ଦୁର୍ଗଂ ରକ୍ଷା କରୋତି ଇତି ଯେ ସା ଦୁର୍ଗା ।' ଶାସ୍ତ୍ରାନୁସାରେ ଦୁର୍ଗମ ନାମକ ରାକ୍ଷସକୁ ବିନାଶ କରିଥିବାରୁ ମାଆଙ୍କର ନାମ ହେଉଛି ଦୁର୍ଗା । ମା ଦୁର୍ଗା ହେଉଛନ୍ତି ସକଳ ଶକ୍ତିର ଆଧାର । ଅଗ୍ନି ରୂପ ଧାରଣ କରି ସେ ଦୁର୍ଗମ ନାମକ ରାକ୍ଷସକୁ ବିନାଶ କରି ଥିବାରୁ ତାଙ୍କର ନାମ ହେଉଛି ଦୁର୍ଗା । ସେହିଁ ସୃଷ୍ଟି ସ୍ଥିତି, ପ୍ରେମ ଓ ପ୍ରଳୟ ଅଧିକାରିଣୀ । ସେ ହିଁ ଜଡ଼, ଚେତନ, କ୍ଷୁଧା, ତୃଷ୍ଣା, ତୃପ୍ତି-ସୃଷ୍ଟି, ଶ୍ରଦ୍ଧା-ଭକ୍ତି, ଶାନ୍ତି, କାନ୍ତି, ଲଜ୍ଜା, ଭୂ ଆଦିର ଅଂଶ ଅଟନ୍ତି । ସେ ହିଁ ସିଦ୍ଧିଦାତ୍ରୀ, ବୁଦ୍ଧି ଦାତ୍ରୀ, ମଙ୍ଗଳମୟୀ, ବିଶ୍ୱ ସନାତନୀ ଦେବୀ ଦଶଭୂଜା ଭାବେ ପୂଜିତା । ଦଶହରା ଓ ନବରାତ୍ରୀ ସମୟରେ ମାଆ ମହାଲକ୍ଷ୍ମୀ ସରସ୍ୱତୀ ଏବଂ ମହାକାଳୀ ରୂପରେ ସ୍ୱତନ୍ତ୍ର ଭାବେ ପୂଜା ଗ୍ରହଣ କରିଥାନ୍ତି ।

ଦକ୍ଷ ପ୍ରଜାପତିଙ୍କ ଯଜ୍ଞସ୍ଥଳକୁ ଯିବା ନିମନ୍ତେ ଭଗବାନ ଶିବ ମାତାଙ୍କୁ ବାରଣ କରନ୍ତେ ମାଆ ନିଜର ଦଶରୂପ ଦର୍ଶ ନରନ୍ତେ ମାଆ ନିଜର ଦଶରୂପ ପ୍ରଦର୍ଶନ କରି ମହାଦେବୀ ନାମରେ ପରିଚିତା ହୋଇଥିଲେ । ସେ ନାମଗୁଡ଼ିକ ହେଉଛି- କାଳୀ, ବଗଳା, ଛିନ୍ନମସ୍ତା, ଭୁବନେଶ୍ୱରୀ, ଧୂମାବତୀ, କମଳୀ ତାରା, ଷୋଡ଼ଶୀ, ମାତଙ୍ଗୀ ଓ ଭୈରବୀ । ଶିବା ବିନା ଭଗବାନ ଶିବ ଶବ୍ଦ ଅଟନ୍ତି । ସେହିପରି ଜନନୀ ବିନା ସନ୍ତାନର ଜୀବନ ଶୂନ୍ୟ ପାତ୍ର ତୁଲ୍ୟ ଅଟେ । ତେଣୁ ପାର୍ବଣ ସମୟରେ ଆମେ ନିର୍ମଳ ମନ ନେଇ ମାଆ ଦୁର୍ଗାଙ୍କୁ ହୃଦୟ ମଧ୍ୟରେ ଧାରଣ କରି ଶ୍ରଦ୍ଧାର ସହିତ ତାଙ୍କର ଉପାସନା କରିବା ଉଚିତ୍ । ଏପରି କରିବା ଦ୍ୱାରା ମାଆଙ୍କର ଆଶୀର୍ବାଦ ପାଇ ଆମେ ସକଳ ଦୁଃଖରୁ ରକ୍ଷା ପାଇ ପାରିବା । କାରଣ ପିତାଙ୍କ ଠାରୁ ମାତାଙ୍କ ନାମ ସର୍ବଦା ଶୀର୍ଷରେ ଥାଏ । ତେଣୁ ଦେବାଦେବୀଙ୍କ ନାମ ଉଚ୍ଚାରଣ ସମୟରେ ପ୍ରଥମେ ମାତୃ ନାମକୁ ଉଚ୍ଚାରଣ କରିବାକୁ ପଡ଼ିଥାଏ । ଯୁଗ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମାଆ ଦୁର୍ଗା ଆଦିଶକ୍ତିଙ୍କୁ ପୂଜା କରି ରାକ୍ଷସ ରାଜା ରାବଣଙ୍କୁ ବିନାଶ କରିଥିଲେ । ପ୍ରଭୁଙ୍କ ଦ୍ୱାରା ମାଆଙ୍କୁ ପୂଜା କରାଯାଇଥିବା ଦିବସଟିକୁ ବିଜୟା ଦଶମୀ କୁହାଯାଏ । ପୁନଶ୍ଚ ଦେବଗଣଙ୍କ ଶରୀର ତେଜରୁ ଉତ୍ପନ୍ନ ହୋଇ ମାଆ ଦୁର୍ଗା ପ୍ରବଳ ପ୍ରତାପୀ ମହିଷାସୁରକୁ ବିନାଶ କରିଥିଲେ । ରାକ୍ଷସମାନଙ୍କୁ ବିନାଶ କରିବା ଲାଗି ମାଆଙ୍କୁ ରୁଦ୍ରାଣୀ, ବରାହୀ, ଚଣ୍ଡୀ ଓ ଚାମୁଣ୍ଡା ରୂପରେ ଆବିର୍ଭୁତା ହୋଇଥିଲେ ଏବଂ ନିଜର ଭକ୍ତମାନଙ୍କୁ ରକ୍ଷା କରିଥିଲେ । ମାଆଙ୍କ ନାମ ଅବର୍ଣ୍ଣନୀୟ ।

ମାଆ ଦୁର୍ଗା ହେଉଛନ୍ତି ଦୁର୍ଗେ ଦୁର୍ଗତି ନାଶିନୀ, ମହିଷାସୁର ମର୍ଦ୍ଦିନୀ, ସେ ସିଂହବାହିନୀ, ଦଶଭୂଜା ଓ କ୍ଷମାଶୀଳା, ଅବାଧ ସନ୍ତାନ ଦର୍ପଦଳନ କରି ସେ ପୁନଶ୍ଚ ତାକୁ ମୋକ୍ଷ ପ୍ରଦାନ କରିଥାନ୍ତି । ମାଆଦୁର୍ଗା ବର୍ଣ୍ଣମାନଙ୍କ ମଧ୍ୟରେ ବ୍ରାହ୍ମଣ, ହ୍ରଦମାନଙ୍କ ମଧ୍ୟରେ ସେ ସାଗର, ମଣିମାନଙ୍କ ମଧ୍ୟରେ ସେ ପୁଷ୍ପରାଗମଣି, ରତ୍ନ ମଧ୍ୟରେ ସୁବର୍ଣ୍ଣ, ପର୍ବତ ମଧ୍ୟରେ ସେ ହିମାଳୟ, ନାରୀମାନଙ୍କ ମଧ୍ୟରେ ନାରାୟଣୀ, ମୁନିମାନଙ୍କ ମଧ୍ୟରେ ସେ କପିଳ ମୁନି, ପୁଷ୍ପ ମଧ୍ୟରେ ସେ କରବୀର ଗୋଲାପ, ଉପନିଷଦ ମଧ୍ୟରେ ଗୀତା, ଏହିପରି ସେ ଶ୍ରେଷ୍ଠ ଅଟନ୍ତି । । ମାଆ ଦୁର୍ଗା ଶୂନ୍ୟ ମଧ୍ୟରେ ଅଖଣ୍ଡ ଓ ଅଦୃଶ୍ୟ ଭାବେ ବିଦ୍ୟମାନ । ସମସ୍ତ ବିଦ୍ୟା ଦେବୀ ଦୁର୍ଗାଙ୍କର ହିଁ ଭିନ୍ନ ଭିନ୍ନ ସ୍ୱରୂପ । ଜଗତ ମଧ୍ୟରେ ଯେତେ ନାରୀ ଅଛନ୍ତି ସେମାନେ ସମସ୍ତେ ମାଆ ଦୁର୍ଗାଙ୍କର ଗୋଟିଏ ଗୋଟିଏ ମୂର୍ତ୍ତି ରୂପ ଅଟନ୍ତି । ଯେ ପର୍ଯ୍ୟନ୍ତ ଏହି ସତ୍ୟକୁ ମଣିଷ ସ୍ୱୀକାର ନକରିଛି, ସେ ପର୍ଯ୍ୟନ୍ତ ମାତୃଶକ୍ତି ଆମ ଠାରୁ ଦୂରେଇ ରହିବ ।

ନବରାତ୍ରିରେ ଦେବୀଙ୍କର ଯେଉଁ ନରରୂପ ପୂଜନ ହୋଇଥାଏ ସେ ସବୁ ହେଉଛି ସାହସ, ଶୌର୍ଯ୍ୟ, ସଂଘର୍ଷ, ବିବେକ, ବିଚାର, ବୋଧ, ଶ୍ରଦ୍ଧା, କ୍ଷମା ଏବଂ କରୁଣା । ଏହା ମଣିଷର ନଅଗୋଟି ଗୁଣ । ଆମର ଅନ୍ତଃକରଣରେ ଏହି ନଅ ଗୋଟି ଗୁଣ ବିକଶିତ ନହେବା ପର୍ଯ୍ୟନ୍ତ ମାଆ ଦୁର୍ଗା ଭଗବତୀ ଆମର ଆମନ୍ତ୍ରଣ ସ୍ୱୀକାର କରନ୍ତି ନାହିଁ । ତେଣୁ ଆମକୁ ଜନହିତ ନିମନ୍ତେ ରୂପକ ପୂଜା ଆରାଧନା କରିବାକୁ ହେବ । ମାଆ ଦୁର୍ଗାଙ୍କର କରୁଣାରୁ ସଚରାଚର ବିଶ୍ୱରେ ଆସୁରିକ ପ୍ରବୃତ୍ତିର ବିନାଶ ହୋଇ ଶାନ୍ତି, ମୈତ୍ରୀ ଓ ପ୍ରଗତିକୁ ନେଇ ଜନସାଧାରଣ ସୁଖରେ କାଳାତିପାତ କରନ୍ତୁ, ଏହାହିଁ ଅଧମର କାମନା ।

# ସ୍ୱାସ୍ଥ୍ୟ ସମସ୍ୟା ଓ ମାନବିକତା

ପ୍ରଫେସର ଗଗନ ବିହାରୀ ନିତ୍ୟାନନ୍ଦ ଚଇନି

ଆମ ଦେଶ ଭାରତବର୍ଷରେ, ସ୍ୱାସ୍ଥ୍ୟ ଓ ଶିକ୍ଷା ନାଗରିକଙ୍କ ମୌଳିକ ଅଧିକାର ଅଟେ ଏବଂ ଏହାକୁ ଜାତୀୟ ସମ୍ବିଧାନ ତଥା ବିଧାନସଭା ଆଇନରେ ମାନ୍ୟତା ଦିଆଯାଇଛି । ସ୍ୱାସ୍ଥ୍ୟ ବ୍ୟକ୍ତିର ମାନସିକ ଓ ଶାରୀରିକ ସ୍ଥିତିକୁ ବ୍ୟାଖ୍ୟା କରିଥାଏ । ଅସୁସ୍ଥତା କିମ୍ବା ଆଘାତରୁ ମୁକ୍ତ ହେବାର ଅବସ୍ଥାକୁ ସ୍ୱାସ୍ଥ୍ୟ ବୋଲି ବ୍ୟାଖ୍ୟା କରାଯାଇଛି । ତେଣୁ ଉପନିଷଦରେ କୁହାଯାଇଛି "ଶରୀର ମାଧ୍ୟମଂ ଖଳୁ ଧର୍ମସାଧନମ୍" । ଏହି ଉକ୍ତିର ଭାବାଂଶ ହେଲା ମଣିଷ ଶରୀର ହେଉଛି କାର୍ଯ୍ୟ କରିବାର ପ୍ରଥମ ଉପାଦାନ । ତେଣୁ ଶରୀର ସୁସ୍ଥ ରହିବା ଅତ୍ୟନ୍ତ ଆବଶ୍ୟକ ଅଟେ । କୌଣସି ବ୍ୟକ୍ତିର ଆନୁବଂଶିକୀ, ଜୀବନଶୈଳୀ, ଆଚରଣ (ଯଥା ଧୁମ୍ରପାନ, ମଦିରା ପାନ କରିବା ଇତ୍ୟାଦି), ବିଷାକ୍ତ ପଦାର୍ଥର ସଂସ୍ପର୍ଶରେ ଆସିବା କିମ୍ବା ଅନ୍ୟାନ୍ୟ କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ହୋଇପାରେ । ଏକାଧିକ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଏହାର ଚିକିତ୍ସା ଅନ୍ୟ ସ୍ୱାସ୍ଥ୍ୟ ସମସ୍ୟାର କାରଣ ହୋଇପାରେ । ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ହେଲା ସଠିକ୍ ଚିକିତ୍ସା । ସଠିକ୍ ଚିକିତ୍ସାର ଉପାଦାନ ହେଲା ରୋଗର ଚିହ୍ନଟ ଏବଂ ଠିକ୍ ଔଷଧ ଦ୍ୱାରା ରୋଗର ଉପଚାର । ଏକ ଭଲ ଚିକିତ୍ସାର ଗୁରୁତ୍ୱପୂର୍ଣ୍ଣ ଉପାଦାନଗୁଡ଼ିକ ହେଉଛି ଜଣେ ଡାକ୍ତର, ରୋଗ ନିଦାନ ଲାବୋରେଟୋରୀରେ ରୋଗ ସମ୍ବନ୍ଧୀୟ ପରୀକ୍ଷାର ବିବରଣୀ ଏବଂ ଔଷଧ । ରୋଗୀର ନିରୀକ୍ଷା ଏବଂ ତାହାର ଲାବୋରେଟୋରୀ ପାରୀକ୍ଷା ରିପୋର୍ଟ ଦେଖିଲା ପରେ ଡାକ୍ତର ରୋଗ ନିରୂପଣ କରିଥାନ୍ତି । ସଠିକ୍ ଲାବୋରେଟୋରୀ ପରୀକ୍ଷା ରିପୋର୍ଟ ପାଇଁ ଜଣେ ଭଲ କରିବା ପାଇଁ ଡାକ୍ତର ରୋଗୀକୁ ଉପଯୁକ୍ତ ଔଷଧ ସେବନ କରିବାକୁ ପରାମର୍ଶ ଦେଇଥାନ୍ତି । ଯଦି ଚିକିତ୍ସାର ଉପରୋକ୍ତ ଉପାଦାନଗୁଡ଼ିକ ମଧ୍ୟରୁ କୌଣସି ଗୋଟିଏ ତ୍ରୁଟିପୂର୍ଣ୍ଣ ହୁଏ ତେବେ ରୋଗୀ ଆରୋଗ୍ୟ ଲାଭ କରେନାହିଁ ଏବଂ ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଗୁରୁତର ହୋଇଥାଏ । ବିଶ୍ୱର ଜନସଂଖ୍ୟାର ଏକ ତୃତୀୟାଂଶ ଅତ୍ୟାବଶ୍ୟକ ଔଷଧରୁ ବଂଚିତ । ଯେକୌଣସି ଚିକିତ୍ସାର ହୋଇଥିବା ଖର୍ଚ୍ଚ ଅଧାରୁ ଅଧିକ ଭାଗ ଔଷଧର ଦାମ ହୋଇଥାଏ ଏବଂ ଏହି ଖର୍ଚ୍ଚର ୫୦ପ୍ରତିଶତ, ରୋଗୀ ନିଜେ ବହନ କରିଥାଏ । ଭାରତ ହେଉଛି ଏକ ବିକାଶଶୀଳ ଦେଶ ଯେଉଁଠାରେ ୪୦ପ୍ରତିଶତରୁ ଅଧିକ ଲୋକ ନିଜ ଆମଦାନୀର ଏକ ମୁଖ୍ୟ ଭାଗ ସ୍ୱାସ୍ଥ୍ୟ ସମସ୍ୟା ବାବଦରେ ଖର୍ଚ୍ଚ କରିଥାନ୍ତି । ସୀମିତ ଆମଦାନୀ ଥିବା ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ଅତ୍ୟନ୍ତ ଚିନ୍ତାର ବିଷୟ ଅଟେ ।

ଏକ ରିପୋର୍ଟ ଅନୁସାରେ ୨୦୨୦ରେ ଭାରତରେ ହାରାହାରି ୨୨କୋଟି ଲୋକ ଉଚ୍ଚ ରକ୍ତଚାପ ରୋଗରେ, ୧୬କୋଟି ଲୋକ ମଧୁମେହ ରୋଗରେ, ୮୦ଲକ୍ଷ ଲୋକ ବୃକକ୍‌ଜନିତ ରୋଗରେ, ୫୩ଲକ୍ଷ ଲୋକ ସ୍ନାୟୁଜନିତ ରୋଗରେ ଓ ୨୭ଲକ୍ଷ ଲୋକ ବିଭିନ୍ନ କର୍କଟଜନିତ ରୋଗରେ ପୀଡିତ ଥିଲେ । ସାଧାରଣତଃ ବରିଷ୍ଠ ନାଗରିକମାନେ ଉଚ୍ଚ ରକ୍ତଚାପ, ସ୍ନାୟୁଜନିତ, ମଧୁମେହ, କର୍କଟ ରୋଗ ଏବଂ ବୃକକ୍‌ଜନିତ ରୋଗ ଦ୍ୱାରା ବେଶୀ ଆକ୍ରାନ୍ତ ହୋଇଥାନ୍ତି । ବରିଷ୍ଠ ନାଗରିକ ଆମ ଦେଶର ଜନସଂଖ୍ୟାର ହାରାହାରି ୧୦ପ୍ରତିଶତ ଅଟେ । ସେମାନେ ତାଙ୍କର ସ୍ୱଳ୍ପ ଆମଦାନୀର ଏକ ବିଶେଷ ଭାଗ ନିଜ ଚିକିତ୍ସା ପାଇଁ ଖର୍ଚ୍ଚ କରିଥାନ୍ତି ।

୨୫ ଜୁନ୍ ୨୦୧୫ରେ ଇଣ୍ଟରପୋଲ୍ ଏକ ରିପୋର୍ଟରେ ଉଲ୍ଲେଖ କରିଥିଲା ଯେ, ଗତ ୪୦ବର୍ଷରେ ଆତଙ୍କବାଦ ଅପେକ୍ଷା ନକଲି ଔଷଧ ସେବନ କରି ଅଧିକ ଲୋକଙ୍କର ମୃତ୍ୟୁ ଘଟିଛି । ଏଇ କିଛିଦିନ ଆଗରୁ ଖବରକାଗଜ ଓ ଟିଭିରୁ ଜାଣିବାକୁ ମିଳିଲା ଯେ, ଓଡ଼ିଶାରେ ବହୁ ପରିମାଣରେ ନକଲି ଉଚ୍ଚ ରକ୍ତଚାପର ଔଷଧ ବିକ୍ରି ହୋଇଛି । କିଛିବର୍ଷ ଆଗରୁ ଓଡ଼ିଶାରେ କର୍କଟ ରୋଗୀଙ୍କୁ ନକଲି ଔଷଧ ଦିଆଯିବାର ଖବର ପ୍ରକାଶ ପାଇଥିଲା । ଭାବନ୍ତୁ ଯେତେବେଳେ ରୋଗୀ ବା ତାଙ୍କର ପରିବାରର ଲୋକେ ଏ ବିଷୟରେ ଜାଣିଥିବେ ସେତେବେଳେ ସେମାନଙ୍କର ମାନସିକ ଅବସ୍ଥା କ'ଣ ହୋଇଥିବ ? ବଜାରରେ ମିଳୁଥିବା ନକଲି ଔଷଧ ମାନବିକତା ପତନର ଏକ ଘୃଣିତ ଚେହେରା ଅଟେ ।

ରୋଗ ନିରୂପଣ ପରୀକ୍ଷା ହେଉଛି ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ରୋଗ ନିରୂପଣ ପରୀକ୍ଷା ବିବରଣୀ ଉପରେ ଚିକିତ୍ସକ ପରୀକ୍ଷା ସମ୍ବନ୍ଧୀୟ ନିଷ୍ପତ୍ତି ନେଇଥାନ୍ତି । ଅତୀତରେ ଅନେକ ଗଣମାଧ୍ୟମରେ ରୋଗ ନିରୂପଣ ପରୀକ୍ଷା କରୁଥିବା ଲାବୋରେଟୋରୀମାନେ ସଠିକ୍ ଭାବରେ ପରୀକ୍ଷା ନକରି ରୋଗୀଙ୍କୁ ମିଥ୍ୟା ରିପୋର୍ଟ ଦେଇଥାନ୍ତି ବୋଲି ଖବର ପ୍ରକାଶିତ ହୋଇଥିଲା । ଆମେ ବହୁ ସମୟରେ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନାମକରା ଲାବୋରେଟୋରୀରୁ ରୋଗ ସମ୍ବନ୍ଧୀୟ ପରୀକ୍ଷାର ବିବରଣୀ ନେଇ କୌଣସି ଘରୋଇ ଚିକିତ୍ସାଳୟର ଚିକିତ୍ସକଙ୍କ ପାଖକୁ ପରାମର୍ଶ ପାଇଁ ଯାଇଥାଉ । ଅଧିକାଂଶ ଚିକିତ୍ସକ ଏହି ପରୀକ୍ଷା ବିବରଣୀକୁ ଖାରଜ କରି ତାଙ୍କର ନିର୍ଦ୍ଦେଶିତ ପରୀକ୍ଷାଗାରରୁ ବିବରଣୀ ଆଣିବାକୁ ବାଧ୍ୟ କରିଥାନ୍ତି । ଯାହା ରୋଗୀର ଖର୍ଚ୍ଚକୁ ଦୁଇଗୁଣା କରିଥାଏ । ଆମେ ସମସ୍ତେ ଏହାର ଅଳ୍ପ ବହୁତ ଭୁକ୍ତଭୋଗୀ । ଏକ ସର୍ବେକ୍ଷଣରେ କୁହାଯାଇଛି, ଯେ ସ୍ୱାସ୍ଥ୍ୟ ସମସ୍ୟାଜନିତ ରୋଗ ନିରୂପଣ ପରୀକ୍ଷା ଖର୍ଚ୍ଚ ସାଧାରଣ ଲୋକଙ୍କ ଉପରେ ବୋଝ ସଦୃଶ ଅଟେ । ଦେଖାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଘରୋଇ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଯାଏ, ସେ ରୋଗ ନିରୂପଣ ପରୀକ୍ଷା ପାଇଁ ଚିକିତ୍ସକଙ୍କ ପାରିଶ୍ରମିକ ଠାରୁ ୫ରୁ ୮ଗୁଣା ଖର୍ଚ୍ଚ କରିଥାଏ ।

ଭାରତରେ ଚିକିତ୍ସା ପ୍ରଣାଳୀରେ, ବିଶେଷକରି ବୀମା ଯୋଜନା ପ୍ରବେଶ ପରେ ଅନେକ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି । ବୀମା ଯୋଗୁ ବହୁ ସମୟରେ ଚିକିତ୍ସକ, ଘରୋଇ (ବେସରକାରୀ) ଚିକିତ୍ସାଳୟ ଏବଂ ରୋଗ ନିରୂପଣ କେନ୍ଦ୍ର ମଧ୍ୟରେ ଅନୈତିକ ସମ୍ପର୍କ ସୃଷ୍ଟି ହେବା ଫଳସ୍ୱରୂପ ରୋଗୀଙ୍କୁ ଅନାବଶ୍ୟକ ପରୀକ୍ଷା ପାଇଁ ବାଧ୍ୟ କରାଯାଏ । ଏହାର କାରଣ ହେଲା ଅଧିକ ଅର୍ଥ ଉପାର୍ଜନ କରିବା । ଆଜିକାଲି ଯେକୌଣସି ଘରୋଇ ନାମକରା ଚିକିତ୍ସାଳୟକୁ ଗଲା ମାତ୍ରେ ସେଠାରେ ଅଭ୍ୟର୍ଥନା ନିୟୋଜିତ ବ୍ୟକ୍ତି ରୋଗୀର ସ୍ୱାସ୍ଥ୍ୟ ବୀମା ଅଛି କି ନାହିଁ ପଚାରିବ । ବୀମା ଥିଲେ ଚିକିତ୍ସା ଆରମ୍ଭ ହେବ । ବୀମା ନଥିଲେ ଟଙ୍କା ଜମା ନ କରିବା ଯାଏ ଚିକିତ୍ସା ଆରମ୍ଭ ହେବନି । ସମାଜର ସ୍ୱଳ୍ପ ଆୟକାରୀଙ୍କ ପାଇଁ ବେସରକାରୀ ଚିକିତ୍ସାଳୟହର ଚିକିତ୍ସା ଏକ ସ୍ୱପ୍ନ ଅଟେ ।

ଆସୋସିଏଟେଡ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ (ଆସୋଚାମ୍) ଅନୁଯାୟୀ ଭାରତରେ ବିକ୍ରି ହେଉଥିବା ପାଞ୍ଚଟି ଔଷଧ ମଧ୍ୟରୁ ଗୋଟଏ ନକଲି ଅଟେ । ବିଶ୍ୱର ସମସ୍ତ ନକଲି ଔଷଧର ୩୫ % ଭାରତରେ ଉତ୍ପନ୍ନ ହୁଏ । ଏହି ସନ୍ଦର୍ଭରେ ଆସୋଚାମ୍ ଏକ ବିଶେଷ ରିପୋର୍ଟ କେନ୍ଦ୍ର ସରକାରଙ୍କ ନିକଟରେ ଦାଖଲ କରିଛି । ଅସୋଚାମ୍ ରିପୋର୍ଟରେ ଆକଳନ କରାଯାଇଛି ଯେ, ବଜାରରେ ଘରୋଇ ନକଲି ଔଷଧର ବ୍ୟବସାୟ ବର୍ଷକୁ ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ପାଉଛି । ଫୋର୍ବସ ୨୦୧୯ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ବିଶ୍ୱରେ ବାର୍ଷିକ ପ୍ରାୟ ୨୦,୦୦,୦୦୦କୋଟି ଟଙ୍କାର ନକଲି ଔଷଧର କାରବାର ହେଉଥିଲା । ବୋଧେ ଏହା ଦୁନିଆର ସବୁଠୁ ବଡ଼ ଠକେଇ ବଜାରର ଉଦାହରଣ । ଆସୋଚାମ୍ ରିପୋର୍ଟ ଅନୁଯାୟୀ ଭାରତରେ ୬୦% ନକଲି ଔଷଧର କୌଣସି ସକ୍ରିୟ ଉପାଦାନ ନାହିଁ, ୧୯%ରେ ଭୁଲ ପଦାର୍ଥ ଅଛି ଏବଂ ୧୬ %ରେ କ୍ଷତିକାରକ ଏବଂ ଅନୁପଯୁକ୍ତ ଉପାଦାନ ଯେପରିକି ଚକ୍ କାଠି ପାଉଡର ଅନ୍ତର୍ଭୁକ୍ତ । ଜାତୀୟ ଖବରକାଗଜ ହିନ୍ଦୁରେ (ମାର୍ଚ୍ଚରେ ୨୯, ୨୦୦୨) ପ୍ରକାଶିତ ଏକ ଖବର ଅନୁଯାୟୀ ୨୦୨୦ରୁ ୨୦୨୧ ମଧ୍ୟରେ ନକଲି ଔଷଧ ଉତ୍ପାଦନରେ ପ୍ରାୟ ୪୭ ପ୍ରତିଶତ ବୃଦ୍ଧି ପାଇଛି ।

ଚିକିତ୍ସା କ୍ଷେତ୍ରରେ ମାନବିକତାର ଆଉ ଏକ ଘୃଣ୍ୟ ଦିଗ ହେଉଛି ମାନବ ଅଙ୍ଗ ପ୍ରତିରୋପଣର କଳାବଜାରୀ ଯାହା ଡ଼ାକ୍ତର, ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା କର୍ମଚାରୀ, ଡାକ୍ତରଖାନା ପ୍ରଶାସକ, ଅଙ୍ଗଦାତା ଏବଂ ଅଙ୍ଗ ପ୍ରତିରୋପଣ ଅପରାଧୀଙ୍କ ଚକ୍ରାନ୍ତରେ ହୋଇଥାଏ । ଅଙ୍ଗଦାତାଙ୍କ ଦାରିଦ୍ରତାର ସୁଯୋଗ ନେଇ ଦଲାଲମାନେ ତାଙ୍କୁ ସେମାନଙ୍କ ଅଙ୍ଗ ବିକିବାକୁ ପ୍ରବର୍ତ୍ତାଇଥାନ୍ତି । ବିଶ୍ୱବ୍ୟାପୀ ବାର୍ଷିକ କେତେ ଟଙ୍କାର ବେଆଇନ ଅଙ୍ଗ ବାଣିଜ୍ୟ ହୋଇଛି ଜାଣିବା କଷ୍ଟକର । କିନ୍ତୁ ଏକ ରିପୋର୍ଟ ଅନୁସାରେ ଏହା ପାଖାପାଖି ୧୦୦ କୋଟି ଟଙ୍କା ବା ତା'ଠୁ ଅଧିକ ବୋଲି ଆକଳନ କରାଯାଇଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଅଙ୍ଗ ପ୍ରତିରୋପଣ କାରବାର ହେଉଛି ଏକ ଅପରାଧିକ ଲାଭଜନକ ବ୍ୟବସାୟ ଯାହା ଜାତୀୟ ଚିକିତ୍ସା ବ୍ୟବସ୍ଥା ବାହାରେ ଘଟିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ୨୦୦୭ ଆକଳନ ଅନୁସାରେ ସାରା ବିଶ୍ୱରେ ପ୍ରତିବର୍ଷ କରାଯାଇଥିବା ଅଙ୍ଗ ପ୍ରତିରୋପଣରେ ବୃକକ୍ ପ୍ରତିରୋପଣ ୫-୧୦ ପ୍ରତିଶତ ଅଟେ ଏବଂ ଭାରତରେ ପ୍ରତିବର୍ଷ ପ୍ରାୟ ୨୦୦୦ ଭାରତୀୟ କିଡ୍‌ନୀ ବିକ୍ରି କରନ୍ତି ।

ପ୍ରତିଷେଧକ ନିୟମ ଏବଂ କାର୍ଯ୍ୟକାରୀର ଅଭାବ, ଦୀର୍ଘ ନ୍ୟାୟିକ ପ୍ରକ୍ରିୟା ଏବଂ ନକଲି କାରବାରରେ କୌଣସି ଗୁରୁତର ଦଣ୍ଡ ଅଭାବ ଏଥିପାଇଁ ଦାୟୀ ଅଟେ । ଜାତୀୟ କିମ୍ବା ରାଜ୍ୟ ସ୍ତରରେ ନକଲି ଔଷଧ, ଉତ୍ପାଦନ, ବିତରଣ, ବିକ୍ରୟ ବା ବେଆଇନ ଅଙ୍ଗ ପ୍ରତିରୋପଣ ଓ ଜ୍ଞାତରେ ଭୁଲ ରୋଗ ନିରୂପଣ ରିପୋର୍ଟ ପ୍ରଦାନ କରିବା ବିରୋଧରେ ଅଧିକରୁ ଅଧିକତର କଠୋର ନିୟମ, ନୀତି ଏବଂ ଦଣ୍ଡର ଆବଶ୍ୟକତା ଅଛି । ସାମାଜିକ ସଚେତନତା ଏବଂ ସ୍ୱାସ୍ଥ୍ୟ ସମସ୍ୟା ସହିତ ଜଡ଼ିତ ସମସ୍ତ ଅନୈତିକ ବ୍ୟକ୍ତିଙ୍କ ସାମାଜିକ ବାସନ୍ଦ ହେଲେ ବୋଧେ ମାନବିକତାର ଏହି ଘୃଣ୍ୟ ଚେହେରା ଉପରେ ଲଗାମ କଷି ହେବ ।

ମୋ-୯୩୩୭୧୧୬୬୬୦

### ପୁରୀର କାୟାକଳ୍ପ ପାଇଁ ମାଷ୍ଟରପ୍ଲାନ୍

# ମନ୍ଦିର, ବେଳାଭୂମି ଓ ରାସ୍ତା ଉନ୍ନତିକୁ ଗୁରୁତ୍ୱ



ଭୁବନେଶ୍ୱର: ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ସମୀକ୍ଷା ବୈଠକରେ ଶ୍ରୀଜଗନ୍ନାଥ ଆନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟ, ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଶ୍ରୀଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି





ନିଆଯାଇଛି। ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ।

ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜ୍ ?ର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ

### ପୁରୀ ବିକାଶ ପାଇଁ ୫ ଯୁବ ଆଇଏଏସଙ୍କୁ ଦାୟିତ୍ୱ

ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ , ଉନ୍ନୟନ କମିଶନର ଡି.କେ ସିଂହ , ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର , ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।





# ଦୁର୍ଗମ ଅଞ୍ଚଳବାସୀଙ୍କ ସାହାରା 'ବାଇକ୍ ଆମ୍ବୁଲାନ୍ସ'

**ବାରିପଦା :** ଗାଁକୁ ରାସ୍ତା ନାହିଁ, ପହଞ୍ଚିପାରୁନି ଆମ୍ବୁଲାନ୍ସ। ଜରୁରୀ ସମୟରେ ରୋଗୀଙ୍କୁ ଡାକ୍ତରଖାନା ନେବା ପାଇଁ ଭରସା ସାଜିଛି ବାଇକ୍ ଆମ୍ବୁଲାନ୍ସ। ଆଦିବାସୀବହୁଳ ମୟୂରଭଞ୍ଜ ଜିଲ୍ଲାର ୨୦୧ଟି ଗାଁକୁ ଏବେ ବି ରାସ୍ତା ନଥିବାରୁ ଦୁର୍ଗମ ଅଞ୍ଚଳର ଲୋକଙ୍କ ପାଇଁ ଏହି ସେବା ସଞ୍ଜୀବନୀ ପାଲଟିଛି। ୨୦୨୧ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ୬ ହଜାରରୁ ଅଧିକ ରୋଗୀ ଏହି ସେବା ଦ୍ୱାରା ଉପକୃତ ହୋଇଥିବା ବେଳେ ଏବେ ବି ଅନେକ ଗାଁକୁ ସାଧାରଣ ଆମ୍ବୁଲାନ୍ସ ପହଞ୍ଚିବା କଷ୍ଟକର ହେଉଛି। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳକୁ ରାସ୍ତା ସଂଯୋଗୀକରଣ ସହ ସ୍ୱାସ୍ଥ୍ୟସେବାର ସମ୍ପ୍ରସାରଣ ଜରୁରି ହୋଇପଡ଼ିଛି। ସରକାରୀ ତଥ୍ୟ ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ୨୦୧ଟି ଗାଁକୁ ଏଯାଏଁ ରାସ୍ତା ନିର୍ମାଣ ହୋଇପାରିନାହିଁ। ଫଳରେ ରୋଗୀଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବାରେ ବାଇକ୍ ? ଆମ୍ବୁଲାନ୍ସ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଦ୍ୱାରା ପରିଚାଳିତ ଏହି ସେବା ମାଧ୍ୟମରେ ୨୦୨୧ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ୬ ହଜାରରୁ ଅଧିକ ରୋଗୀ ଜରୁରିକାଳୀନ ସ୍ୱାସ୍ଥ୍ୟସେବା ପାଇଛନ୍ତି। ବରିଷ୍ଠ ନାଗରିକ, ଶିଶୁ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କ ସହ ସଡ଼କ ଦୁର୍ଘଟଣାରେ ଆହତ ବ୍ୟକ୍ତିମାନେ ଏହାଦ୍ୱାରା ଉପକୃତ ହେଉଛନ୍ତି। ଆଶାକର୍ମୀ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କଠାରୁ ଫୋନ୍ କଲ୍ ପାଇବା ପରେ ବାଇକ୍ ଆମ୍ବୁଲାନ୍ସ ରୋଗୀଙ୍କ ଘରେ ପହଞ୍ଚିଥାଏ।

ରୋଗୀଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା ପରେ ପୁଣି ଘରେ ଛାଡ଼ିଥାଏ। ପ୍ରତ୍ୟେକ ବାଇକ୍ ଆମ୍ବୁଲାନ୍ସକୁ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହ ଯୋଡ଼ାଯାଇଛି। ଓଡ଼ିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମ (ଓମ୍ବାଡ୍‌ସି)ର ଆର୍ଥିକ ସହାୟତାରେ ୨୦୨୧ରୁ ଜିଲ୍ଲାର ରାଇରଙ୍ଗପୁର, ଯଶିପୁର, କୁସୁମୀ ଓ ବିଜାତଳା ବ୍ଲକ୍‌ରେ ଗୋଟିଏ ଲେଖାଏଁ ବାଇକ୍ ଆମ୍ବୁଲାନ୍ସ ଚାଲୁଛି। ବିଜାତଳା ବ୍ଲକ୍ ରଣଗାଁର ସାର୍ଗରୁ ମାରାଣ୍ଡି ଓ ଆଶାକର୍ମୀ ମୀନା ମହାନ୍ତଙ୍କ ମତରେ, ଦୁର୍ଗମ ଓ ପାହାଡ଼ିଆ ଅଞ୍ଚଳରେ ସାଧାରଣ ଆମ୍ବୁଲାନ୍ସ ଯାତାୟାତ କରିବା କଷ୍ଟକର ହୋଇଥିବାରୁ ଏହି ସେବା ସ୍ଥାନୀୟ ଲୋକଙ୍କ ପାଇଁ ବିଶେଷ ସହାୟକ ହୋଇଛି। ବୁଦ୍ଧିଜୀବୀଙ୍କ କହିବାନୁଯାୟୀ, ଜିଲ୍ଲାରେ ଜରୁରିକାଳୀନ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ପାଇଁ ସାଧାରଣ ଓ ଉନ୍ନତମାନର ଆମ୍ବୁଲାନ୍ସ ସହ ବାଇକ୍ ? ଆମ୍ବୁଲାନ୍ସ ସେବା ଉପଲବ୍ଧ ରହିଛି। ତଥାପି ରାସ୍ତା ନଥିବା ଅନେକ ଗାଁ ରହିଛି, ଯେଉଁଠାରେ ବାଇକ୍ ? ଆମ୍ବୁଲାନ୍ସ ମଧ୍ୟ ପହଞ୍ଚିପାରୁନାହିଁ। ତେଣୁ ଦୁର୍ଗମ ଗାଁଗୁଡ଼ିକୁ ରାସ୍ତା ନିର୍ମାଣ ଏବଂ ସମସ୍ତଙ୍କ ପାଖରେ ଜରୁରୀ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଦିଗରେ ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ।

# ଆଦିବାସୀଙ୍କୁ ଦୁଇମାସ ହେଲା ମିଳୁନି ରାସନ ଚାଉଳ, ଭୋକ ବିକଳରେ ଖାଉଛନ୍ତି କନ୍ଦା



**ରଣପୁର :** ରାଜ୍ୟ ଓ କେନ୍ଦ୍ର ସରକାର ଖାଦ୍ୟବିନା କାହାକୁ ମରିବାକୁ ଦିଆ ନଯିବା ପାଇଁ ରାଜ୍ୟ ଓ କେନ୍ଦ୍ର ଦୁଇ ପ୍ରକାର ଖାଉଟି ରାସନ କାର୍ଡ କରିଛନ୍ତି। କାର୍ଡଧାରୀମାନଙ୍କୁ ମୁଣ୍ଡପିଛା ମାଗଣା ଚାଉଳ ବଣ୍ଟନ କରାଯାଉଛି। ଚାଉଳ ଯୋଗାଣକାରୀ ସଂସ୍ଥା କର୍ମଚାରୀଙ୍କ ମନମାନି ପାଇ ଦୁଇ ମାସ ଧରି ରାସନ କାର୍ଡଧାରୀଙ୍କ ନିକଟରେ ଚାଉଳ ପହଁଞ୍ଚି ପାରୁନାହିଁ। ତାସହ ଅଫ୍‌ଲାଇନ ଥିବା ନେଟଓ୍ୱାର୍କ ବିହୀନ ଅଞ୍ଚଳ ବଣ୍ଟନକାରୀ ସରକାରୀ ପ୍ରଦତ୍ତ ଓଜନ କଣ୍ଟା ବଦଳରେ ନକଲି ଓଜନ କଣ୍ଟାରେ ଚାଉଳ ଓଜନ କରି ବଣ୍ଟନ କରୁଥିବା ବେଳେ ପ୍ରକୃତ ଓଜନ କମୁଥିବା ଅଭିଯୋଗ ହେଉଛି। ସେଭଳି ଦେଖିବାକୁ ମିଳୁଛି ନୟାଗଡ ଜିଲ୍ଲା ରଣପୁର ବ୍ଲକ ବନ୍ଧମୁଣ୍ଡା ଆଦିବାସୀ ବହୁଳ ଗ୍ରାମ ପଞ୍ଚାୟତରେ।

ଏହି ଗ୍ରାମ ପଞ୍ଚାୟତରେ ଜଣେ ଡିଲର ଓ ଗ୍ରାମ ପଞ୍ଚାୟତ ରାସନ ସାମଗ୍ରୀ ବଣ୍ଟନ କରୁଛନ୍ତି। ଡିଲର ଅନ୍‌ଲାଇନ ମାଧ୍ୟମରେ ସରକାରୀ ପ୍ରଦତ୍ତ ଓଜନ କଣ୍ଟାରେ ବିକ୍ରୟ କରୁଥିବା ବେଳେ ପଞ୍ଚାୟତ ଲୋକାଲ ଓଜନ କଣ୍ଟାରେ ଚାଉଳ ବଣ୍ଟନ କରୁଥିବାରୁ ପ୍ରକୃତ ଓଜନ କମୁଥିବା ଅଭିଯୋଗ ହେଉଛି। ଏବେ ଦୁଇମାସ ହେଲା ଅନ୍ୟ ସମସ୍ତ ଅଞ୍ଚଳରେ ଯୋଗାଣକାରୀ ସଂସ୍ଥା ରାସନ ଚାଉଳ ବଣ୍ଟନ କେନ୍ଦ୍ରରେ ପହଁଚିଥିବା ବେଳେ ଆଦିବାସୀ ଅଧ୍ୟୁଷିତ ବନ୍ଧମୁଣ୍ଡା ବଣ୍ଟନ କେନ୍ଦ୍ରରେ ଅଦ୍ୟାବଧି ଚାଉଳ ପହଁଞ୍ଚି ନାହିଁ। ଜଙ୍ଗଲୀ କନ୍ଦାକୁ ଆଦିବାସୀ ଲୁଣ ସହ ସିଝାଇ ଖାଦ୍ୟ ଭାବରେ ଖାଉଛନ୍ତି। ଫଳରେ ଝାଡ଼ାବାନ୍ତି ସହ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ରଣପୁର ବ୍ଲକ ଯୋଗାଣ ଅଧିକାରୀ କେଦାରନାଥ ପ୍ରଧାନୀ କୁହନ୍ତି ଡିଲର କେନ୍ଦ୍ରକୁ ଖାଉଟି ଚାଉଳ ଯୋଗାଣକାରୀ ବିଭିନ୍ନ ଆଳ ଦେଖାଇ ବନ୍ଧମୁଣ୍ଡା ଗ୍ରାମପଞ୍ଚାୟତକୁ ଚାଉଳ ଯୋଗାଇ ନାହିଁ। ଦୁଇଦିନ ମଧ୍ୟରେ ଚାଉଳ ବଣ୍ଟନ କେନ୍ଦ୍ରରେ ପହଁଚିବା ପାଇଁ ନିର୍ଦ୍ଦେଶ ଦେବା ସହ ନିଜେ ଓଜନ କଣ୍ଟା ଚେକ କରିବେ। ଜିଲ୍ଲା ଯୋଗାଣ ଅଧିକାରୀ ଓ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଆଦିବାସୀମାନେ ଅନୁରୋଧ କରିଛନ୍ତି।

# ରଣୀ ହୋଇଗଲୁ, ଘଟର୍ଲା ଗ୍ରାମବାସୀ ଦେଲେ ନୂଆ ଜୀବନ

**ନବରଙ୍ଗପୁର :** ବାତ୍ୟା 'ଅର୍ଣ୍ଣବ'ରେ ନବରଙ୍ଗପୁର ସଦରବ୍ଲକର ୧୫ରୁ ଊର୍ଦ୍ଧ୍ୱ ଗ୍ରାମ ଜଳବନ୍ଦୀ ହୋଇଥିଲା। ଇନ୍ଦ୍ରାବତୀ ଓ ଟୁରୀନଦୀ ପୁଲି କୂଳଖାଇ ଆମ୍ବଦଳା, ଢ଼େବରାଗୁଡା, ଡୁଡ୍ରିଗୁଡାଗାଁ ମଧ୍ୟକୁ ପଶି ଆସିଥିଲା। କିଛି ଜାଣିବା ପୂର୍ବରୁ ଏହି ତିନି ଗାଁ ମଧ୍ୟରେ ୮ଫୁଟର ପାଣି ଚାଲିଥିଲା। ନିଜର ଜୀବନକୁ ବାଜିରେ ଲଗାଇ କାଠ ଡଙ୍ଗାରେ ବହୁ ଲୋକେ ଗାଁରୁ ବାହାରିଥିଲେ।



ତେବେ ଏହି ତିନି ଗାଁର ୩ହଜାର ଲୋକଙ୍କର ତିନି ଦିନର ଖାଇବା, ପିଇବା ଠାରୁ ଆରମ୍ଭ କରି ପିନ୍ଧିବାକୁ ଲୁଗାଯାଏଁ ଯୋଗାଇଥିଲେ କୋରାପୁଟ ଜିଲ୍ଲାର କୋଟପାଡ ବ୍ଲକର ବତାସନା ପଂଚାୟତର ଘଟର୍ଲା ଗ୍ରାମବାସୀ। ଇନ୍ଦ୍ରାବତୀ ନଦୀର ଅପରପାର୍ଶ୍ୱରେ ଏବଂ କିଛି ଉଚ୍ଚାରେ ରହୁଥିବା ଘଟର୍ଲା ଗ୍ରାମବାସୀମାନେ ମାନବିକତା ଦେଖାଇଥିଲେ। ପଡୋଶୀ ଗାଁର ଲୋକେ ଜୀବନମରଣ ସ୍ଥିତିରେ ପଡିଥିବାରୁ ଘଟର୍ଲା ଗ୍ରାମବାସୀ ହାତକୁ ହାତ ମିଶାଇ ଏହି ତିନି ଗାଁର ଲୋକଙ୍କୁ ଉଦ୍ଧାର କରି ଗାଁର ସ୍କୁଲ ସହ ବିଭିନ୍ନ ଲୋକେ ନିଜ ନିଜ ଘରେ ନେଇ ଏହି ତିନ ଦିନ ଧରି ରଖିଥିଲେ। କେବଳ ଏମାନଙ୍କୁ ନେଇଥିଲେ ତାହା ନୁହେଁ। ତା ସହ ପଶୁସମ୍ପଦ ଗାଈ, ମଇଁଷି, ଛେଳି, ମେଣ୍ଢି, କୁକୁଡା ଆଦିକୁ ବି ନେଇ ସୁରକ୍ଷିତ ଭାବେ ରଖିଥିଲେ। ତିନି ଦିନ ଧରି ଏହି ତିନି ଗାଁର ଲୋକଙ୍କୁ ସକାଳୁ ଜଳଖିଆ, ମଧ୍ୟାହ୍ନ ଓ ରାତ୍ରିଭୋଜନ ଯୋଗାଇବା ସହ ପିନ୍ଧିବା ଏବଂ ଶୋଇବା ପାଇଁ ଲୁଗା ଯୋଗାଇଥିଲେ ବୋଲି କହିଛନ୍ତି ଆମ୍ବଦଳାର ବିଶ୍ୱନାଥ ମାଳି, ଚନ୍ଦ୍ର ଚଳାନ, ଢ଼େବରାଗୁଡାର ଡମ୍ବୁର ଭତ୍ରା, ନରେନ୍ଦ୍ର ଭତ୍ରା, ଲିଲି ଭତ୍ରା, କମଲୋଚନ ଗୌଡ, ଡୁଡ୍ରିଗୁଡାର କମଳା ଭତ୍ରା, ଧର୍ମା ଭତ୍ରା, କୁନ୍ତି ଭତ୍ରା, ମନଧର ମାଳି। ଏହି ତିନି ଦିନର ସେବା କରି ଘଟର୍ଲା ଗ୍ରାମବାସୀ ଆମକୁ ଜୀବନସାରାର ରଣୀ କରିଦେଲେ, ଆମେ ସାତଜନ୍ମ ନେଲେ ବି ସେମାନଙ୍କ ଋଣ ପରିଶୋଧ କରିପାରିବୁ ନାହିଁ ବୋଲି ଏମାନେ କହିଛନ୍ତି।

ପ୍ରଶାସନ ପହଚିଂବା ପୂର୍ବରୁ ଏମାନେ ପହଚିଂ ସ୍ଥାନାନ୍ତରରେ ପ୍ରମୁଖତା ଦେଖାଇଥିଲେ। ଯଦିଓ ଦିନେ ସ୍କୁଲକୁ ଅତିରିକ୍ତ ଜିଲ୍ଲାପାଳ, ଉପଜିଲ୍ଲାପାଳ, ନବରଙ୍ଗପୁର ବିଡିଓ ଆସି ପଚାରି ବୁଝିକି ଯାଇଥିଲେ। ତେବେ ଘଟର୍ଲାବାସୀ ଜୀବନ ବଂଚାଇବା ସହ ଆଶ୍ୱାସନା ଦେଇଥିଲେ। ଏପରି ଅବେଳର ଗାଁ ଲୋକେ ହିଁ ପ୍ରକୃତ ସାଥୀ ବୋଲି ଏହି ତିନି ଗାଁର ପୁରୁଷ ଓ ମହିଳାମାନେ ଆମ ପ୍ରତିନିଧିଙ୍କୁ କହିଛନ୍ତି। ଏମାନେ ଗାଁକୁ ଫେରିବା ବେଳେ ବି ସହଯୋଗ କରି ଗାଁରେ ଆଣି ଛାଡିବା ସହ ଭଙ୍ଗାଘରକୁ ସଜାଡିବା ଦିଗରେ ବି ଏହି ଘଟର୍ଲା ଗ୍ରାମବାସୀମାନେ ସହଯୋଗ କରିଥିବା ଭଙ୍ଗା ଘରେ ରହି କହିଛନ୍ତି ଏହି ତିନି ଗାଁର ଲୋକେ। ଯଦିଓ ଇନ୍ଦ୍ରାବତୀ ନଦୀ ଦୁଇ ଜିଲ୍ଲା ପାଇଁ ସୀମାରେଖା ଠାଣି ଦେଇଥିଲେ ହେଁ ଏହି ଚାରି ଗ୍ରାମବାସୀଙ୍କ ମଧ୍ୟରେ କିଛି ସୀମା ରେଖା ନାହିଁ। ପରସ୍ପର ପରସ୍ପର ପ୍ରତି ସ୍ନେହ, ମାନବିକତା ଓ ଅସହାୟ, ମାନସିକସ୍ତରରେ ଭାଙ୍ଗିପଡିଥିବା ବେଳେ ସହଯୋଗର ହାତ ବଢ଼ାଇବା ନୂଆ ଦିଗଦର୍ଶନ ଦେଇଛି।

# ୨୫ ବର୍ଷର ଅପେକ୍ଷା, ଭଡ଼ାଘରେ ଅଙ୍ଗନବାଡ଼ି !



**କେନ୍ଦ୍ରାପଡ଼ା :** ପ୍ରାକ୍-ଶିକ୍ଷାର ବିକଳ ଚିତ୍ର ! ଭଡ଼ାଘରେ ଚାଲିଛି ଅଙ୍ଗନବାଡ଼ି । ୨୫ ବର୍ଷ ହେଲା ନିଜସ୍ୱ ଘର ଅପେକ୍ଷାରେ କେନ୍ଦ୍ର । ମହାକାଳପଡ଼ା ବ୍ଲକ ତିଖିରି ଗ୍ରାମ ପଞ୍ଚାୟତର ୩ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ର। ୨୫ ବର୍ଷ ହେଲା କେନ୍ଦ୍ର ଭଡ଼ା ଘରେ ଚାଲିଛି। ନିଜସ୍ୱ ଗୃହ ନଥିବାରୁ କେନ୍ଦ୍ର ପରିଚାଳନାରେ ବିଭିନ୍ନ ସମସ୍ୟା ଦେଖାଯାଉଥିବା ଅଭିଯୋଗ ହୋଇଛି। ଭଡ଼ାଘରର ଅବସ୍ଥା ନକହିଲେ ଭଲ।

ରୋଷେଇ ଘରର କେଉଁଠି କାନ୍ଥ ଫାଟି ଆଁ କରିଛି ତ' ଆଉ କେଉଁଠି କାନ୍ଥ ଭୁଶୁଡ଼ିପଡ଼ିଛି। କବାଟ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ପିଲା ବସୁଥିବା ଘରେ କବାଟ ଲାଗିନଥିବାରୁ କପଡା ଓ ଜରି ଗୁଞ୍ଜା ହୋଇଥିବା ଦେଖିବାକୁ ମିଳିଛି । ଭଡ଼ାଘରେ ଶୌଚାଳୟ, ପିଇବା ପାଣିର ସୁବିଧା ନାହିଁ। ଏପରିକି ଅଙ୍ଗନବାଡ଼ିକୁ ଯିବା ଆସିବା ରାସ୍ତାର ଅବସ୍ଥା ବି ଶୋଚନୀୟ। ଟିକେ ବର୍ଷାରେ କାଦୁଅ ପୋଖରୀ ପାଲଟୁଛି ମାଟି ରାସ୍ତା। ସବୁ ସମସ୍ୟାର ସମାଧାନ ପାଇଁ କର୍ମୀ, ଅଭିଭାବକ ୨୫ ବର୍ଷ ହେଲାଣି ଦାବି କରିଆସୁଛନ୍ତି, ହେଲେ ଫଳ ଶୂନ।

ଗ୍ରାମ ପଞ୍ଚାୟତରେ ଥିବା ଅନ୍ୟ ଅଙ୍ଗନବାଡ଼ି କେନ୍ଦ୍ରରେ ସମସ୍ତ ସୁବିଧା ସହ ନିଜସ୍ୱ ଘର ଥିବା ବେଳେ ୩ ନମ୍ବର ଅଙ୍ଗନବାଡ଼ି କେନ୍ଦ୍ର ପ୍ରତି କାହିଁକି ଅବହେଳା କରାଯାଉଛି। ପିଲାଙ୍କ ସୁରକ୍ଷା ଦାୟିତ୍ୱ କାହାର, ସରକାରୀ ଟଙ୍କା ଯାଉଛି କୁଆଡ଼େ ? ଫାଇଲ୍‌ରେ ଚାଲିଥିବା ବିକାଶ ପିଲାଙ୍କୁ ଛୁଇଁବ କେବେ ? ଅଭିଯୋଗ କଲେ ବି କାହିଁକି ଚୁପ୍ ଶିକ୍ଷା ବିଭାଗ ତାକୁ ନେଇ ଉଠିଛି ପ୍ରଶ୍ନ ।

# ଜୟଦେବ ବାଟିକା ଶ୍ରୀହୀନ, ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

ଭୁବନେଶ୍ୱର: ଖଣ୍ଡଗିରି ଅଞ୍ଚଳରେ ଥିବା ଜୟଦେବ ବାଟିକା ପ୍ରତି ପର୍ଯ୍ୟଟକମାନଙ୍କର ସ୍ୱତନ୍ତ୍ର ଆକର୍ଷଣ ରହିଛି। କିଛିଦିନ ହେଲାଣି ଏହାର ରକ୍ଷଣାବେକ୍ଷଣ, ସୁରକ୍ଷା ଓ ପରିଚାଳନାରେ ବ୍ୟାପକ ତ୍ରୁଟି ଯୋଗୁଁ ପର୍ଯ୍ୟଟକମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ବ୍ୟାପିବାରେ ଲାଗିଛି। ଏପରିକି ସରକାର ଏହି ବାବଦରେ ଆୟ କରୁଥିବା ରାଜସ୍ୱ ମଧ୍ୟ ହ୍ରାସ ପାଇଛି। ସରକାର ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ଦେବା ସହିତ ଏହାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଛନ୍ତି। ଭୁବନେଶ୍ୱର ଭଳି ସ୍ମାର୍ଟ ସିଟି ଭିତରେ ଥିବା ସବୁଜ ପରିବେଶକୁ ନେଇ ଗଠିତ ଜୟଦେବ ବାଟିକାରେ ସ୍ଥାନୀୟ ଅଞ୍ଚଳ ସହିତ ଦୂରଦୂରାନ୍ତରୁ ଶହଶହ ପର୍ଯ୍ୟଟକ ଏଠାରେ ଅବସର ସମୟ ଅତିବାହିତ କରିବା ସହିତ ଭୋଜିଭାତ ଓ ଆମୋଦପ୍ରମୋଦ କରିବାକୁ ଗହଳି ଲଗାଉଥିଲେ। ଏହି ବିସ୍ତୀର୍ଣ୍ଣ ସବୁଜ ପରିବେଶକୁ ସମୃଦ୍ଧ କରିବା ରାଜ୍ୟ ବନ ଉନ୍ନୟନ ନିଗମ(ଓଏଫଡିସି)କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏପରିକି ଜୟଦେବ ବାଟିକାର ସବୁଜିମାକୁ ଅଧିକ ଆକର୍ଷଣ କରିବା ପାଇଁ ଚଳିତ ବର୍ଷ ୨୮,୩୮୪ଗଛ ଲଗାଇବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ତାହା କାର୍ଯ୍ୟକାରୀ କରାଯାଇନାହିଁ। ସେହିପରି ଏହି ପର୍ଯ୍ୟଟନସ୍ଥଳୀର ବିକାଶ ଓ ସୁପରିଚାଳନା ପାଇଁ ପ୍ରତିମାସରେ ପ୍ରାୟ ୧୦ଲକ୍ଷ ଟଙ୍କା ବ୍ୟୟ କରାଯାଉଥିବାର ଦର୍ଶାଯାଉଛି। ଏହା ସତ୍ତ୍ୱେ ଦିନକୁ ଦିନ ଜୟଦେବ ବାଟିକା ଆକର୍ଷଣ ନଷ୍ଟ ହେବାରେ ଲାଗିଛି।

# ୫-ଟି ରୂପାନ୍ତରୀକରଣ ପରେ ବି ବଦଳିଲାନି ଚିତ୍ର, ଅସାମାଜିକଙ୍କ ଆଡ୍ଡା ପାଲଟିଛି ସ୍କୁଲ୍

ଗଞ୍ଜାମ : ରୂପାନ୍ତରୀକରଣ ପରେ ବି ବଦଳିଲାନି ଚିତ୍ର । ଅସାମାଜିକଙ୍କ ଆଡ୍ଡା ପାଲଟିଛି ବିଦ୍ୟାଳୟ ! କାଗଜପତ୍ରରେ ସ୍ମାର୍ଟ ସ୍କୁଲ୍‌ର ସ୍ୱପ୍ନ। ୫-ଟିରେ ବଦଳିଲା ସରକାରୀ ସ୍କୁଲର ରୂପ। ଲକ୍ଷ୍ୟ ଥିଲା ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର, ଆଧୁନିକ ଜ୍ଞାନକୌଶଳ ସହ ଶିକ୍ଷା ପ୍ରଦାନ। ପ୍ରଥମ ପର୍ଯ୍ୟାୟରେ ଗଞ୍ଜାମ ଜିଲ୍ଲାର ୮୩ଟି ସ୍କୁଲ ମଧ୍ୟରେ ଖିରିଡା ହାଇସ୍କୁଲ ମଧ୍ୟ ସାମିଲ ଥିଲା। ହେଲେ କେବଳ କାଗଜକଲମରେ। ଖିରିଡା ହାଇସ୍କୁଲର ଚିତ୍ର ଭିନ୍ନ କଥା କହୁଛି। ଏଠି ଇ-ଲାଇବ୍ରେରି କି ଲାବ୍ରୋଟୋରି କିଛି ନାହିଁ। ଏପରିକି ବିଦ୍ୟୁତ୍ ସଂଯୋଗ ଦିଆଯାଇନି। ରୋଷେଇ ଘର ବି ନାହିଁ। ପାଚେରି ନଥିବାରୁ ଅସାମାଜିକ ବ୍ୟକ୍ତି ଅବାଧରେ ସ୍କୁଲ ପରିସରକୁ ପଶି ଝରକା କାଚ ଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି। ଅସୁରକ୍ଷିତ ପରିବେଶ ଭିତରେ ଭବିଷ୍ୟତ ଗଢୁଛନ୍ତି ଅଷ୍ଟମ, ନବମ ଓ ଦଶମ ଶ୍ରେଣୀରେ ମୋଟ ୮୨ ଜଣ ଛାତ୍ରଛାତ୍ରୀ। ସେପଟେ ଖୁବଶୀଘ୍ର ସ୍କୁଲର ସମସ୍ୟା ଦୂର କରାଯିବ କହିଛନ୍ତି ଭଞ୍ଜନଗର ଉପଜିଲ୍ଲାପାଳ।

# ଆବର୍ଜନାରୁ ତିଆରି ହେଉଛି ଜୈବିକ ଖତ, ସ୍ୱଚ୍ଛତାକୁ ଓଏମ୍‌ସିର ଗୁରୁତ୍ୱ





କୋରାପୁଟ: ସ୍ୱଚ୍ଛତା ବଜାୟ ରଖିବା, ଆବର୍ଜନାର ସୁବ୍ୟବସ୍ଥିତ ପରିଚାଳନା ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଦିଗରେ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ପକ୍ଷରୁ କୋରାପୁଟ ଜିଲ୍ଲା ସ୍ଥିତ ନିଜସ୍ୱ କୋଡ଼ିଙ୍ଗାମାଳି ବକ୍ସାଇଟ ଖଣି ପାର୍ଶ୍ୱବର୍ତ୍ତୀ ଲକ୍ଷ୍ମୀପୁରଠାରେ ଏକ 'ସଲିଡ୍ ୱେଷ୍ଟ ମ୍ୟାନେଜମେଣ୍ଟ ୟୁନିଟ୍' ପ୍ରତିଷ୍ଠା କରାଯାଇଛି। ଏହି ୟୁନିଟ୍ ମାଧ୍ୟମରେ ଘରକୁ ଘର ଯାଇ ଆବର୍ଜନା ସଂଗ୍ରହ କରାଯିବା ସହ ଏହାର ପୃଥକୀକରଣ ଏବଂ ଜୈବିକ ବର୍ଜ୍ୟରୁ କମ୍ପୋଷ୍ଟ ବା ଜୈବିକ ଖତ ପ୍ରସ୍ତୁତ କରାଯାଉଛି। ଏହି ପଦକ୍ଷେପ ଲକ୍ଷ୍ମୀପୁର ଅଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନାକୁ ସୁସଂଗଠିତ କରିବା ସହ ପରିବେଶ ସୁରକ୍ଷା ଓ ସବୁଜ ପରିବେଶ ସୃଷ୍ଟି ଦିଗରେ ଓଏମ୍‌ସିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

ସହରାଞ୍ଚଳରେ ଦୈନନ୍ଦିନ ଜୀବନରୁ ସୃଷ୍ଟି ହେଉଥିବା ଆବର୍ଜନାର ଉପଯୁକ୍ତ ପରିଚାଳନା, ପରିବେଶ ସୁରକ୍ଷାର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ । ଆବର୍ଜନାକୁ ଅନିୟନ୍ତ୍ରିତ ଭାବେ ବାହାରେ ଫିଙ୍ଗିବା ଦ୍ୱାରା ରାସ୍ତାଘାଟ ଓ ସାଧାରଣ ସ୍ଥାନରେ ଅପରିଚ୍ଛନ୍ନତା ସୃଷ୍ଟି ହେବା ସହ ପରିବେଶ ଉପରେ ମଧ୍ୟ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ଲକ୍ଷ୍ମୀପୁରରେ ଆବର୍ଜନା ସଂଗ୍ରହ, ପ୍ରକ୍ରିୟାକରଣ ଓ ପୁନଃବ୍ୟବହାରକୁ ଗୁରୁତ୍ୱ ଦେଇ ଏହି ୟୁନିଟ୍ ସ୍ଥାପନ କରାଯାଇଛି।

ଏହି ୟୁନିଟ୍‌ର ସୁପରିଚାଳନା ପାଇଁ ଆବଶ୍ୟକ ମାନବ ସମ୍ବଳ ନିୟୋଜିତ କରାଯିବା ସହ ପ୍ରତିଦିନ ଲକ୍ଷ୍ମୀପୁର ବାସିନ୍ଦାଙ୍କ ଘର ସମ୍ମୁଖରୁ ଆବର୍ଜନା ସଂଗ୍ରହ କରିବା ପାଇଁ ଦୁଇଟି ବିଦ୍ୟୁତ୍‌ଚାଳିତ ଯାନ (ଇଭି) ନିୟୋଜିତ ହୋଇଛି। ଯାହାଦ୍ୱାରା ସ୍ଥାନୀୟ ଲୋକମାନେ ନିଜ ଘରର ଆବର୍ଜନାକୁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ମାଧ୍ୟମରେ ଦେଇପାରୁଛନ୍ତି। ଫଳରେ ଆବର୍ଜନା ସଂଗ୍ରହ କାର୍ଯ୍ୟକୁ ବ୍ୟବସ୍ଥିତ କରିବା ସହ ଏହାର ପରବର୍ତ୍ତୀ ପ୍ରକ୍ରିୟାକରଣ ପାଇଁ ପଦକ୍ଷେପ ନିଆଯାଉଛି। ୟୁନିଟ୍‌ରେ ପହଞ୍ଚୁଥିବା ଆବର୍ଜନାକୁ ପ୍ରଥମେ ପୃଥକୀକରଣ କରାଯାଉଛି। ପରେ ଜୈବିକ ବର୍ଜ୍ୟକୁ ଉପଯୁକ୍ତ ପ୍ରକ୍ରିୟାକରଣ ମାଧ୍ୟମରେ କମ୍ପୋଷ୍ଟ ବା ଜୈବିକ ଖତରେ ପରିଣତ କରାଯାଉଛି। ଏହି ଖତକୁ ବୃକ୍ଷରୋପଣ ଓ ତାରାର ଉପଯୁକ୍ତ ଅଭିବୃଦ୍ଧି ପାଇଁ ବ୍ୟବହାର କରାଯାଉଛି। ଏହାଦ୍ୱାରା ଘରୋଇ ଜୈବିକ ବର୍ଜ୍ୟର ପୁନଃବ୍ୟବହାର ହେବା ସହ ବୃକ୍ଷରୋପଣ ଓ ସବୁଜ ପରିବେଶ ସୃଷ୍ଟିକୁ ମଧ୍ୟ ପ୍ରୋତ୍ସାହନ ମିଳୁଛି। ଏପରି ପଦକ୍ଷେପ ଆବର୍ଜନା ପରିଚାଳନାକୁ କେବଳ ସଂଗ୍ରହ ଓ ନିଷ୍କାସନ ମଧ୍ୟରେ ସୀମିତ ନରଖି ସମ୍ବଳର ପୁନଃବ୍ୟବହାର ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଉଛି।







ବର୍ଜ୍ୟରୁ ଜୈବିକ ଖତ ପ୍ରସ୍ତୁତି ଏହି ପଦକ୍ଷେପର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ସାଧାରଣତଃ ଘରୋଇ ଆବର୍ଜନାରେ ଥିବା ଜୈବିକ ଉପାଦାନକୁ ଉପଯୁକ୍ତ ଭାବେ ପ୍ରକ୍ରିୟାକରଣ କରାଗଲେ ତାହାକୁ ଜୈବ ସାର ଭାବେ ବ୍ୟବହାର କରାଯାଇପାରିବ। ଉପଯୋଗୀ ଆବର୍ଜନାକୁ ପୁନଃବ୍ୟବହାର କରିବା ସହ ପରିତ୍ୟକ୍ତ ସାମଗ୍ରୀରୁ ମୂଲ୍ୟବାନ ଉତ୍ପାଦ ସୃଷ୍ଟି କରିବାର ପ୍ରୟାସକୁ ପ୍ରୋତ୍ସାହିତ କରାଯାଉଛି। ଏପରି ପଦକ୍ଷେପ ଆବର୍ଜନା ପରିଚାଳନାକୁ କେବଳ ସଂଗ୍ରହ ଓ ନିଷ୍କାସନ ମଧ୍ୟରେ ସୀମିତ ନରଖି ଏହାର ପୁନଃବ୍ୟବହାର ଦିଗକୁ ଗୁରୁତ୍ୱ ଦେଉଛି।

ଖଣି କାର୍ଯ୍ୟକଳାପ ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ଓ ପରିବେଶୀୟ ସୁରକ୍ଷାକୁ ଗୁରୁତ୍ୱ ଦେବା ଓଡ଼ିଶା ଖଣି ନିଗମର ବ୍ୟାପକ ଦାୟିତ୍ୱବୋଧର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। କେବଳ ଲକ୍ଷ୍ମୀପୁର ନୁହେଁ, ବରଂ ପ୍ରତିଟି ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ସ୍ୱଚ୍ଛତା ଓ ସୁସ୍ଥ ପରିବେଶ ଗଠନ ଦିଗରେ ଓଏମ୍‌ସି ସଦା ପ୍ରତିଶ୍ରୁତିବଦ୍ଧ।

# କରାଚୀର ବୋମା ବିସ୍ଫୋରଣ ହିଁ ଆଡଭାନୀଙ୍କୁ ଭାରତ ଆସିବାକୁ ବାଧ୍ୟ କରିଥିଲା

୧୪ବର୍ଷରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଦସ୍ୟ, ପରେ ଜନସଂଘ, ତା' ପରେ ୧୯୮୦ ମସିହାରେ ବିଜେପିର ପ୍ରତିଷ୍ଠା ହେବା ପରେ, ଦୀର୍ଘବର୍ଷ ସଭାପତି ଏବଂ ଦେଶର ଉପପ୍ରଧାନମନ୍ତ୍ରୀ ଥିବା ପଦ୍ମ ବିଭୂଷଣ ଲାଲକୃଷ୍ଣ ଆଡ଼ଭାନୀଙ୍କର ନଭେମ୍ବର ୮ରେ ଜନ୍ମଦିନ ପାଳିତ ହୋଇଯାଇଛି। ତାଙ୍କୁ ୯୫ବର୍ଷ ଛୁଇଁଛି। ବିସ୍ଫୋରଣ, ଯଦି ଗୋଟିଏ ବିସ୍ଫୋରଣ କରାଚୀରେ ହୋଇନଥାନ୍ତା, ତା' ହେଲେ ହୁଏତ ଭାରତ ଆସିନଥାଆନ୍ତେ ଲାଲକୃଷ୍ଣ ଆଡଭାନୀ। ତେବେ ଏମିତି ଚର୍ଚ୍ଚା କାହିଁକି। କାରଣ ପାକିସ୍ତାନର କରାଚୀ ଯେତେବେଳେ ଛାଡ଼ିଥିଲେ ଆଡ଼ଭାନୀ, ସେତେବେଳେ ତାଙ୍କୁ ୧୯ବର୍ଷ। କରାଚୀରେ ସେ ଜନ୍ମ ହୋଇଛନ୍ତି। ସ୍କୁଲ ଜୀବନ, କଲେଜ ଜୀବନ ବିତାଇଛନ୍ତି, ତେଣୁ କରାଚୀ ସହ ମନ ଭିତରେ କେଉଁଠି ନା କେଉଁଠି ତାଙ୍କର ଦୁର୍ବଳତା ରହି ଆସିଛି। ଯେଉଁ କଥା ସେ ବାରମ୍ବାର କହି ଆସିଛନ୍ତି। କରାଚୀର ସେତେବେଳର କଥା, ଯେତେବେଳେ ତାହା ସିନ୍ଧ୍ ପ୍ରଭିନ୍ସରେ ଥିଲା, ଏବଂ ତାହା ୩୦ଲକ୍ଷ ମୁସଲମାନ ଏବଂ ୧୩ଲକ୍ଷ ହିନ୍ଦୁଙ୍କ ବାସସ୍ଥାନ ଥିଲା। କିନ୍ତୁ ସେତେବେଳେ ଆଡ଼ଭାନୀଙ୍କୁ ଜଣାନଥିଲା, ଶେଷରେ ସିନ୍ଧ୍ ପ୍ରଦେଶ ପାକିସ୍ତାନରେ ସାମିଲ୍ ହୋଇଯିବ। ତେବେ ୧୯୪୭ ମସିହାରେ ଯେତେବେଳେ ଭାରତର ବିଭାଜନ ହେଲା, ଆରମ୍ଭ ହୋଇଯାଇଥିଲା ହତ୍ୟା, ଲୁଣ୍ଠନ, ବ୍ୟଭିଚାର। ରାସ୍ତାରେ ଲହୁ ଲୁହର ସମୁଦ୍ର ବହିଲା। ସେତିକି ବେଳେ, ଏକ



ବୋମା ବିସ୍ଫୋରଣ, ୧୪ବର୍ଷରେ ଆରଏସ୍ଏସ୍‌ରେ ସାମିଲ ହୋଇଯାଇଥିବା ଆଡ଼ଭାନୀଙ୍କ ଜୀବନରେ ଗ୍ରହଣ ଲଗାଇ ଦେଇଥିଲା। ଏ ବିସ୍ଫୋରଣ ପଛରେ ଆରଏସ୍ଏସ୍‌ର ହାତ ରହିଛି ବୋଲି ଏମିତି ହେଡ୍‌ଲାଇନ୍ ଛପିଥିଲା ଡନ୍, RSS Plot to Blow Up Pakistan Unearthed। ଆଉ RSS Plot to Blow Up Pakistan Unearthed। ଆଉ ଆର୍‌ଏସ୍‌ଏସ୍ କର୍ମୀ ହୋଇଥିବାରୁ କେହି କେହି ତାଙ୍କୁ ପରାମର୍ଶ ଦେଇଥିଲେ କି, ସେ ପ୍ରଥମେ କରାଚୀ ଛାଡ଼ି ଦିଅନ୍ତୁ। ସେତେବେଳେ ତାଙ୍କୁ ୧୯ବର୍ଷ, ଶେଷରେ ୧୯୪୭ ମସିହା ସେପ୍ଟେମ୍ବର ୧୨ତାରିଖ, ମାନେ ଦେଶ ସ୍ୱାଧୀନ ହେବାର ପାଖାପାଖି ୧ମାସ ପରେ ପରେ ବିମାନରେ ଏକା ଏକା କରାଚୀ ଛାଡ଼ିଥିଲେ ଆଡ଼ଭାନୀ। କିନ୍ତୁ କରାଚୀକୁ କେବେ କେବେ ଝୁରିଛନ୍ତି ଆଡ଼ଭାନୀ, ଯାହାକୁ ଇମୋସନାଲ୍ ଦୁର୍ବଳତା କୁହାଯାଇପାରେ। ପରେ ଯେତେବେଳେ ଅକ୍ଟୋବରରେ କରାଚୀରେ ମହାପଳାୟନ ଆରମ୍ଭ ହୋଇଥିଲା, ସେ ସମୟରେ କରାଚୀ ଛାଡ଼ିଥିଲେ ଆଡ଼ଭାନୀଙ୍କ ପୂରା ପରିବାର। ଅର୍ଥାତ୍, ସେଇ ବିସ୍ଫୋରଣ, ବୋମା ବିସ୍ଫୋରଣ ହିଁ ଆଡ଼ଭାନୀଙ୍କ ଜୀବନରେ ଟର୍ଣ୍ଣିଂ ପଏଣ୍ଟ ଆଣି ଦେଇଥିଲେ। ଯଦି ବୋମା ବିସ୍ଫୋରଣ ହୋଇନଥାନ୍ତା, ତେବେ ଆଡ଼ଭାନୀ ହୁଏତ ଭାରତ ଆସିନଥାଆନ୍ତେ।

## ଟିପୁ ସୁଲ୍‌ତାନଙ୍କ ନରସଂହାର

# ୨୦୦ ବର୍ଷରୁ ଏଠି ଦୀପାବଳୀ 'ବ୍ଲାକ ନାଇଟ୍'

କର୍ଣ୍ଣାଟକର ଏକ ଗାଁ ମେଲକୋଟ୍, ଯେତେବେଳେ ସାରା ଦେଶ ଆଲୋକର ପର୍ବ ଦୀପାବଳୀ ପାଳୁଥିଲା ଏଠି କିନ୍ତୁ ଛାଇ ଯାଇଥିଲା ମୃତ୍ୟୁ ଶୀତଳ ନିରବତା।

ଏ ଗାଁ ଏମିତି ଏକ ଗାଁ, ଯେଉଁଠି ଲୋକେ କେବେ ବି ଦିୱାଲି ପାଳନ୍ତି ନାହିଁ। ଏଠି ଦିୱାଲିର ଆଲୁଅ ନୁହଁ ଅନ୍ଧାରରେ ହିଁ ବିତିଯାଏ ତମାମ୍ ରାତି। ଦିନେ କି ମାସେ କି ବର୍ଷେ ନୁହଁ, ଗଲା ୨ଶହ ବର୍ଷ ଧରି ଏଠାକାର ଲୋକେ କେବେ ଦିୱାଲିର ନାଁ ଧରନ୍ତି ନାହିଁ। ଯା ପଛରେ ଏକ ବର୍ବରତା ରହିଛି, ନୃଶଂସତା ରହିଛି, ନାରକୀୟତା ରହିଛି, ରହିଛି ରକ୍ତରଞ୍ଜିତ ନିଷ୍ଠୁର ଇତିହାସ।

ଆଉ ଏ ଇତିହାସ ଜଣେ ସୁଲତାନଙ୍କୁ ନେଇ, ଟିପୁ ସୁଲ୍‌ତାନ। ଯାହାଙ୍କ ପାଇଁ ଏ ଗାଁ କେବେ ଦିୱାଲି ପାଳେ ନାହିଁ। ଯେଉଁ ଟିପୁଙ୍କୁ ଆମ ଦେଶର ଏକ ବଡ଼ ବୁଦ୍ଧିଜୀବୀ ଗୋଷ୍ଠୀ ମହାନ୍, ଧର୍ମନିରପେକ୍ଷ, ବୀର, ସହୀଦ, ସିଂହ ବୋଲି କହନ୍ତି, କିନ୍ତୁ ଦକ୍ଷିଣ ଭାରତର ଏ ଗାଁ କିଛି ଅଲଗା କଥା କହୁଛି। ତେବେ ଏମିତି କ'ଣ କାରଣ ରହିଛି, ଯେଉଁଥିପାଇଁ ଏଠି ଗଣସଂହାର ସେ କରିଥିଲେ। ୮ ଶହ ଆୟାଙ୍ଗାର ବ୍ରାହ୍ମଣଙ୍କୁ ମାରିଥିଲେ ସୁଲତାନ ଟିପୁ। ମେଲକୋଟ୍ ଗାଁର ପ୍ରତିଟି ଘରେ ଏମିତି ଭୟଙ୍କର କାହାଣୀ ରହିଛି, ଯାହା ଟିପୁଙ୍କ କ୍ରୁରତାକୁ ଦର୍ଶାଉଛି। କିନ୍ତୁ ଏ ସତ କେବେ ବି କାହା ସାମ୍ନାକୁ ଆସିପାରିନି।

ହିନ୍ଦୁମାନଙ୍କୁ ଘୃଣା କରୁଥିଲେ ଟିପୁ। ଧର୍ମ ପରିବର୍ତ୍ତନ କରାଉଥିଲେ। ଯିଏ ବିରୋଧ କରୁଥିଲେ, ସବୁଦିନ ପାଇଁ ଖତମ୍ କରି ଦିଆଯାଉଥିଲା ବୋଲି



**ସାରା ଦେଶ ଦୀପୋତ୍ସବ ପାଳିଲା, ହେଲେ ଭାରତରେ ଏମିତି ଗୋଟେ ଗାଁ ଅଛି, ଯେଉଁ ଗାଁରେ ଏ ଦୀପାବଳୀକୁ କାଳରାତି ବୋଲି ଭାବନ୍ତି। କର୍ଣ୍ଣାଟକର ମେଲକୋଟ୍ ଗାଁ, ଯାହା ପଛରେ ଏକ ରକ୍ତରଞ୍ଜିତ ଇତିହାସ ରହିଛି। ଆଉ ଏ ଇତିହାସର ଘା, ପ୍ରତି ଦୀପାବଳୀରେ ଲହୁଲୁହାଣ ହୋଇପଡ଼େ। କାରଣ ୨ ଶହ ବର୍ଷ ପୂର୍ବେ ଏଠି ଏମିତି ଏକ ନରସଂହାର ହୋଇଥିଲା ଯାହାକୁ ଆଜି ବି ଲୋକେ ଭୁଲି ପାରିନାହାନ୍ତି। ଏକାଥରକେ ୮୦୦ ହିନ୍ଦୁଙ୍କୁ ମାରିବା ପାଇଁ କାଳେ ନିର୍ଦ୍ଦେଶ ଦେଇଥିଲେ ଟିପୁ ସୁଲ୍‌ତାନ, ଯେଉଁ ଟିପୁଙ୍କ ଆମ ଦରବାରୀ ଐତିହାସିକମାନେ ଜଣେ ସହିଦର ଆଖ୍ୟା ଦେଇ ଆସିଛନ୍ତି**

ଏବେ ବି ଏଠାକାର ଲୋକେ କହନ୍ତି। ଏଠାକାର ଲୋକେ କହନ୍ତି କି, ରାଜ୍ୟରୁ କନ୍ନଡ଼ ଭାଷା ହଟାଇ ସେ ପାର୍ସି ଭାଷା ଲାଗୁ କରିଥିଲେ। ଏୟା ବି କହନ୍ତି, ଦେଶକୁ ଇସ୍‌ଲାମକରଣ କରିବାକୁ ଚାହୁଁଥିଲେ ଟିପୁ। ପୂର୍ବପୁରୁଷରୁ ଶୁଣି ଆସିଥିବା ଏବେକାର ପ୍ରଜନ୍ମଙ୍କ ଏ ଅଭିଯୋଗ ବହୁ ଐତିହାସିକ ସତ୍ୟ ବୋଲି ସ୍ୱୀକାର କରି ଆସିଛନ୍ତି। ସମାନ କଥା କହନ୍ତି ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦର ନିର୍ଦ୍ଦେଶକ ଡଃ ଓମ୍ ଜୀ ଉପାଧ୍ୟାୟ। ଇତିହାସରେ ଟିପୁ ସୁଲତାନଙ୍କୁ ଜଣେ ମହାନ୍, ଧର୍ମନିରପେକ୍ଷ ଶାସକ ଭାବେ ବର୍ଣ୍ଣନା କରାଯାଇଛି। ଇଂରେଜମାନଙ୍କ ବିରୁଦ୍ଧରେ ଲଢୁ ଲଢୁ ସେ ସହିଦ ହୋଇ ଯାଇଥିଲେ ବୋଲି କିଛି ଐତିହାସିକ ଲେଖି ଯାଇଛନ୍ତି। କିଛି ଐତିହାସିକ ତାଙ୍କୁ ଧାର୍ମିକ ସହିଷ୍ଣୁ କହିଥିବାବେଳେ କେହି କେହି ଐତିହାସିକଙ୍କ ବର୍ଣ୍ଣନା ଅନୁସାରେ ଚତୁର ଟିପୁ ହିନ୍ଦୁ ଏବଂ ଇସାଇ ବିରୋଧୀ ଥିଲେ। ତାଙ୍କ ସମୟରେ ବହୁ ଗୀର୍ଜା ଏବଂ ମନ୍ଦିର ଭଙ୍ଗାଯାଇଛି। କାରଣ ସେ ହିନ୍ଦୁମାନଙ୍କୁ ଘୃଣା କରୁଥିଲେ, ତେଣୁ ମେଲକୋଟ ଭଳି ନରସଂହାର ଦେଖିବାକୁ ମିଳିଛି। ମେଲକୋଟ ଗାଁ ସହ ଟିପୁଙ୍କ ସମ୍ପର୍କ, ସେଇ କାଳଖଣ୍ଡରେ ହୁଏତ ଲୁଚାଇ ଦିଆଯାଇଛି, ଯାହାର ସତ୍ୟତା କାହାପାଖରେ ନାହିଁ। କିନ୍ତୁ ୨୦୦ ବର୍ଷରୁ ଅଧିକ ସମୟ ହେଲାଣି, ଏବେ ବି ମେଲକୋଟ ଗାଁ ଲୋକେ ସେଇ ଦିୱାଲିର ଦିନକୁ ଭୁଲି ନାହାନ୍ତି, ଯେଉଁଦିନ ଏଠି ଗଣସଂହାର କରିଥିଲେ ଟିପୁ। ସେଥିପାଇଁ କେବେ ବି ଏଠି ଦୀପାବଳୀ ହୁଏନା, ଦୀପାବଳୀର ଅର୍ଥ ଏଠି ବ୍ଲାକ ନାଇଟ୍।

## ପାର୍ବଣରେ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ କାରିଗର !

# ମାଟି, କାଠ, ଖଇରେ ତିଆରି ହେଉଛି ଭଳିକି ଭଳି ମୂର୍ତ୍ତି

ଗଣେଶ ପୂଜା ସରିଛି, ଏବେ ଆଗକୁ ଗଜଲକ୍ଷ୍ମୀ, ଦୁର୍ଗା ଓ କାଳୀ ପୂଜା। ପାର୍ବଣ ଋତୁକୁ ନେଇ ଗାଁଠୁ ସହର ସବୁଠି ଚଳଚଞ୍ଚଳ। ପୂଜା ପାଇଁ ପ୍ରସ୍ତୁତି ଜୋରଦାର ହୋଇଥିବା ବେଳେ ମୂର୍ତ୍ତି ଶିଳ୍ପୀମାନେ ମଧ୍ୟ ଦିନରାତି ଏକ କରି ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ। କେଉଁଠି ମାଟିରେ ମୂର୍ତ୍ତିର ଆକାର ଦିଆଯାଉଛି, ତ ଆଉ କେଉଁଠି ଚାଲିଛି ରଙ୍ଗ ଓ ସାଜସଜ୍ଜା କାମ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଶେରଗଡ଼ସ୍ଥିତ ଗାୟତ୍ରୀ ଶିଳ୍ପୀ ଭଣ୍ଡାରରେ। ଏଠାରେ କାରିଗରମାନେ ଆଗାମୀ ପାର୍ବଣ ପାଇଁ ବିଭିନ୍ନ ଦେବାଦେବୀଙ୍କ ମୂର୍ତ୍ତି ଗଢ଼ିବାରେ ବ୍ୟସ୍ତ ଅଛନ୍ତି। ବର୍ତ୍ତମାନ ଗଜଲକ୍ଷ୍ମୀ ଓ ମା' ଦୁର୍ଗାଙ୍କ ମୂର୍ତ୍ତି ତିଆରି କାମ ଜୋରଦାର ଚାଲିଛି। ଏଠାରେ ୩ରୁ ୪ ଜଣ କାରିଗର ମିଶି ମୂର୍ତ୍ତି ନିର୍ମାଣ କରୁଛନ୍ତି।

କାରିଗର ସୁଶାନ୍ତ ସେଠୀଙ୍କ କହିବା ଅନୁସାରେ, ଚଳିତ ବର୍ଷ ଗଣେଶ ପୂଜାରେ ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ପ୍ରାୟ ୬୦ଟି ଗଣେଶ ମୂର୍ତ୍ତି ତିଆରି କରି ବିକ୍ରି କରିଥିଲେ। ଗଣେଶ ପୂଜାରେ ଭଲ ବ୍ୟବସାୟ ହୋଇଥିବାରୁ ଆଗାମୀ ପୂଜାକୁ ନେଇ ମଧ୍ୟ ଆଶାବାଦୀ ଅଛନ୍ତି କାରିଗର। ପାରମ୍ପରିକ ପ୍ରଣାଳୀରେ ମାଟି, କାଠ, ଖଇ ଭଳି ବିଭିନ୍ନ ସାମଗ୍ରୀ ବ୍ୟବହାର କରି ମୂର୍ତ୍ତି ତିଆରି କରାଯାଉଛି। ଗ୍ରାହକଙ୍କ ଅର୍ଡର ଅନୁସାରେ ମୂର୍ତ୍ତିର ଆକାର ଓ ଡିଜାଇନ୍ ?ରେ ମଧ୍ୟ ପରିବର୍ତ୍ତନ କରୁଛନ୍ତି କାରିଗର। ଏବେଠାରୁ ବିଭିନ୍ନ ସ୍ଥାନରୁ ଅର୍ଡର ଆସିବା ଆରମ୍ଭ ହୋଇଥିବାରୁ କାମର ଚାପ ବଢ଼ିଛି। ପାର୍ବଣ ଋତୁ ଯେତେ ନିକଟତର ହେଉଛି, ମୂର୍ତ୍ତି ଶିଳ୍ପୀଙ୍କ ବ୍ୟସ୍ତତା ମଧ୍ୟ ସେତେ ବଢୁଛି। ଦିନରାତି ପରିଶ୍ରମ କରି ମୂର୍ତ୍ତିକୁ ଶେଷ ସ୍ପର୍ଶ ଦେଉଛନ୍ତି କାରିଗର। ଚଳିତ ବର୍ଷ ଗଜଲକ୍ଷ୍ମୀ, ଦୁର୍ଗା ଓ କାଳୀ ପୂଜାରେ ଭଲ ବ୍ୟବସାୟ ହେବ ଏବଂ ପୂଜା ଋତୁ କାରିଗରଙ୍କ ପାଇଁ ଭଲ ରୋଜଗାରର ମାଧ୍ୟମ ପାଲଟିବ ବୋଲି ଆଶା ରଖିଛନ୍ତି ମୂର୍ତ୍ତି ଶିଳ୍ପୀ।



# ସିନ୍ଦୂର: ଘରେ ବୃଦ୍ଧି କରିଥାଏ ସୁଖ ଓ ଶାନ୍ତି



**ବାସ୍ତୁ ଶାସ୍ତ୍ର ଅନୁସାରେ ସିନ୍ଦୁରର ବିଶେଷ ମହତ୍ୱ ରହିଛି। ପ୍ରତ୍ୟେକ ବିବାହିତ ସ୍ତ୍ରୀର ସିନ୍ଦୁର ହେଉଛି ମୁଖ୍ୟ ଅଂଶ। ଶାସ୍ତ୍ରରେ କୁହାଯାଇଛି ଯେ ସ୍ତ୍ରୀର ସିନ୍ଦୁର ଲଗାଇବା ଦ୍ୱାରା ସ୍ୱାମୀର ଆୟୁଷ ଲମ୍ବା ହୋଇଥାଏ। ସ୍ୱାମୀର ଶରୀର ସୁସ୍ଥ ରହିବା ସହିତ ବିଭିନ୍ନ ରୋଗରୁ ମଧ୍ୟ ମୁକ୍ତି ମିଳିଥାଏ। କିନ୍ତୁ ଏହି ସିନ୍ଦୁର ସଧବା ନାରୀର ମଥାରେ ଲାଗିବା ବ୍ୟତୀତ ଘରେ ସୁଖ ଶାନ୍ତି ମଧ୍ୟ ବୃଦ୍ଧି କରିଥାଏ। ତେବେ ଚାଲନ୍ତୁ ଜାଣିବା ବାସ୍ତୁ ଅନୁଯାୟୀ ସିନ୍ଦୁରର ମାହାତ୍ମ୍ୟ କ'ଣ ରହିଛି।**

- ପ୍ରତ୍ୟେକ ଦିନ ସୂର୍ଯ୍ୟଦେବଙ୍କୁ ଅର୍ଘ୍ୟ ଦେବା ସମୟରେ ଅଳ୍ପ କିଛି ସିନ୍ଦୁର ପାଣିରେ ମିଶାନ୍ତୁ। ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁରରେ ସ୍ୱସ୍ତିକ ଚିହ୍ନ ତିଆରି କରନ୍ତୁ। ଏହା କରିବା ଦ୍ୱାରା ଘରେ ସୁଖ ଶାନ୍ତି ବୃଦ୍ଧି ପାଇଥାଏ। ଏହିଭଳି କରିବା ଦ୍ୱାରା ଘରେ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ସମ୍ପର୍କ ଭଲ ରହିଥାଏ।
- ଘରର ମୁଖ୍ୟ ଦ୍ୱାରରେ ତେଲରେ ସିନ୍ଦୁର ମିଶାଇ ଲଗାଇବା ଦ୍ୱାରା ନକରାତ୍ମକ ଶକ୍ତି ପ୍ରବେଶ କରେ ନାହିଁ। ଏହାକୁ କ୍ରମାଗତ ୪୦ ଦିନ କରିବା ଦ୍ୱାରା ଘରେ ଥିବା ବାସ୍ତୁ ଦୋଷ ଦୂର ହୋଇଥାଏ।
- ହିନ୍ଦୁ ଧର୍ମ ଅନୁଯାୟୀ ଦେବତାମାନଙ୍କର ପୂଜା ମଧ୍ୟ ବିନା ସିନ୍ଦୁରରେ ଅସମ୍ପୂର୍ଣ୍ଣ ହୋଇଥାଏ। ଅର୍ଥହାନୀ ହେଉଥିଲେ ଏହି ସମସ୍ୟାକୁ ଦୂର କରିବା ପାଇଁ ପାଞ୍ଚ ମଙ୍ଗଳବାର ଏବଂ ଶନିବାର ଦିନ ତେଲ ସହିତ ସିନ୍ଦୁର ମିଶ୍ରଣ କରି ହନୁମାନଙ୍କୁ ଚଢ଼ାନ୍ତୁ। ଏହା କରିବା ଦ୍ୱାରା ବ୍ୟବସାୟରେ ଅଗ୍ରଗତି ହେବ ଏବଂ ଅର୍ଥ ସହ ଜଡ଼ିତ ସମସ୍ତ ସମସ୍ୟା ସୂର ହୋଇଯିବ।
- ଘରେ କାହାର ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହୁଥିଲେ ରୋଗୀ ଉପରେ ସିନ୍ଦୁରକୁ ବୁଲାକୁ ଏହାକୁ ଜଳରେ ପ୍ରବାହିତ କରିବା ଦ୍ୱାରା ରୋଗର ଶୀଘ୍ର ମୁକ୍ତି ମିଳିଥାଏ।
- ଘରର ମୁଖ୍ୟ ଦ୍ୱାରରେ ସିନ୍ଦୁର ଚଢ଼ା ହୋଇଥିବା ପ୍ରଭୁ ଶ୍ରୀଗଣେଶଙ୍କର ମୂର୍ତ୍ତି ରଖିବା ଦ୍ୱାରା ଘରେ ସୁଖ ଶାନ୍ତି ଏବଂ ସମୃଦ୍ଧତା ରହିଥାଏ।
- ପୂଜା ସମୟରେ ମୁଣ୍ଡରେ ଲାଲ୍ ତିଳକ ବା ସିନ୍ଦୁର ଲଗାଇ ପୂଜା କଲେ ଶୁଭ ଫଳ ମିଳିଥାଏ। ମନରେ ଏକାଗ୍ରତା ଓ ଶାନ୍ତି ଆସିଥାଏ।

# ବିରଳ ବାନର, ୟେଲୋ ଫିଭରରୁ ରକ୍ଷା ପାଇଁ ଜଙ୍ଗଲରେ ପ୍ରଥମ ଟିକା

ବ୍ରାଜିଲର ଜଙ୍ଗଲରେ ଦେଖାଯାଉଥିବା ଏକ ବିରଳ ପ୍ରଜାତିର ବାନରକୁ ମାରାତ୍ମକ ରୋଗରୁ ରକ୍ଷା କରିବା ପାଇଁ ବୈଜ୍ଞାନିକ ମାନେ ଏକ ନୂଆ ପଦକ୍ଷେପ ନେଇଛନ୍ତି। ବ୍ଲାକ୍-ଫେସ୍ଡ ଲାୟନ୍ ଟାମାରିନ୍ ନାମକ ଏହି ବାନରକୁ ପ୍ରଥମଥର ପାଇଁ ଜଙ୍ଗଲରେ ହଳଦିଆ ଜ୍ୱର ବା ୟେଲୋ ଫିଭରର ଟିକା ଦିଆଯାଇଛି। ଏହି ପଦକ୍ଷେପ ବିରଳ ବନ୍ୟପ୍ରାଣୀଙ୍କ ସଂରକ୍ଷଣ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦ୍ୟମ।





ଏହି ପ୍ରଜାତିର ବାନରଙ୍କ ସଂଖ୍ୟା ଜଙ୍ଗଲରେ ୪୦୦ରୁ କମ୍ ଥିବା ଆକଳନ କରାଯାଇଛି। ଏମାନେ କେବଳ ବ୍ରାଜିଲର ଆଟଲାଣ୍ଟିକ୍ ଫରେଷ୍ଟ ଅଞ୍ଚଳରେ ଦେଖାଯାଆନ୍ତି। ଏହି ବାନରର ମୁହଁ କଳା ଏବଂ ଶରୀରରେ ସୁନେଲି-କମଳା ରଙ୍ଗର ଲୋମ ରହିଥାଏ। ଏହାର ବୈଜ୍ଞାନିକ ନାମ ଲିଓଣ୍ଟୋପିଥେକସ୍ କାଇସାରା। ଅଳ୍ପ ସଂଖ୍ୟା ଏବଂ ସୀମିତ ବାସସ୍ଥାନ ଯୋଗୁଁ ଏହି ପ୍ରଜାତି ବିଲୁପ୍ତିର ଗୁରୁତର ବିପଦରେ ରହିଛନ୍ତି।

### ରକ୍ତ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ

ଚଳିତ ୨୦୨୬ ମସିହା ଜୁଲାଇରେ ବ୍ରାଜିଲର ପାରାନା ରାଜ୍ୟର ସୁପେରାଗୁଇ ଜାତୀୟ ଉଦ୍ୟାନ ଅଞ୍ଚଳରେ ଏହି ଟିକାକରଣ କରାଯାଇଥିଲା। ଏଥିରେ ଦୁଇଟି ଅଣ୍ଡିରା ଓ ଗୋଟିଏ ମାଈ ବାନରଙ୍କୁ ଟିକା ଦିଆଯାଇଥିଲା। ବୈଜ୍ଞାନିକମାନେ ସେମାନଙ୍କର ରକ୍ତ ଓ ଅନ୍ୟାନ୍ୟ ନମୁନା ସଂଗ୍ରହ କରିବା ସହିତ ଭବିଷ୍ୟତରେ ନିରୀକ୍ଷଣ ପାଇଁ ମାଇକ୍ରୋଚିପ୍ ଓ ରେଡିଓ କଲାର ଲଗାଇଥିଲେ। ପରେ ସେମାନଙ୍କୁ ପୁଣି ଜଙ୍ଗଲରେ ଛାଡ଼ି ଦିଆଯାଇଥିଲା।

ୟେଲୋ ଫିଭର ଏକ ଭୂତାଣୁଜନିତ ରୋଗ, ଯାହା ସଂକ୍ରମିତ ମଶା କାମୁଡ଼ିବା ଦ୍ୱାରା ବ୍ୟାପିଥାଏ। ବ୍ରାଜିଲର ଜଙ୍ଗଲରେ ଏହି ରୋଗ ଯୋଗୁଁ ଅନେକ ବନ୍ୟ ପ୍ରାଇମେଟ୍‌ଙ୍କ ମୃତ୍ୟୁ ହୋଇଛି। ଏହି ପ୍ରାଇମେଟ୍ ବର୍ଗରେ ମଣିଷ, ମାଙ୍କଡ଼, ବାନର, ଗୋରିଲା ଓ ଲେମୁର ଭଳି ପ୍ରାଣୀ ଅନ୍ତର୍ଭୁକ୍ତ। ବିଶେଷକରି ଅଳ୍ପ ସଂଖ୍ୟାରେ ରହୁଥିବା ପ୍ରଜାତି ପାଇଁ ଏଭଳି ରୋଗର ସଂକ୍ରମଣ ଅତ୍ୟନ୍ତ ବିପଦ ଜନକ। ଏକ ଅଞ୍ଚଳରେ ଅନେକ ବାନର ସଂକ୍ରମିତ ହେଲେ ସେଠାକାର ସମଗ୍ର ଜନସଂଖ୍ୟା ପ୍ରଭାବିତ ହୋଇପାରେ।

### ଅଧିକ ବାନରଙ୍କୁ ଟିକା ଦେବା ନେଇ ବିଚାର

ଏହି ବାନରଙ୍କ ପାଇଁ କେବଳ ରୋଗ ନୁହେଁ, ଜଙ୍ଗଲ ନଷ୍ଟ ହେବା ଓ ବାସସ୍ଥାନ ଖଣ୍ଡଖଣ୍ଡ ହୋଇଯିବା ମଧ୍ୟ ଏକ ବଡ଼ ସମସ୍ୟା। ଏହା ଫଳରେ ଭିନ୍ନ ଭିନ୍ନ ଅଞ୍ଚଳରେ ରହୁଥିବା ବାନରଙ୍କ ମଧ୍ୟରେ ସମ୍ପର୍କ ଓ ପ୍ରଜନନର ସୁଯୋଗ କମିଯାଏ। ତେଣୁ ଏହି ପ୍ରଜାତିକୁ ବଞ୍ଚାଇବା ପାଇଁ ଜଙ୍ଗଲ ସୁରକ୍ଷା ସହିତ ବିଭିନ୍ନ ଅଞ୍ଚଳର ବାସସ୍ଥାନକୁ ସଂଯୋଗ କରିବା ଆବଶ୍ୟକ।

ଟିକା ଦିଆଯାଇଥିବା ତିନୋଟି ବାନରଙ୍କ ସ୍ୱାସ୍ଥ୍ୟ ଉପରେ ବୈଜ୍ଞାନିକମାନେ ନିୟମିତ ନଜର ରଖିଛନ୍ତି। ପ୍ରାରମ୍ଭିକ ନିରୀକ୍ଷଣରେ କୌଣସି ଗୁରୁତର ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇନାହିଁ। ଏହି ପରୀକ୍ଷାର ଫଳାଫଳ ଆଧାରରେ ଆଗକୁ ଅଧିକ ବାନରଙ୍କୁ ଟିକା ଦେବା ନେଇ ବିଚାର କରାଯାଇପାରେ। ତେବେ ଏହି ବିରଳ ପ୍ରଜାତିକୁ ସୁରକ୍ଷିତ ରଖିବା ପାଇଁ ଟିକାକରଣ ସହିତ ପ୍ରାକୃତିକ ବାସସ୍ଥାନର ସଂରକ୍ଷଣ ମଧ୍ୟ ଅତ୍ୟନ୍ତ ଜରୁରୀ।

## ୩୦୦ ବର୍ଷର ଦୁର୍ଗା ମେଢ଼...

# ଖାଲି ମାଟି, ନଡ଼ାରେ ତିଆରି, ହେଲେ ଟିକେ ବି ଝଡ଼ିନି ମାଟି

ପୂଜା ପାର୍ବଣରେ ଠାକୁରଙ୍କ ମେଢ଼ଟିଏ ତୋଳିଲେ ତାହାକୁ ବିସର୍ଜନ କରିବାକୁ ହୁଏ, କାରଣ ମାଟିରେ ତିଆରି ମା'ଙ୍କ ମୂର୍ତ୍ତି ଅଧିକ ଦିନ ଧରି ରହିପାରିବନି । କିନ୍ତୁ ଏମିତି ଏକ ଦୁର୍ଗା ମୂର୍ତ୍ତି ରହିଛି ଯାହା ୩୦୦ ବର୍ଷ ହେଲା ଯେମିତିକି ସେମିତି ରହିଛି । କେଉଁଠି ରହିଛି ଏହି ଚମତ୍କାର ମୂର୍ତ୍ତି ଆସନ୍ତୁ ଦେଖିବା । ଦେବାଧିଦେବ ମହାଦେବଙ୍କ ନଗରୀ କହିଲେ ସମସ୍ତେ 'କାଶୀ ଧାମ'କୁ ବୁଝନ୍ତି। ପୂଣ୍ୟର ସ୍ଥାନ କାଶୀ ଯାହାକୁ ବାରାଣସୀ ତଥା ବନାରସ୍ ବୋଲି ମଧ୍ୟ କୁହାଯାଏ। ନିଜର ପ୍ରାଚୀନ ପରମ୍ପରା, ସଂସ୍କୃତି ଓ ଅଦ୍ଭୁତ ଆଧାତ୍ମିକ ରହସ୍ୟ ପାଇଁ ଏହି ସହର ସାରା ବିଶ୍ୱରେ ପ୍ରସିଦ୍ଧ । ପବନର ବେଗରେ କାଶତଣ୍ଡୀ ଫୁଲ ଲହଡ଼ି ଖେଳିବା କ୍ଷଣି କାଶୀର ମଦନପୁରା ଅଞ୍ଚଳ ଚଳଚଞ୍ଚଳ ହୋଇଉଠେ। କାରଣ ସେହି ସ୍ଥାନରେ ପ୍ରତ୍ୟକ୍ଷ ବିରାଜିଛନ୍ତି ମା' ଜଗତଜନନୀ । ଗୋଟିଏ ପଟେ କାଶୀ,ବିଶ୍ୱର ପିତାଙ୍କ ସ୍ଥାନ ଏବଂ ଅନ୍ୟପଟେ 'ପୁରୁଣା ଦୁର୍ଗା ବାଡ଼ି'ର ମା' ଦୁର୍ଗାଙ୍କ ପ୍ରତିମା ବିଶ୍ୱର ଜନନୀ ଯେଉଁଠି ବିଦ୍ୟମାନ । ମା'ଙ୍କର ଏହି ମୃଣ୍ମୟୀ ମୂର୍ତ୍ତି ନିଜ ଭିତରେ ଏକ ରହସ୍ୟ କାରଣ ଏହାକୁ କୌଣସି ପଥର,ଧାତୁ କିମ୍ବା ସିମେଣ୍ଟରେ ତିଆରି କରାଯାଇନାହିଁ । ଶକ୍ତିସ୍ୱରୂପିଣୀ ମା'ଙ୍କ ମୂର୍ତ୍ତି ବାଉଁଶ,ନଡ଼ା ଏବଂ ମାଟିରେ ତିଆରି ହୋଇଛି । ଆଶ୍ଚର୍ଯ୍ୟର କଥା ହେଉଛି ୧୭୬୭ ମସିହାରେ ନିର୍ମିତ ଏହି ୫ ଫୁଟର ମୂର୍ତ୍ତିଟି ଦୀର୍ଘ ୨୫୯ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ବି ଆଜି ପର୍ଯ୍ୟନ୍ତ ଏଥିରୁ ଗୋଟିଏ ମାଟି କଣିକାଟିଏ ବି ଝଡ଼ିନାହିଁ ।

ମା'ଜଗଦମ୍ବାଙ୍କ ଏହି ମୂର୍ତ୍ତିର ଇତିହାସ ଅତ୍ୟନ୍ତ ରୋଚକ । ୧୭୬୭ରେ ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲାରୁ ଆସିଥିବା 'ମୁଖୋପାଧ୍ୟାୟ' ପରିବାରର ମୁଖିଆ ନବରାତ୍ରି ସମୟରେ କାଶୀରେ ଏହି ପ୍ରତିମା ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ କରିଥିଲେ। ପରମ୍ପରା ଅନୁସାରେ ପୂଜା ଶେଷରେ ପ୍ରତିମା ବିସର୍ଜନର ସମୟ ଆସିବାରୁ ମା' ଦୁର୍ଗା ସ୍ୱପ୍ନାଦେଶ ଦେଇ କାଶୀରେ ହିଁ ବାସ କରିବାର ଇଚ୍ଛା ପ୍ରକାଶ କରିଥିଲେ ଏବଂ ବିସର୍ଜନ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିଦିନଠାରୁ ଆଜି ପର୍ଯ୍ୟନ୍ତ ଏହି ପ୍ରତିମାକୁ ବିସର୍ଜନ କରାଯାଇନାହିଁ । ଯେଉଁ ବେଦୀରେ ୨୫୯ ବର୍ଷ ପୂର୍ବେ ମା'ଙ୍କର ପ୍ରାଣ ପ୍ରତିଷ୍ଠା ହୋଇଥିଲା, ଆଜି ବି ସେହି ସମାନ ବେଦୀରେ ମା' ଦୁର୍ଗା, ପ୍ରଭୁ ଗଣେଶ, ମା' ଲକ୍ଷ୍ମୀ, ମା' ସରସ୍ୱତୀ, ପ୍ରଭୁ କାର୍ତ୍ତିକେୟ ଏବଂ ମହିଷାସୁରଙ୍କ ସହ ବିରାଜମାନ କରିଛନ୍ତି ।



## ହଜିଗଲା ଚିଠିର ଯୁଗ

# ମନେପଡୁଛି ଡାକବାଲାର ଡାକ



ଡିଜିଟାଲ୍ ଯୁଗରେ ହାତଲେଖା ଚିଠିର ବ୍ୟବହାର କମିଯାଇଛି। ଦିନେ ଡାକବାଲାର ଡାକକୁ ଅପେକ୍ଷା କରୁଥିବା ଲୋକଙ୍କ ପାଇଁ ଚିଠି ଥିଲା ସମ୍ପର୍କ ଓ ଭାବନାର ମାଧ୍ୟମ। ଆଜି ବିଶ୍ୱ ଡାକ ଦିବସରେ ମନେ ପଡୁଛି ସେହି ପୁରୁଣା ଦିନ, ଯେତେବେଳେ ଗୋଟିଏ ଚିଠି ଆଣୁଥିଲା ଅସୁମାରି ଖୁସି।

ଚିଠି। ସମ୍ପର୍କକୁ ଯୋଡ଼ିବାର ମାଧ୍ୟମ। ପୂର୍ବରୁ କେବଳ ଚିଠିଟିଏ ଥିଲା, ଯାହା ବାହାରେ ରହୁଥିବା ଆପଣାର ଲୋକକୁ ପରିବାର ସହ ଯୋଡ଼ି ରଖୁଥିଲା। ଦୁଆର ମୁହଁରେ ପହଞ୍ଚାଉଥିଲା ଆପଣା ଲୋକର ଖବର। ହେଲେ ଏବେ ଆଉ ଆସୁନି ଚିଠି। ଗାଁ ଦାଣ୍ଡରେ ଆଉ ଶୁଭୁନାହିଁ ଡାକବାଲାର ଡାକ। ଯେଉଁ ଡାକରେ ଥିଲା ଅକୁହା କୁହୁକ। ଆଶା ଆଉ ଆକାଂକ୍ଷାରେ ରହୁଥିଲେ ଅନେକ ଅପେକ୍ଷାରତ। ପ୍ରିୟତମଙ୍କ ଚିଠିକୁ ଆଉ ଅପେକ୍ଷା କରି କବାଟ ଫାଙ୍କରୁ ଚାହିଁ ରହୁନି ପ୍ରିୟତମା।

ଡାକବାଲାକୁ ଦେଖି ଧାଇଁ ଆସୁନାହିଁ ପୁଅ, ପଚାରୁନି, ବାପା ଚିଠି ଦେଇଛନ୍ତି କି? ହାତରେ ବାଡ଼ିଟିଏ ଧରି ଡାକବାଲାର ସାଇକେଲ ପାଖକୁ ଆସୁନାହାନ୍ତି ବୁଢ଼ା ବାପା, ପଚାରୁ ନାହାନ୍ତି, ପୁଅର ଡାକ ଆସିଛି କି? ପଠାଇଛି କି ଖର୍ଚ୍ଚ? କୋର୍ଟର ଚିଠି ହେଉ ବା ନିଯୁକ୍ତି ପତ୍ର ସବୁ ସଠିକ୍? ସମୟରେ ପାଇବାର ଭରସା ଓ ବିଶ୍ୱାସର ବାର୍ତ୍ତାବହ ଡାକ ବିଭାଗ। ହେଲେ ଆଜିର ଏ ଡିଜିଟାଲ ଦୁନିଆରେ ସେ ବେଳାର ଆବେଗ ନାହିଁ।

କାରଣ ଏବେ ଚିଠିର ସ୍ଥାନ ନେଇ ସାରିଛି ମୋବାଇଲ। ଗୋଟିଏ ଗୋଟିଏ କ୍ଲିକ୍‌ରେ ମିଳିଯାଉଛିକୋଟିଏ ଖବର। ଖବର ହାତମୁଠାରେ । ହ୍ୱାଟସ୍ଆପ୍, ଫେସବୁକ୍, ଇନ୍‌ଷ୍ଟାଗ୍ରାମରେ ସମସ୍ତେ ବ୍ୟସ୍ତ। ତଥାପି ମନ, ପ୍ରାଣ ଆଉ ହୃଦୟରେ ରହିଛି ଡାକ ବିଭାଗ। ଆଉ ଆଜି ହେଉଛି ସେହି ସମ୍ପର୍କ ଯୋଡୁଥିବା ପୋଷ୍ଟାଲ୍ ବିଭାଗର ଦିନ। ପୋଷ୍ଟାଲ ଡେ'। ହେଲେ ଆଜି କୋଣଠେସା ହୋଇ ରହିଛି ଡାକ ବାକ୍ସ। ଆଉ ନାହିଁ ସେତେଟା ବ୍ୟବହାର କି ଖୋଜାପଡୁନି ଚିଠି ପଠାଇବାକୁ।

# ପିଲାଙ୍କ ଭବିଷ୍ୟତ ପାଇଁ ଖାଲି ପାଦରେ ଦୌଡ଼ିଲେ



ନା ପାଦରେ ଜୋତା... ନା ଦେହରେ ଟ୍ରାକ୍ ସୁଟ୍... ଖାଲି ପାଦ, ଘର ପିନ୍ଧା ଶାଢ଼ୀ... ଏକା ନିଶ୍ୱାସରେ ଧାଇଁଛନ୍ତି... ପେଟ ପାଇଁ, ପିଲାଙ୍କ ପାଇଁ, ଜୀବନ ରଖିବା ପାଇଁ...

ଏ ଦୌଡ଼ିବା ଗୋଟେ ସଂଘର୍ଷ. ଏମାିତ ସେମିତି ସଂଘର୍ଷ ନୁହେଁ, ଯା ପଛରେ ଅଛି ଅନେକ ଅକୁହା କାହାଣୀ, ଅନେକ ଯନ୍ତ୍ରଣା...

ଶାଢ଼ୀ ପିନ୍ଧି ଦୌଡ଼ିଲେ, ପାଦରେ ଜୋତା ନଥିଲା... ୧୬୦୦ ମିଟର ଦୌଡ଼ ୬ ମିନିଟ୍‌ରେ ପୂରା କଲେ କବିତା କୁମାରୀ !

ଝାଡ଼ଖଣ୍ଡର ରାମଗଡ଼ରେ ଚାଲିଥିବା ହୋମଗାର୍ଡ ନିଯୁକ୍ତି ପ୍ରସ୍ତୁତି ସମୟରେ କବିତା କୁମାରୀ ଶାଢ଼ୀ ପିନ୍ଧି, ଖାଲି ପାଦରେ ଫିଜିକାଲ୍ ଟେଷ୍ଟ ଦେଇ ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ଝାଡ଼ଖଣ୍ଡର ୨୭ ବର୍ଷୀୟା କବିତା କୁମାରୀଙ୍କ କାହାଣୀ ସୋସିଆଲ ମିଡିଆରେ ଭାଇରାଲ ହୋଇଛି । ଶାଢ଼ି ପିନ୍ଧି ଖାଲି ପାଦରେ ୧,୬୦୦ ମିଟରର Physiacal test ପାଇଁ ଦୌଡ଼ି ବଡ଼ ବାର୍ତ୍ତା ଦେଇଛନ୍ତି । ଲକ୍ଷ ଲକ୍ଷ ମହିଳାଙ୍କ ପାଇଁ ପ୍ରେରଣା ଦେଇଛନ୍ତି । ରାମଗଡ଼ ଜିଲ୍ଲାର ସୋସୋ ଗାଁର ବାସିନ୍ଦା କବିତା ନିର୍ଦ୍ଧାରିତ ୧୦ ମିନିଟ୍ ସମୟସୀମା ପୂର୍ବରୁ ମାତ୍ର ୬ ମିନିଟ୍‌ରେ ଏହି ଦୌଡ଼ ପୂରା କରି ହୋମଗାର୍ଡ ଚାକିରି ପାଇଁ ଯୋଗ୍ୟତା ହାସଲ କରିଛନ୍ତି।

ଏପରି କରି କବିତା ଖାଲି ଚମକାଇ ନାହାନ୍ତି ତ ସାରା ଦେଶକୁ ବାର୍ତ୍ତା ଦେଇଛନ୍ତି । କବିତାଙ୍କ ଘରର ଆର୍ଥିକ ଅବସ୍ଥା ଏତେ ଖରାପ ଯେ ଦୌଡ଼ିବା ପାଇଁ ଟ୍ରାକ୍ ସୁଟ୍ କିମ୍ବା ଜୋତା କିଣିବାକୁ ମଧ୍ୟ ଟଙ୍କା ନାହିଁ । ହେଲେ ଏ ଅଭାବ ତାଙ୍କ ସ୍ୱପ୍ନର ବାଟ ଅଟକାଇପାରିଲାନି । ମୁଣ୍ଡଫଟା ଖରା ଓ ତତଲା ପଡ଼ିଆଟାରେ ଖାଲି ପାଦରେ, ଶାଢ଼ୀ ପିନ୍ଧି ଦୌଡ଼ିଲେ। ପାଦକୁ କଷ୍ଟ ହେଲେ ବି ଆଖିରେ ଥିଲା ଦୁଇ ପିଲାଙ୍କ ଭୋକିଲା ପେଟ ଆଉ ସେମାନଙ୍କର ଭବିଷ୍ୟତ । ତେଣୁ ସବୁ ଯନ୍ତ୍ରଣା ତାଙ୍କର ଦେହରେ ମିଶିଯାଉଥିଲା ।

କବିତାଙ୍କ ସ୍ୱାମୀ ଦୀପକ ମହତୋ ଗୁଜରାଟରେ କାମ କରୁଥିଲେ। ଅସୁସ୍ଥତା କାରଣରୁ ତାଙ୍କର ମୃତ୍ୟୁ ହୋଇଗଲା। ଯାହା କିଛି ଥିଲା ସ୍ୱାମୀଙ୍କ ଚିକିତ୍ସାରେ ସବୁ ସରିଗଲା । ଏପରି ପରିସ୍ଥିତି ଥିଲା ଯେ ଦି ବେଳି ପେଟକୁ ଦାନା ଯୋଗାଡ଼ କରିବା ବି କଷ୍ଟକର ହୋଇପଡ଼ିଲା। ଆଜି କବିତାଙ୍କ କାନ୍ଧରେ ଦୁଇ ଛୋଟ ପିଲା ଓ ଶାଶୁ-ଶ୍ୱଶୁରଙ୍କ ଦାୟିତ୍ୱ। ପରିବାର ଚଳାଇବା ପାଇଁ ସେ ଇଟାଭାଟିରେ ମଜୁରି କରନ୍ତି । କିନ୍ତୁ ମନରେ ତାଙ୍କର ଇଚ୍ଛା କିଛି ଗୋଟେ ସ୍ଥାୟୀ କାମ ମିଳିଗଲେ ପିଲା, ପରିବାର ଚଳିପାରନ୍ତା । ସେଥିପାଇଁ ମୁଣ୍ଡରେ ଥିଲା ହୋମଗାର୍ଡ ଚାକିରି। ଏଥିପାଇଁ ସେ ନିଜେ ନିଜେ ପ୍ରସ୍ତୁତି ବି ଆରମ୍ଭ ବି କରୁଥିଲେ। ପ୍ରତିଦିନ ଭୋରୁ କିଛି କିଲୋମିଟର ଦୌଡ଼ିବା ଅଭ୍ୟାସ କରୁଥିଲେ, ତା'ପରେ ଘର କାମ, ଆଉ ପରେ ମଜୁରି । ଏତେ ସଂଘର୍ଷ ଭିତରେ ହିଁ କବିତା ଦେଉଥିଲେ ନିଜ ଦୁଇ ପିଲାଙ୍କ ପାଇଁ ସ୍ୱପ୍ନ ।

କବିତାଙ୍କ ଦୌଡ଼ିବା ଭିଡ଼ିଓ ଦେଖିବା ପରେ ସମସ୍ତଙ୍କ ମନରେ ଆଶୀର୍ବଚନ, ଈଶ୍ୱର ତାଙ୍କର ସ୍ୱପ୍ନ ପୂରଣ କରନ୍ତୁ । ତାଙ୍କ ପରିବାରକୁ ସହାୟ ହୁଅନ୍ତୁ ... ସାବାସ୍ କବିତା, ସାବାସ୍...

# ସନ୍ତୁଳିତ ଜୀବନଶୈଳୀ ଆଣେ ସୁସ୍ଥତା



ଆଜିର ଜୀବନଶୈଳୀ ଓ ଖାଦ୍ୟପେୟରେ ଅନିୟମିତତା ଯୋଗୁଁ ଯକୃତ ସମସ୍ୟା ବଢ଼ିବାରେ ଲାଗିଛି। ବିଶେଷ କରି ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ଯକୃତର କାର୍ଯ୍ୟକ୍ଷମତାକୁ ସବୁଠାରୁ ଅଧିକ ପ୍ରଭାବିତ କରିଥାଏ। ଯଦି ଆଧୁନିକ ଚିକିତ୍ସା ବିଜ୍ଞାନ ଓ ଆୟୁର୍ବେଦର ଜ୍ଞାନକୁ ଆପଣାଇ ଆମେ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିପାରିବା, ତେବେ ଯକୃତକୁ ସୁରକ୍ଷିତ ରଖିପାରିବା।

**ମଧୁମେହ ଓ ଉଚ୍ଚ ରକ୍ତଚାପର ନିୟନ୍ତ୍ରଣ:** ଅଧିକ ରକ୍ତଶର୍କରା ଯକୃତର ସୂକ୍ଷ୍ମ ରକ୍ତନଳୀଗୁଡ଼ିକୁ କ୍ଷତିଗ୍ରସ୍ତ କରିଥାଏ ଓ ଉଚ୍ଚ ରକ୍ତଚାପ ଫିଲ୍‌ଟରିଂ ୟୁନିଟ୍ ଉପରେ ଚାପ ପକାଇଥାଏ। ତେଣୁ ଏହାକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ।

**ପରିସ୍ରା ଅଟକାଇବା କ୍ଷତିକାରକ:** ଦୀର୍ଘ ସମୟ କାମ କରିବା, ଯାତ୍ରା କରିବା କିମ୍ବା ବ୍ୟସ୍ତତା ଯୋଗୁଁ ପରିସ୍ରାକୁ ଅଟକାଇ ରଖିବା ମୂତ୍ରାଶୟ ଉପରେ କୁପ୍ରଭାବ ପକାଏ। ଆୟୁର୍ବେଦ ଅନୁଯାୟୀ, ଶରୀରର ପ୍ରାକୃତିକ ବେଗକୁ ରୋକିବା ଦ୍ୱାରା ଅନ୍ତର୍ନିହିତ ଅସନ୍ତୁଳନ ସୃଷ୍ଟି ହୁଏ, ଯାହା ବିପଜ୍ଜନକ ମୂତ୍ରନଳୀ ସଂକ୍ରମଣର ଆଶଙ୍କା ବଢ଼ାଇଥାଏ।

ପର୍ଯ୍ୟାପ୍ତ ପାଣି ପିଅନ୍ତୁ: ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଯକୃତରେ ପଥୁରୀ ହେବାର ଆଶଙ୍କା କମିଥାଏ। ତେବେ ପାଣିର ପରିମାଣ ଶରୀରର ପରିସ୍ଥିତି ଉପରେ ନିର୍ଭର କରେ।

ଖାଦ୍ୟପେୟରେ ସଂଯମ : ଯକୃତ ସମସ୍ୟା ଥିଲେ ପୋଟାସିୟମ୍, ଫସ୍‌ଫରସ୍, ସୋଡିୟମ୍ ଓ ପ୍ରୋଟିନ୍ ମାତ୍ରା ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼େ। ଡାକ୍ତରଙ୍କ ପରାମର୍ଶରେ କାକୁଡ଼ି, ଟମାଟୋ, ଦହି, ଭାତ କିମ୍ବା କିଛି ନିର୍ଦ୍ଦିଷ୍ଟ ଡାଲିର ପରିମାଣ ନିୟନ୍ତ୍ରଣ କରିବାକୁ ପଡ଼ିପାରେ।

ଆୟୁର୍ବେଦ ଔଷଧ ବ୍ୟବହାର: ଆୟୁର୍ବେଦ ଅନୁସାରେ ଗୋକ୍ଷୁର, ପୁନର୍ନବା, ବରୁଣ, ଗିଲୋୟ ଓ ପଥରଚଟା ଭଳି ପ୍ରାକୃତିକ ଔଷଧୀ ଯକୃତର ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ତେବେ ମନେ ରଖିବାକୁ ହେବ ଯେ, ଏସବୁ ସହିତ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଅତ୍ୟନ୍ତ ଜରୁରି।

## ଏମିତି ସେକୁଛନ୍ତି କି ରୁଟି ?

# ଶରୀର ପାଇଁ କ୍ଷତିକାରକ



ରୁଟିକୁ ଆପଣ କେମିତି ସେକୁଛନ୍ତି ଏହା ଉପରେ ନିର୍ଭର କରେ ରୁଟିର ଗୁଣବତ୍ତା। କାରଣ କିଛି ଲୋକ ରୁଟିକୁ ତାୱା ବଦଳରେ ସିଧା ଗ୍ୟାସ୍ ଉପରେ ହିଁ ସେକିବା ଆରମ୍ଭ କରିଦିଅନ୍ତି । ଯାହା ସ୍ୱାସ୍ଥ୍ୟ ପାଇଁ ଆଦୌ ଠିକ୍ ନୁହେଁ । ଯେହେତୁ ଗ୍ୟାସ୍ ଉପରେ ରୁଟିକୁ ସେକିଲେ ଏହା ଫୁଲିବା ସହ ଖାଇବାକୁ ଭଲ ଲାଗିଥାଏ ତେଣୁ ଲୋକ ନିଜ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେବା ବଦଳରେ ପାଟି ସୁଆଦକୁ ଅଧିକ ଦେଖିଥା'ନ୍ତି । ସିଧା ଗ୍ୟାସ୍ ନିଆଁ ଉପରେ ସେକା ରୁଟି ପୂରା ପରିବାରକୁ ହସ୍ପିଟାଲରେ ପହଞ୍ଚାଇପାରେ ।

ସିଧା ଗ୍ୟାସ୍‌ରେ ରୁଟି ସେକିବା ଦ୍ୱାରା ବାୟୁ ପ୍ରଦୂଷକ ନିର୍ଗତ ହୁଏ ଯାହାକୁ WHO କ୍ଷତିକାରକ ବୋଲି କହିଛି । ଏହି ପ୍ରଦୂଷକଗୁଡ଼ିକ ମଧ୍ୟରେ କାର୍ବନ ମନୋକ୍ସାଇଡ୍ ଏବଂ ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍ ଅନ୍ତର୍ଭୁକ୍ତ । ଫୁଡ୍ ଷ୍ଟାଣ୍ଡାର୍ଡସ୍ ଅଷ୍ଟ୍ରେଲିଆ ଏବଂ ନ୍ୟୁଜିଲାଣ୍ଡର ବୈଜ୍ଞାନିକ ଡକ୍ଟର ପଲ୍ ବ୍ରେଣ୍ଟଙ୍କ ଦ୍ୱାରା ପ୍ରକାଶିତ ଗବେଷଣାରେ କୁହାଯାଇଛି ଯେ ସିଧାସଳଖ ଗ୍ୟାସର ନିଆଁରେ ରୁଟି ସେକିବା ଦ୍ୱାରା କର୍କଟ ରୋଗ ସୃଷ୍ଟି ହୋଇପାରେ ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ।

ଡାକ୍ତରଙ୍କ ମତରେ ଉଚ୍ଚ-ତାପମାତ୍ରା ରୋଷେଇ ମାଧ୍ୟମରେ ଯେଉଁ ରାସାୟନିକ ପଦାର୍ଥ ସୃଷ୍ଟି ହୁଏ ତାହା DNA କ୍ଷତି କରିବାର ସମ୍ଭାବନା ଅଛି । ଯଦି ଜଣେ ବ୍ୟକ୍ତି ନିୟମିତ ଭାବରେ ଏପରି ଖାଦ୍ୟ ଖାଆନ୍ତି ତେବେ ହିଁ କର୍କଟ ରୋଗ ଆପଣଙ୍କ ଶରୀରରେ ପ୍ରବେଶ କରିବ । ତେବେ ତାୱାରେ ରୁଟି ପ୍ରସ୍ତୁତ କରିବା ଭଲ । ବେଳେବେଳେ ଗ୍ୟାସ୍ ଉପରେ ରୁଟି ସେକିଲେ ଚଳିବ କିନ୍ତୁ ପ୍ରତିଦିନ ଯଦି ଏଭଳି ପଦ୍ଧତିରେ ରୁଟି ସେକୁଛନ୍ତି ତା'ହେଲେ ଆଜି ହିଁ ପରିବର୍ତ୍ତନ କରନ୍ତୁ । ସୁସ୍ଥ ଖାଆନ୍ତୁ, ସୁସ୍ଥ ରୁହନ୍ତୁ ।





## ତ୍ୱଚାକୁ ସତେଜ ରଖେ

# ପିଜୁଳି



- ପିଜୁଳିରେ ୮୦% ପାଣି ରହିଥାଏ ଯାହା ତ୍ୱଚାର ଆର୍ଦ୍ରତା ବଜାୟ ରଖେ। ତା'ଛଡା ଏଥିରେ ରୋଗପ୍ରତିରୋଧକ ଶକ୍ତି ପ୍ରଚୁର ପରିମାଣରେ ଭରି ରହିଛି। ପିଜୁଳିରେ ଫାଇବର ଅଧିକ ମାତ୍ରାରେ ରହିଥିବାରୁ ତାହା ମଧୁମେହ ରୋଗୀଙ୍କ ପାଇଁ ବହୁତ ଉପକାରୀ।
- ପିଜୁଳି ନିୟମିତ ଖାଇବା ଦ୍ୱାରା ଥଣ୍ଡା ହେବାର ସମ୍ଭାବନା କମ୍ ରହିଥାଏ। ପିଜୁଳିରେ ଥିବା ଭିଟାମିନ୍ ଏ' ଓ ଇ' ଆଖି, ଚୁଟି ଏବଂ ତ୍ୱଚା ପାଇଁ ବହୁତ ଭଲ।
- ପିଜୁଳିରେ ଥିବା ଲାଇକୋପିନ୍ ନାମକ ପୋଷକ ତତ୍ତ୍ୱ କ୍ୟାନସର ଏବଂ ଟ୍ୟୁମର ହେବାର ସମ୍ଭାବନାରୁ ଦୂରେଇ ରଖେ। ପିଜୁଳିରେ ବିଟା କ୍ୟାରୋଟିନ୍ ଥିବାରୁ ତାହା ତ୍ୱଚା ସହ ଜଡିତ ରୋଗରୁ ମୁକ୍ତି ଦେଇଥାଏ।
- ପିଜୁଳି ଖାଇବା ଦ୍ୱାରା ଓଜନ କମ୍ ମଧ ହୋଇଥାଏ। କାରଣ ଏଥିରେ ପ୍ରଚୁର ପରିମାଣରେ ଫାଇବର ଭରି ରହିଛି। ଗୋଟିଏ ପିଜୁଳିରେ ୧୧୨ କ୍ୟାଲୋରୀ ଅଛି ଯାହାକି ବହୁତ ସମୟ ପର୍ଯ୍ୟନ୍ତ ଭୋକ ଲାଗେ ନାହିଁ। ଆହୁରି ମଧ ଏହା ଖାଇବା ଦ୍ୱାରା ଆମର ହଜମ ଶକ୍ତି ବଢିଥାଏ।
- ଯଦି ଆପଣଙ୍କ ପାଟିରୁ ଦୁର୍ଗନ୍ଧ ଆସୁଛି ତେବେ ଏହାର କଅଁଳିଆ ପତ୍ରକୁ ଚୋବାଇଲେ ଏଥିରୁ ବହୁତ ଫାଇଦା ମିଳିଥାଏ। ଏହାର ପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ କ୍ଷମତା ରହିଥିବାରୁ ଏହାର ପତ୍ର ଚୋବାଇଲେ ଦାନ୍ତ ଦରଜ କମ୍ ହୋଇଥାଏ।
- ପିଜୁଳି ଖାଇବା ଦ୍ୱାରା ତ୍ୱଚାରେ ଥିବା ମୃତ କୋଷିକାଗୁଡିକ ଠିକ୍ ହୋଇଯାଏ ଯଦ୍ୱାରା ତ୍ୱଚାରେ ଭାଙ୍ଗ ପଡେନାହିଁ। ପିଜୁଳି ପତ୍ରକୁ ଗୁଣ୍ଡ କରି ତାହାର ପେଷ୍ଟ ତିଆରି କରି ଆଖି ତଳେ ଥିବା କଳା ଦାଗ ଉପରେ ଲଗାଇଲେ ଦାଗ ମଧ ଲିଭିଯାଏ।



# ପିଠିରେ ଶିଶୁକୁ ବାନ୍ଧି ପେଟ୍ରୋଲ ପମ୍ପରେ କାମ କରୁଛନ୍ତି ମା'




ସୋସିଆଲ ମିଡିଆରେ ଏବେ ଲଦାଖର ଏକ ସ୍ଥାନୀୟ ପେଟ୍ରୋଲ ପମ୍ପର ଭିଡିଓ ଦ୍ରୁତ ଗତିରେ ଭାଇରାଲ ହେଉଛି। ଏହି ଭିଡିଓ ଲକ୍ଷ ଲକ୍ଷ ଲୋକଙ୍କ ହୃଦୟ ଜିତିଛି। ପ୍ରବଳ ଥଣ୍ଡାରେ ଜଣେ ମହିଳା କର୍ମଚାରୀ ନିଜ ପିଠିରେ କପଡ଼ା ସାହାଯ୍ୟରେ ଛୋଟ ଶିଶୁଟିକୁ ବାନ୍ଧି ନିଜ କାମ କରୁଥିବା ଦେଖିବାକୁ ମିଳିଛି। ମା'ର ମମତା ଓ ଅଦମ୍ୟ ସଂଘର୍ଷର ଏହି ଦୃଶ୍ୟ ଦେଖି ଲୋକେ ଭାବପ୍ରବଣ ହୋଇପଡ଼ିଛନ୍ତି। ସୋସିଆଲ ମିଡିଆରେ ଅନେକ ଲୋକ ଏହି ମହିଳାଙ୍କୁ 'ଆଧୁନିକ ଝାନ୍ସୀରାଣୀ' କହି ପ୍ରଶଂସା କରୁଛନ୍ତି। ଭିଡିଓଟି ଭାଇରାଲ ହେବା ପରେ ଦେଶର ବିଭିନ୍ନ ସ୍ଥାନରୁ ଲୋକେ ଏହି କର୍ମଜୀବୀ ମା'ଙ୍କୁ ସହାୟତା କରିବା ପାଇଁ ଆଗେଇ ଆସୁଛନ୍ତି।

## ପିଠିରେ ଶିଶୁକୁ ବାନ୍ଧି କରୁଛନ୍ତି କାମ

ଭାଇରାଲ ଭିଡିଓରେ ଲଦାଖର ପ୍ରବଳ ଥଣ୍ଡା ଓ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ମହିଳା ଜଣକ ନିଷ୍ଠାର ସହ ନିଜ କର୍ତ୍ତବ୍ୟ ପାଳନ କରୁଥିବା ଦେଖାଯାଇଛି। ଭିଡିଓ ଆରମ୍ଭରେ ସେ ପେଟ୍ରୋଲ ପମ୍ପ ସାମ୍ନାରେ ଠିଆ ହୋଇଥିବା ଦେଖିବାକୁ ମିଳୁଛି। ଜଣେ ମୋଟରସାଇକେଲ ଚାଳକ ତେଲ ପକାଇବା ପାଇଁ ଆସିବା ପରେ ମହିଳା ଜଣକ ତତ୍ପରତାର ସହ ନିଜ ସ୍ଥାନରୁ ଓହ୍ଲାଇ ଆସିଛି ?ଗ୍ରାହକଙ୍କୁ ତେଲ ଦେଉଛନ୍ତି। ସେ ପଛକୁ ବୁଲିବା ମାତ୍ରେ ତାଙ୍କ ପିଠିରେ ହଳଦିଆ ଓ ବାଦାମୀ ରଙ୍ଗର କପଡ଼ାରେ ବନ୍ଧା ହୋଇଥିବା ଛୋଟ ଶିଶୁ ଥିବା ନଜରକୁ ଆସୁଛି।

# ପଦ୍ମାସନର ଉପକାର

ପଦ୍ମାସନ କରିବା ଦ୍ୱାରା ମାଂସପେଶୀର ଥକାପଣ ଦୂର ହୋଇଥାଏ। ତା' ସହିତ ସହନଶୀଳତା (ଷ୍ଟାମିନା) ମଧ୍ୟ ବଢ଼ିଥାଏ। ସେହିପରି ମାଂସପେଶୀ ଓ ଗଣ୍ଠି ମଧ୍ୟ ଫ୍ଲେକ୍ସିବଲ୍ ହୋଇଥାଏ। ଏଥିପାଇଁ ପ୍ରଥମେ ଚଟାଣ ଉପରେ ବସି ପଡନ୍ତୁ। ଦୁଇ ପାଦକୁ ଆଗକୁ ଲମ୍ବ କରି ମେରୁଦଣ୍ଡକୁ ସିଧା ରଖନ୍ତୁ। ତା' ପରେ ଡାହାଣ ଗୋଡର ଆଣ୍ଠୁକୁ ମୋଡି ବାମ ଜଙ୍ଘ ତଳେ ରଖନ୍ତୁ। ତା' ପରେ ସେହିପରି ବାମ ଗୋଡର ଆଣ୍ଠୁକୁ ମୋଡି ଡାହାଣ ଜଙ୍ଘ ତଳେ ରଖନ୍ତୁ। ସେପରି ଦୁଇପାଦ ପେଟ ପାଖରେ ରହିବ। ସିଧା ହୋଇ ବସନ୍ତୁ। ଏବେ ଦୁଇ ହାତର ବୁଢ଼ା ଓ ବିଶି ଆଙ୍ଗୁଳିକୁ ହାଲ୍‌କା ଭାବେ ଯୋଡି ଅଣ୍ଠୁ ଉପରେ ରଖନ୍ତୁ। ଏଥିସହିତ ଗଭୀର ଭାବେ ନିଃଶ୍ୱାସ ଛାଡିବା ସହ ପ୍ରଶ୍ୱାସ ନିଅନ୍ତୁ।







## ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ'ର ଟ୍ରେଲର ରିଲିଜ୍

# ଓଲିଉଡରୁ ବଲିଉଡ: ନିର୍ଦ୍ଦେଶକ ସାଜିଲେ ଭୂପିନ୍ଦର, ସମ୍ପୂର୍ଣ୍ଣ ସୁଟିଂ ଓଡ଼ିଶା ମାଟିରେ



***ଆଙ୍କରିଂରୁ କ୍ୟାରିୟର ଆରମ୍ଭ କରି 'ଶୁଭ ବିବାହ' ଓ 'ଜଗୁ ଅଟୋ ବାଲା' ଭଳି ହିଟ୍ ଓଡ଼ିଆ ଫିଲ୍ମର ପ୍ରଯୋଜନା କରିଥିବା ଭୂପିନ୍ଦର 'ଲୋହିତାକ୍ଷ' ଜରିଆରେ ବଲିଉଡର ବଡ଼ ବଡ଼ କଳାକାରଙ୍କ ସହ ଓଡ଼ିଆ ପ୍ରତିଭାଙ୍କ ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରିଛନ୍ତି।***

**ଭୁବନେଶ୍ୱର:** ଗଣ ବିକାଶ ଫିଲ୍ମସ ବ୍ୟାନରରେ ନିର୍ମିତ ବହୁପ୍ରତୀକ୍ଷିତ ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ'ର ଟ୍ରେଲର ଭବ୍ୟ ସମାରୋହରେ ଉନ୍ମୋଚିତ ହୋଇଯାଇଛି। ଓଲିଉଡ଼ର ଜଣାଶୁଣା ଅଭିନେତା ତଥା ପ୍ରଯୋଜକ ଭୂପିନ୍ଦର ଏହି ଚଳଚ୍ଚିତ୍ର ମାଧ୍ୟମରେ ପ୍ରଥମ ଥର ପାଇଁ ବଲିଉଡ଼ରେ ନିର୍ଦ୍ଦେଶକ ଭାବେ ପାଦ ଥାପିଛନ୍ତି। ଏକ ସତ୍ୟ ଘଟଣା ତଥା ମର୍ଡର ମିଷ୍ଟ୍ରି ଉପରେ ଆଧାରିତ ଏହି ଚଳଚ୍ଚିତ୍ରର ସମ୍ପୂର୍ଣ୍ଣ ସୁଟିଂ ଓଡ଼ିଶା ମାଟିରେ ହୋଇଛି, ଯାହା ସାରା ଦେଶରେ ଓଡ଼ିଶାର କଳା ଓ ପ୍ରତିଭାକୁ ଏକ ନୂଆ ପରିଚୟ ଦେବ।

ଟ୍ରେଲର ରିଲିଜ୍ କାର୍ଯ୍ୟକ୍ରମ 'ବିନା ଡୋର' ଦ୍ୱାରା ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଭୂପିନ୍ଦରଙ୍କ ବନ୍ଧୁ ସନ୍ଦୀପ ଅଗ୍ରୱାଲ, ବବି ମିଶ୍ର, ଜୀବନ ପଣ୍ଡା, ନିଶାନ୍ତ ମଜିଠିଆ, ମୋହନ ମଜିଠିଆ, ସୁମନ ମହାରଣା, ଗୌରବ ମହାନ୍ତି, ଶ୍ରୁତି ଶୁଭଶ୍ରୀ, କଣ୍ଠଶିଳ୍ପୀ ଅମ୍ରିତା ଭାରତୀ ଏବଂ ସ୍ୱର୍ଗତ ଅଭିଜିତ ମଜୁମଦାରଙ୍କ ଧର୍ମପତ୍ନୀ ରଞ୍ଜିତା ମଜୁମଦାରଙ୍କ ସମେତ ୧୦୦ରୁ ଊର୍ଦ୍ଧ୍ୱ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ଯୋଗଦେଇଥିଲେ। ଟ୍ରେଲରର ସସପେନ୍ସ ଓ ନିର୍ମାଣ ଶୈଳୀକୁ ଉପସ୍ଥିତ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ।

ଆଙ୍କରିଂରୁ କ୍ୟାରିୟର ଆରମ୍ଭ କରି 'ଶୁଭ ବିବାହ' ଓ 'ଜଗୁ ଅଟୋ ବାଲା' ଭଳି ହିଟ୍ ଓଡ଼ିଆ ଫିଲ୍ମର ପ୍ରଯୋଜନା କରିଥିବା ଭୂପିନ୍ଦର 'ଲୋହିତାକ୍ଷ' ଜରିଆରେ ବଲିଉଡର ବଡ଼ ବଡ଼ କଳାକାରଙ୍କ ସହ ଓଡ଼ିଆ ପ୍ରତିଭାଙ୍କ ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରିଛନ୍ତି। ବଲିଉଡର ବରିଷ୍ଠ ଅଭିନେତା ପୁନୀତ ଇଶାରଙ୍କ ସୁପୁତ୍ର ସିଦ୍ଧାନ୍ତ ଇଶାର ଏହି ଫିଲ୍ମ ଜରିଆରେ ଡେବ୍ୟୁ କରୁଥିବା ବେଳେ ଅଭିନେତ୍ରୀ ଅପସରା, କମଲେଶ ସାୱନ୍ତ ଓ ସୁକୁମାର ଟୁଡୁ ପ୍ରମୁଖ ଅଭିନୟ କରିଛନ୍ତି। ଏହାସହ ଓଲିଉଡରୁ ବବି ମିଶ୍ର, ଭୂପିନ୍ଦର, ଗୌରବ ମହାନ୍ତି, ଦୀପେଶ, ଜୀବନ ପଣ୍ଡା, ମୋହନ ମଜିଠିଆ, ସୁଶାନ୍ତ ଦାସ ମହାପାତ୍ର, ଦୀପାଳି, ଶ୍ରୁତି ଶୁଭଶ୍ରୀ ଓ ସୁମନ ମହାରଣା ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ।

କଟକ ମାଟିର ପୃଷ୍ଠଭୂମି ଉପରେ ପର୍ଯ୍ୟବସିତ ଏହି କାହାଣୀକୁ ଦୀପାଳି ଦେବସ୍ମିତା ଦାଶ ଲେଖିଥିବା ବେଳେ ଚିତ୍ରନାଟ୍ୟ, ପ୍ରଯୋଜନା ଓ ନିର୍ଦ୍ଦେଶନା ଭାର ନିଜେ ଭୂପିନ୍ଦର ତୁଲାଇଛନ୍ତି। ସଂଳାପ ରଚନା କରିଛନ୍ତି ନିଶାନ୍ତ ମଜିଠିଆ। ଚିତ୍ରଗ୍ରହଣ ସାରଦା କୃଷ୍ଣ ସାହୁ ଏବଂ ସମ୍ପାଦନା ମାନସ କୁମାର ସାହୁ କରିଛନ୍ତି। ସ୍ୱର୍ଗତ ଅଭିଜିତ ମଜୁମଦାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଥିମ୍ ଗୀତ କମ୍ପୋଜ କରିଛନ୍ତି ଅଭିଜିତ ତ୍ରିପାଠୀ। ସଙ୍ଗୀତରେ ନବ୍ଯ ଓ ସରୋଜ ସହଯୋଗ କରିଛନ୍ତି। କାର୍ଯ୍ୟକାରୀ ପ୍ରଯୋଜକ ଭାବେ ସଞ୍ଜୟ ମହାକୁଡ଼ ଏବଂ ପ୍ରଚାର-ପ୍ରସାର ତଥା ମିଡିଆ ପାର୍ଟନର ଭାବେ ମୁକେଶ ରାମ ଦାୟିତ୍ୱ ସମ୍ଭାଳିଛନ୍ତି।

ପ୍ରଭୁ ଶ୍ରୀଜଗନ୍ନାଥ ଓ ସ୍ୱର୍ଗତ ପିତାମାତାଙ୍କ ଆଶୀର୍ବାଦରୁ ଏହି ଯାତ୍ରା ସମ୍ଭବ ହୋଇଛି ବୋଲି ଭୂପିନ୍ଦର ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି। ଏହି ଫିଲ୍ମ ମାଧ୍ୟମରେ ସମାଜକୁ ଏକ ସୁନ୍ଦର ବାର୍ତ୍ତା ଦିଆଯାଇଛି। ଆସନ୍ତା ନଭେମ୍ବର ମାସରେ ଚଳଚ୍ଚିତ୍ରଟି ସାରା ଭାରତରେ ମୁକ୍ତିଲାଭ କରିବ ବୋଲି ସୂଚନା ମିଳିଛି।

## ଏସୀୟ ଚାମ୍ପିଅନ୍ସ ଟ୍ରଫି

# ଭାରତୀୟ ଦଳରେ ଓଡ଼ିଶାରୁ ୩



**ଭୁବନେଶ୍ୱର:** ପଞ୍ଜାବରେ ହେବାକୁ ଥିବା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ଲାଗି ମଙ୍ଗଳବାର ଭାରତୀୟ ଦଳ ଘୋଷିତ ହୋଇଛି। ଏହି ପ୍ରତିଯୋଗିତା ଚଳିତ ମାସ ୨୭ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଜଲନ୍ଧର ଓ ମୋହାଲିରେ ଅନୁଷ୍ଠିତ ହେବ। ହରମନ୍‌ପ୍ରୀତ ସିଂହଙ୍କ ନେତୃତ୍ୱରେ ଘୋଷିତ ୧୮ ଜଣିଆ ଦଳରେ ଓଡ଼ିଶାରୁ ୩ ଜଣ ଅମିତ ରୋହିଦାସ, ଅମନଦୀପ ଲାକ୍ରା ଓ ଶିଳାନନ୍ଦ ଲାକ୍ରା ରହିଛନ୍ତି। ଗୋଲ୍‌କିପର କୃଷ୍ଣ ବାହାଦୁର ଠାକୁର ଦଳକୁ ଫେରିଥିଲା ବେଳେ ଡିଫେଣ୍ଡର ଅମନଦୀପ ଓ ମିଡ୍‌ଫିଲ୍ଡର ଆଦିତ ଅର୍ଜୁନ ଲାଲାଗେଙ୍କୁ ପୁଣି ଥରେ ବରିଷ୍ଠ ଦଳରେ ସୁଯୋଗ ମିଳିଛି।

ମିଡ୍‌ଫିଲ୍ଡର ବିଷ୍ଣୁକାନ୍ତ ସିଂହ ଓ ଫରୱାର୍ଡ ଅଙ୍ଗଦ ବୀର ସିଂହ ରିଜର୍ଭ ଖେଳାଳି ରହିଛନ୍ତି। ଭାରତ ଉଦ୍‌ଘାଟନୀ ଦିବସରେ ବାଂଲାଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ୨୯ରେ ଚୀନ୍, ୩୦ରେ ଜାପାନ, ନଭେମ୍ବର ୧ରେ ମାଲେସିଆ ଓ ୨ରେ କୋରିଆ ବିପକ୍ଷରେ ଖେଳି ପ୍ରଥମ ପର୍ଯ୍ୟାୟ ଶେଷ କରିବ। ୬ ଦଳୀୟ ପ୍ରତିଯୋଗିତାର ପ୍ରଥମ ପର୍ଯ୍ୟାୟରେ ଶୀର୍ଷ ୪ ସ୍ଥାନରେ ଥିବା ଦଳ ୪ ତାରିଖରେ ୨ଟି ସେମିଫାଇନାଲ୍ ମୁହାଁମୁହିଁ ହେବେ। ୫ ତାରିଖରେ ଫାଇନାଲ୍ ? ମ୍ୟାଚ୍ ଖେଳାଯିବ। ଭାରତୀୟ ଦଳ: ଗୋଲି-ସୂରଜ କରକେରା, କୃଷ୍ଣ ବାହାଦୁର ପାଠକ, ଡିଫେଣ୍ଡର-ସଞ୍ଜୟ, ହରମନ୍‌ପ୍ରୀତ ସିଂହ (ଅଧିନାୟକ), ଅମିତ ରୋହିଦାସ, ଯୁଗରାଜ ସିଂହ, ଜର୍ମନପ୍ରୀତ ସିଂହ, ଅମନଦୀପ ଲାକ୍ରା, ମିଡ୍ ?ଫିଲ୍ଡର-ରାଜିନ୍ଦର ସିଂହ, ଆଦିତ୍ୟ ଅର୍ଜୁନ ଲାଲାଗେ, ନୀଳକାନ୍ତ ଶର୍ମା, ହାର୍ଦିକ ସିଂହ, ମନପ୍ରୀତ ସିଂହ, ଫରୱାର୍ଡ-ଶିଳାନନ୍ଦ ଲାକ୍ରା, ଅଭିଷେକ, ସୁଖଜିତ ସିଂହ, ଦିଲପ୍ରୀତ ସିଂହ, ମନଦୀପ ସିଂହ।

# 'ଲୋହିତାକ୍ଷ'ରେ ନୂଆ ଅବତାରରେ ନଜର ଆସିବେ ଅପ୍ସରା ରାଣୀ





***ରହସ୍ୟ, ରୋମାଞ୍ଚ ଓ ହତ୍ୟାକାଣ୍ଡର କାହାଣୀକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ***

**ଓଡ଼ିଶା ନିଶବ୍ଦ, ଭୁବନେଶ୍ୱର:** ନିଜର ଆକର୍ଷଣୀୟ ଅଭିନୟ ଓ ଭିନ୍ନ ଅନ୍ଦାଜ ପାଇଁ ପରିଚିତ ଅଭିନେତ୍ରୀ ଅପ୍ସରା ରାଣୀ ଏବେ ଏକ ନୂଆ ଭୂମିକାରେ ଦର୍ଶକଙ୍କ ସାମ୍ନାକୁ ଆସିବାକୁ ଯାଉଛନ୍ତି। ଗଣ ବିକାଶ ଫିଲ୍ମସ ବ୍ୟାନରରେ ନିର୍ମିତ ବହୁପ୍ରତୀକ୍ଷିତ ହିନ୍ଦୀ ଚଳଚ୍ଚିତ୍ର 'ଲୋହିତାକ୍ଷ'ରେ ତାଙ୍କର ଅଭିନୟ ଦେଖିବାକୁ ମିଳିବ। ଏହି ଖବର ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ନୂଆ ଉତ୍ସାହ ସୃଷ୍ଟି କରିଛି।

ନିର୍ଦ୍ଦେଶକ ଭୂପିନ୍ଦରଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ସିନେମା ଏକ ସତ୍ୟ ଘଟଣା ଏବଂ ହତ୍ୟା ରହସ୍ୟକୁ ଆଧାର କରି ଗତିଶୀଳ ହୋଇଛି। ରହସ୍ୟ, ରୋମାଞ୍ଚ ଓ ଘଟଣାକ୍ରମର ଜଟିଳତା ଚଳଚ୍ଚିତ୍ରଟିକୁ ଦର୍ଶକଙ୍କ ପାଇଁ ଆକର୍ଷଣୀୟ କରିବ ବୋଲି ଆଶା କରାଯାଉଛି।

ଏହି ଚଳଚ୍ଚିତ୍ର ମାଧ୍ୟମରେ ବଲିଉଡ୍ର ବରିଷ୍ଠ ଅଭିନେତା ପୁନୀତ ଇସାର୍ ଙ୍କ ପୁଅ ସିଦ୍ଧାନ୍ତ ଇସାର୍ ଅଭିନୟ ଜଗତରେ ପଦାର୍ପଣ କରୁଛନ୍ତି। ତାଙ୍କ ସହ ଅପ୍ସରା ରାଣୀ, କମଲେଶ ସାୱନ୍ତ ଓ ସୁକୁମାର ଟୁଡୁ ପ୍ରମୁଖ ଅଭିନୟ କରିଛନ୍ତି। ଅପ୍ସରା ରାଣୀଙ୍କ ନୂଆ ଚରିତ୍ର ଓ ସିଦ୍ଧାନ୍ତ ଇସାର୍ ଙ୍କ ଡେବ୍ୟୁକୁ ନେଇ 'ଲୋହିତାକ୍ଷ' ଏବେ ଚର୍ଚ୍ଚାରେ। ଚଳଚ୍ଚିତ୍ରଟିର କାହାଣୀ ଓ କଳାକାରଙ୍କ ଅଭିନୟ ଦର୍ଶକଙ୍କ ମନ ଜିଣିବାରେ କେତେ ସଫଳ ହେଉଛି, ତାହା ରିଲିଜ୍ ପରେ ଜଣାପଡ଼ିବ।

# ଇତିହାସ ରଚିଥିବା ଆମ୍ପାୟର ସାର ଡମ୍ବାନେୱାନାଙ୍କ ପରଲୋକ



**ହରାରେ:** ଜିମ୍ବାୱେର ପୂର୍ବତନ ବୋଲର ଏବଂ ଅନ୍ତର୍ଜାତୀୟ ଆମ୍ପାୟର ସାରା ଡମ୍ବାନେୱାନଙ୍କ ସୋମବାର ପରଲୋକ ହୋଇଯାଇଛି। ସେ ମାତ୍ର ୩୬ ବର୍ଷ ବୟସର ଥିଲେ। ଜିମ୍ବାୱେ କ୍ରିକେଟ ତାଙ୍କର ପରଲୋକ ନେଇ ସ୍ପଷ୍ଟ କରିଛି। ମାର୍ଚ୍ଚ ମାସରେ ହୋଇଥିବା ଏକ ମେଡିକାଲ ସର୍ଜରୀ ପରେ ସେ ଗତ କିଛି ମାସ ହେବ ଡାକ୍ତରଖାନାରେ ଭର୍ତ୍ତି ଥିଲେ, ଯେଉଁଠାରେ ସେ ଅନ୍ତିମ ନିଶ୍ୱାସ ନେଇଛନ୍ତି। ୨୦୦୯ରୁ ୨୦୧୪ ମଧ୍ୟରେ ଜିମ୍ବାୱେ ପାଇଁ ଅନ୍ତର୍ଜାତୀୟ କ୍ରିକେଟ୍ ? ଖେଳିଥିବା ଡମ୍ବାନେୱାନା ପରେ ଅମ୍ପାୟାରିଂରେ ପାଦ ଥାପିଥିଲେ ଏବଂ ବିଶ୍ୱମଞ୍ଚରେ ଅନେକ ଐତିହାସିକ ରେକର୍ଡ ନିଜ ନାମରେ ଦାଖଲ କରିଥିଲେ। ଏହା ପରେ ତାଙ୍କର ନାମ ଅନେକ ଐତିହାସିକ ଉପଲବ୍ଧି ହାସଲ ହୋଇଥିଲା। ଏତଦ୍ ବ୍ୟତୀତ ସେ ୨୦୨୨ରେ ଆଇସିସିର ଡେଭଲପମେଣ୍ଟ ପ୍ୟାନେଲ ଅଫ୍ ଅମ୍ପାୟାରର୍ସ ସହିତ ଜଡ଼ିତ ଥିଲେ। ଅମ୍ପାୟାର ହେବା ପୂର୍ବରୁ ସେ ଜଣେ ଖେଳାଳି ଭାବେ ମଧ୍ୟ ଦେଶରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ୨୦୧୧ର ବିଶ୍ୱକପ କ୍ୱାଲିଫାୟରରେ ଜିମ୍ବାୱେ ଦଳର ସଦସ୍ୟ ଥିଲେ।

# ମହିଳା ଦିନିକିଆ ମାନ୍ୟତା: ସ୍ମୃତି ଶୀର୍ଷରେ ସ୍ଥିର



**ଦୁବାଇ:** ଭାରତୀୟ ମହିଳା କ୍ରିକେଟ୍ ଦଳର ନୂଆ ଅଧିନାୟିକା ସ୍ମୃତି ମନ୍ଧାନା ମଙ୍ଗଳବାର ଆଇସିସି ଦ୍ୱାରା ପ୍ରକଶିତ ଦିନିକିଆ ବ୍ୟାଟିଂ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ସେ ୭୯୦ ପଏଣ୍ଟ ସହ ଏହି ସ୍ଥାନରେ ଥିବା ବେଳେ ହରମନ୍‌ପ୍ରୀତ କୌର ନବମରେ ରହିଛନ୍ତି। ବୋଲିଂ ମାନ୍ୟତାରେ ଦୀପ୍ତି ଶର୍ମା ଗୋଟିଏ ସ୍ଥାନ ଖସି ନବମରେ ରହିଛନ୍ତି।

ଟ୍ୱେଣ୍ଟି-୨୦ ମାନ୍ୟତାରେ ଶେଫାଳି ବର୍ମା (୭୫୯ ପଏଣ୍ଟ), ସ୍ମୃତି (୭୫୪ ପଏଣ୍ଟ) ଓ ହରମନ୍ ?ପ୍ରୀତ (୬୫୬ ପଏଣ୍ଟ) ଯଥାକ୍ରମେ ଚତୁର୍ଥ, ପଞ୍ଚମ ଓ ଦଶମ ସ୍ଥାନରେ ରହିଛନ୍ତି। ବୋଲିଂରେ ଶ୍ରୀ ଚାରଣୀ (୮୧୭) ଓ ଦୀପ୍ତି ଶର୍ମା (୭୫୪) ଯଥାକ୍ରମେ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ଅଲ୍‌ରାଉଣ୍ଡରରେ ଭାରତୀୟ ଭାବେ କେବଳ ଦୀପ୍ତି (ଟ୍ୱେଣ୍ଟି-୨୦ରେ ଚତୁର୍ଥ ଓ ଦିନିକିଆରେ ଷଷ୍ଠ) ଶୀର୍ଷ ୧୦ରେ ରହିଛନ୍ତି। ଉଭୟ ଟ୍ୱେଣ୍ଟି-୨୦ ଓ ଦିନିକିଆରେ ଭାରତ ତୃତୀୟରେ ରହିଛି।




| | 125 | NS 125 | N160 S/SS | NS 160 | 220 | NS 400 |
|---|---|---|---|---|---|---|
| ଏକ୍ସ-ଶୋରୁମ୍ ମୂଲ୍ୟ | ₹95 191/- | ₹1 04 082/- | ₹1 21 988/- | ₹1 27 304/- | ₹1 42 166/- | ₹1 86 806/- |
| କ୍ୟାଶ୍ ଅଫର୍ | ₹2 500/- | ₹2 500/- | ₹3 000/- | ₹3 000/- | ₹3 000/- | ₹5 000/- |
| PF ସେଭିଙ୍ଗ + 5 ମାଗଣା ସର୍ଭିସ୍ | ₹3 500/- | ₹3 700/- | ₹4 500/- | ₹4 500/- | ₹4 700/- | ₹7 000/- |
| ମୋଟ ସଞ୍ଚୟ | ₹6 000/- | ₹6 200/- | ₹7 500/- | ₹7 500/- | ₹7 700/- | ₹12 000/- |


Executive Editor : M.M. RAM
Editor : MUKESH RAM
Published & Owned by MUKESH RAM, Bolck B-6, Hi-Tech Plaza, Apartment, Sundarpada, Po.: Kuha, Khordha, Odisha-751002
Printed at : CHANDAN PRINTERS, Plot No. -3, Gopabandhu Chhaka, Unit-8, Bhubaneswar, Khordha, Odisha-541003
କାର୍ଯ୍ୟନିର୍ବାହୀ ସମ୍ପାଦକ: ଏମ୍.ଏମ୍. ରାମ
ସମ୍ପାଦକ : ମୁକେଶ ରାମ